

ଧୀରଜ ସେଠ୍ ଭାରତୀୟ ସେନାର ପରବର୍ତ୍ତୀ ସେନାମୁଖ୍ୟ

ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

“ ରଜ ଉପଲକ୍ଷେ ସମସ୍ତ ପାଠକ ପାଠିକା ଓ ବିତରକ, ବିଜ୍ଞାପନଦାତାଙ୍କୁ 'ସଂଚାର' ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ



Vol. 34 | ISSUE 83 ଭାଗ ୩୪ | ସଂଖ୍ୟା ୮୩ | Sunday 14 June 2026 | Page 8 Rs. 5.00 | ● ଭୁବନେଶ୍ୱର ରବିବାର, ୧୪ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ବାୟୁସେନା ବିମାନ କ୍ରାସ୍: ୫ ମୃତ



● ଲ୍ୟାଣ୍ଡିଂ ବେଳେ ଅଘଟଣ
● ସହ-ବୈମାନିକ ଆହତ ହୋଇଥିବା ସୂଚନା
● ୧୦ ବର୍ଷ ମଧ୍ୟରେ ତୃତୀୟ ବଡ଼ ଦୁର୍ଘଟଣା
● ୧୦ ବର୍ଷରେ ୪୨ରୁ ଅଧିକ ମୃତ
● କାର୍ଗିଲ ଓ ଅପରେସନ୍ ପରାକ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଜୋରହାଟ,୧୩।୬: ଶନିବାର ଆସାମର ଜୋରହାଟସ୍ଥିତ ବାୟୁସେନା ଷ୍ଟେସନ୍ ନିକଟରେ ଲ୍ୟାଣ୍ଡିଂ କରିବାକୁ ଚେଷ୍ଟା କରୁଥିବା ବେଳେ ଭାରତୀୟ ବାୟୁସେନାର କାର୍ଗୋ ବିମାନ ଏଏନ୍-୩୨ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଅପ୍ରତ୍ୟାଶିତ ଦୁର୍ଘଟଣାରେ ୫ ଜଣ ବାୟୁସେନା କର୍ମଚାରୀଙ୍କର ମୃତ୍ୟୁ ହୋଇଛି ବୋଲି ଭାରତୀୟ ବାୟୁସେନା (ଆଇଏଏଫ୍) ନିଶ୍ଚିତ କରିଛି। ଶନିବାର ସକାଳେ ବାୟୁସେନା ପକ୍ଷରୁ କେବଳ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି ବୋଲି କୁହାଯାଇଥିବା ବେଳେ ପରେ ସେଥିରେ ଯାତ୍ରା କରୁଥିବା ସ୍କ୍ୱାଡ୍ରନ୍ ଲିଡର ପ୍ରଶାନ୍ତ ସିଂ, ଫ୍ଲାଇଟ୍ ଲେଫ୍ଟନାଣ୍ଟ ଶୁଭମ୍ କୁମାର, ସର୍ଜେଣ୍ଟ ଜିତେନ୍ଦ୍ର ଶର୍ମା, ଅଗ୍ନିବୀରବାୟୁ ଖେମରାମ କୁମାୱାତ୍ ଓ ଅଗ୍ନିବୀରବାୟୁ ଦାନିଶ୍ ଆଲାମ୍‌ଙ୍କ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି। ଏଥିସହ ବିମାନର ସହ-ବୈମାନିକ (କୋ-ପାଇଲଟ୍) ମଧ୍ୟ ଆହତ ହୋଇଛନ୍ତି ଓ ତାଙ୍କୁ ଜୋରହାଟରେ ଥିବା ବାୟୁସେନାର ମେଡିକାଲ ପ୍ରତିଷ୍ଠାନରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଭାରତୀୟ ବାୟୁସେନା ଶନିବାର ତା'ର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ➪ପୃଷ୍ଠା-୬

## ଆଇସିସି ମହିଳା ଟି-୨୦ ବିଶ୍ୱକପ୍
# ଆଜି ଭାରତ-ପାକ୍ ଲଢ଼େଇ

ବର୍ମିଂହାମ୍,୧୩।୬: ଗତକାଲିଠାରୁ ଆରମ୍ଭ ହୋଇଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ହରମନ୍‌ପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ଦ୍ୱିତୀୟ ଆଇସିସି ଟ୍ରଫି ହାସଲ କରିବା ଲକ୍ଷ୍ୟ ନେଇ ଅଂଶଗ୍ରହଣ କରୁଛି। ଦଳ ଆସନ୍ତାକାଲିଠାରୁ ପ୍ରତିଯୋଗିତାରେ ତା'ର ଅଭିଯାନ କରିବ। ସଂଯୋଗବଶତଃ ଦଳକୁ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଏହି ଅଭିଯାନ ଆରମ୍ଭ କରିବାର ସୁଯୋଗ ମିଳିଛି। ଦୁଇ ଦଳ ଆସନ୍ତାକାଲି ଏଠାକାର ଏଜ୍‌ବାଷ୍ଟନ୍ ଗ୍ରାଉଣ୍ଡରେ ଲଢ଼େଇ କରିବେ। ବିଶେଷକରି ଗତ ବର୍ଷ ଭାରତ ଦିନିକିଆ ବିଶ୍ୱକପ୍‌ରେ ପ୍ରଥମ ଟାଇଟଲ୍ ହାସଲ କରିବା ପରେ ଦଳର ଖେଳାଳିମାନଙ୍କ ମନୋବଳ ବେଶ୍ ଦୃଢ଼ ରହିଛି। ତା'ଛଡ଼ା ପାକିସ୍ତାନ ବିପକ୍ଷରେ ମଧ୍ୟ ଭାରତର ରେକର୍ଡ ବେଶ୍ ସକାରାତ୍ମକ ରହିଛି। ତେଣୁ ହରମନପ୍ରୀତ୍‌ଙ୍କ ଦଳ ଯେ ସମ୍ପୂର୍ଣ୍ଣ ଭାବେ ଦୃଢ଼ ମନୋବଳ ନେଇ ମ୍ୟାଚ୍‌କୁ ଓହ୍ଲାଇବ, ଏହା କହିବା ବାହୁଲ୍ୟ ମାତ୍ର।

ଦୁଇ ଦଳ ମଧ୍ୟରେ ଟି-୨୦ ମ୍ୟାଚ୍‌ର ଇତିହାସ ସମ୍ପର୍କରେ ଆଲୋଚନା କଲେ, ଏଥିରେ ପାକିସ୍ତାନ ଦଳକୁ ନିରାଶ ହେବାକୁ ପଡ଼ିବ।



କାରଣ ଦୁଇ ଦଳ ଟି-୨୦ କ୍ରିକେଟ୍‌ରେ ୧୬ ଥର ପରସ୍ପରକୁ ଭେଟିଥିବା ବେଳେ ଏଥିରେ ଭାରତ ୧୩ ଥର ବିଜୟୀ ହୋଇଛି। ବିଶେଷକରି ଭାରତ ତା'ର ଅନ୍ତିମ ମୁକାବିଲାରେ ଦୁବାଇଠାରେ ଖେଳାଯାଇଥିବା ଗତ ୨୦୨୪ ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ୬ ୱିକେଟ୍‌ରେ ପରାସ୍ତ କରିଛି। ତା'ଛଡ଼ା ଚଳିତ ବିଶ୍ୱକପ୍‌କୁ ଆସିବା ପୂର୍ବରୁ ଭାରତ ମଧ୍ୟ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପରି ଦୁଇଟି ପ୍ରମୁଖ ଦଳ ବିପକ୍ଷରେ ସେମାନଙ୍କ ➪ପୃଷ୍ଠା-୬

# ଏଣିକି ଘର ଭଡ଼ା ଚୁକ୍ତି ବାଧ୍ୟତାମୂଳକ
## ମତାମତ ଓ ଆପତ୍ତି ଅଭିଯୋଗ ଆହ୍ୱାନ କଲା ବିଭାଗ



ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ): ଓଡ଼ିଶାରେ ଘର ଭଡ଼ା ବ୍ୟବସ୍ଥାରେ ବଡ଼ ସଂସ୍କାର। 'ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଅଧିନିୟମ, ୨୦୨୬' ଚିଠା ପ୍ରକାଶ ପାଇଛି। ଏଣିକି ଲିଖିତ ଘର ଭଡ଼ା ଚୁକ୍ତି ହେବା ବାଧ୍ୟତାମୂଳକ। ମୌଖିକ ଚୁକ୍ତିରେ ଘର ଭଡ଼ା ଦେବା-ନେବା ସମ୍ଭବ ନୁହେଁ। ଘର ମାଲିକ-ଭଡ଼ାଟିଆ ମଧ୍ୟରେ ଲିଖିତ ଚୁକ୍ତିନାମା ହେବ। ୨ ମାସରେ ଭଡ଼ା ପ୍ରାଧିକରଣ ଓ ଥାନାରେ ପଞ୍ଜୀକରଣ କରିବାକୁ ହେବ। ଘର ଭଡ଼ା ପାଇଁ ଡିଜିଟାଲ ରେଜିଷ୍ଟ୍ରେସନ୍ ବ୍ୟବସ୍ଥା ହେବ। ଅନଲାଇନ୍ ପୋର୍ଟାଲ୍‌ରେ ଭଡ଼ା ଚୁକ୍ତି ପଞ୍ଜୀକୃତ ହେବ। ଭଡ଼ା ଦର ନିର୍ଦ୍ଧାରଣରେ ସରକାରୀ ହସ୍ତକ୍ଷେପ ରହିବ ନାହିଁ। ଚୁକ୍ତିରେ ଉଲ୍ଲେଖ ଥିଲେ ଘର ମାଲିକ ଭଡ଼ା ବଢ଼ାଇପାରିବେ। ୫୯ ବର୍ଷର ପୁରୁଣା ଆଇନ ପରିବର୍ତ୍ତନ କରି ନୂଆ ଆଇନ ଆସିବ। 'ହାଉସ୍ ରେଣ୍ଟ୍ କଣ୍ଟ୍ରୋଲ୍ ଆକ୍ଟ, ୧୯୬୭' ଓ ୧୯୭୪ ସଂଶୋଧନ ଆଇନ ରଦ୍ଦ ହେବ। କେନ୍ଦ୍ରର ମଡେଲ ଟେନାନ୍ସି ଆକ୍ଟକୁ ଆଧାର କରି ପ୍ରସ୍ତୁତ ଏହି ଚିଠା ଆଇନରେ ଘର ମାଲିକ ଓ ଭଡ଼ାଟିଆଙ୍କ ଅଧିକାର, ➪ପୃଷ୍ଠା-୬

# ଡିଜି ପାହ୍ୟାକୁ ଗଲେ ସୁଧାଂଶୁ ଓ ରଣପିସେ
## ଦେଶର ୩୩ ବରିଷ୍ଠ ଆଇପିଏସ ମନୋନୀତ



ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଉଚ୍ଚସ୍ତରୀୟ ନିଯୁକ୍ତି କମିଟି 'ଆପଏଣ୍ଟମେଣ୍ଟସ୍ କମିଟି ଅଫ୍ ଦ କ୍ୟାବିନେଟ୍' (ଏସିସି) ଦେଶର ୩୩ ଜଣ ବରିଷ୍ଠ ଭାରତୀୟ ପୁଲିସ ସେବା (ଆଇପିଏସ) ଅଧିକାରୀଙ୍କୁ ଡାଇରେକ୍ଟର ଜେନେରାଲ୍ (ଡିଜି) ଓ ଡିଜି ସମକକ୍ଷ ପଦବୀ ପାଇଁ ତାଲିକାଭୁକ୍ତ କରିଛନ୍ତି। ଏଥିରେ ଓଡ଼ିଶା କ୍ୟାଡର୍‌ର ଦୁଇ ଜଣ ବରିଷ୍ଠ ଅଧିକାରୀ ସ୍ଥାନ ପାଇଛନ୍ତି। ଡିଜି ବା ଡିଜି ସମକକ୍ଷ ପଦବୀ ପାଇଁ ତାଲିକାଭୁକ୍ତ ହୋଇଥିବା ଓଡ଼ିଶା କ୍ୟାଡର ଦୁଇ ଅଧିକାରୀ ହେଲେ ୧୯୯୦ ବ୍ୟାଚ୍‌ର ଡଃ ସୁଧାଂଶୁ ଷଡ଼ଙ୍ଗୀ ଓ ୧୯୯୫ ବ୍ୟାଚ୍‌ର ପଦ୍ମାକର ଏସ. ରଣପିସେ। ଏହି ଏମ୍‌ପାନେଲମେଣ୍ଟ ପରେ ଉଭୟ ଅଧିକାରୀ କେନ୍ଦ୍ର ସରକାରଙ୍କ ଅଧୀନରେ ଡିଜିସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପଦବୀରେ ➪ପୃଷ୍ଠା-୬

## ଭୋପାଳ ଗସ୍ତରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ
# ପ୍ରଧାନମନ୍ତ୍ରୀଙ୍କ ୧୨ ବର୍ଷର ଯାତ୍ରା ସୁଶାସନର ସଫଳ ନିଦର୍ଶନ

● ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସହ ଶିକ୍ଷା, ଦକ୍ଷତା ବିକାଶ ଉପରେ ଆଲୋଚନା
● ଲକ୍ଷପତି ଦିଦିଙ୍କ ପ୍ରତିଭାକୁ ପ୍ରଶଂସା



ଭୋପାଳ,୧୩।୬: ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଗତ ୧୨ ବର୍ଷର ଯାତ୍ରା ସେବା, ସୁଶାସନ ଓ ଗରିବ କଲ୍ୟାଣର ସଫଳ ନିଦର୍ଶନ ବୋଲି ଆଜି ମଧ୍ୟପ୍ରଦେଶର ଭୋପାଳ ଗସ୍ତରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ପୃଥକ ପୃଥକ ଭାବରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ, ଜନପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱର ସଫଳ ୧୨ ବର୍ଷ ଉପରେ ସମ୍ବାଦିକଙ୍କ ସହ ଆଲୋଚନା କରିବା ସହ 'ଆତ୍ମନିର୍ଭର ମହିଳା ସମ୍ମାନ' ଓ 'ବିକଶିତ ଭାରତ ସଂକଳ୍ପ: ଏକ ବିକଶିତ ଭାରତ ଅଭିମୁଖେ' କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିଶ୍ୱାସ, ବିକାଶ ଓ ଜନକଲ୍ୟାଣର ୧୨ ବର୍ଷ ସଫଳତାର ସହ ପୂର୍ଣ୍ଣ ହୋଇଛି। ଏହି ଯାତ୍ରା ଦେଶର ପ୍ରତ୍ୟେକ ବର୍ଗକୁ ସାଙ୍ଗରେ ନେଇ ଆଗକୁ ବଢ଼ିବା ଓ ସେବା ଓ ସୁଶାସନର ସଂକଳ୍ପକୁ ମଜବୁତ କରିବାର ଯାତ୍ରା। ଅନ୍ତ୍ୟୋଦୟ ଭାବନା ସହ ଗରିବ, କୃଷକ, ମହିଳା ଏବଂ ଯୁବକମାନଙ୍କୁ କେନ୍ଦ୍ରରେ ରଖାଯାଇଛି। ଆବାସ ➪ପୃଷ୍ଠା-୬

# ଆଜି ଇରାନ୍-ଆମେରିକା ରାଜିନାମା!

ୱାଶିଂଟନ,୧୩।୬: ଆସନ୍ତାକାଲି ଇରାନ୍ ଓ ଆମେରିକା ମଧ୍ୟରେ ଏକ ନୂଆ ଚୁକ୍ତିନାମା ସ୍ୱାକ୍ଷରିତ ହେବ। ଏକଥା କହିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ସୋସିଆଲ ମିଡ଼ିଆ ପ୍ଲାଟ୍‌ଫର୍ମ 'ଟ୍ରୁଥ ସୋସିଆଲ'ରେ ଉଲ୍ଲେଖ କରି ଟ୍ରମ୍ପ କହିଛନ୍ତି ଯେ, ଆମେରିକା ଓ ଇରାନ ମଧ୍ୟରେ ଆସନ୍ତାକାଲି ଏକ ରାଜିନାମା ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି। ତେବେ ଏ ରାଜିନାମା ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ୨୦୧୫ ରାଜିନାମାଠାରୁ ଯଥେଷ୍ଟ ଭିନ୍ନ ଓ ଉନ୍ନତ ହେବ। ଓବାମା ଯେଉଁ ରାଜିନାମା କରିଥିଲେ ସେଥିରେ ଇରାନ ପାଇଁ ନ୍ୟୁକ୍ଲିଅର ଅସ୍ତ୍ର ହାସଲର ଦ୍ୱାର ଖୋଲାଥିଲା। ମାତ୍ର ଆସନ୍ତାକାଲି ଯେଉଁ ନୂଆ ରାଜିନାମା ସ୍ୱାକ୍ଷରିତ ହେବ ତାହା ଇରାନର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମରେ ରୋକ୍ ଲଗାଇବ। ସେହିଭଳି ଏହି ରାଜିନାମା ପରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ସମସ୍ତଙ୍କୁ ପାଇଁ ଉନ୍ମୁକ୍ତ ରହିବ। ଏଗ୍ରିମେଣ୍ଟରେ କୌଣସି ଆର୍ଥିକ ବିନିମୟ ପ୍ରସଂଗକୁ ସାମିଲ କରାଯିବ ନାହିଁ। ଯଦି ଆବଶ୍ୟକ ହୁଏ ତା'ହେଲେ ଇରାନର ଆଣବିକ କ୍ଷମତାକୁ ହ୍ରାସ କରିବା ପାଇଁ ସାମରିକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶେଷରେ ସେ ସ୍ପଷ୍ଟ କରି ଦେଇଛନ୍ତି।

# ୭ ହିଜବୁଲ୍ଲା ବିଦ୍ରୋହୀଙ୍କୁ ହତ୍ୟା

ବିରୁଟ୍,୧୩।୬: ଲେବାନନର ଦକ୍ଷିଣାଞ୍ଚଳ ପ୍ରଦେଶରେ ଗତ ସପ୍ତାହକ ମଧ୍ୟରେ ୭ ଜଣ ହିଜବୁଲ୍ଲା ବିଦ୍ରୋହୀଙ୍କୁ ହତ୍ୟା କରାଯାଇଛି ବୋଲି ଇସ୍ରାଏଲ ସେନା କହିଛି। ଟେଲିଗ୍ରାମରେ ଏକ ପୋଷ୍ଟକରି ଇସ୍ରାଏଲର ସେନା କହିଛି ଯେ, ବିଦ୍ରୋହୀମାନେ ଭୂତଳ ରାସ୍ତାଦେଇ ଆକ୍ରମଣ କରିବାର ଯୋଜନା କରିଥିଲେ। ବାୟୁସେନା, ସ୍ଥଳସେନା ଓ ଡ୍ରୋନ୍ ସହାୟତାରେ ଏମାନଙ୍କୁ ମାଟିତଳେ ହତ୍ୟା କରାଯାଇଥିବା ଇସ୍ରାଏଲ୍‌ର ଜଣେ ସେନା କର୍ମଚାରୀ ଅଲ୍ ଜାଜିରା ଗଣମାଧ୍ୟମକୁ କହିଛନ୍ତି।

# ଭକ୍ତଙ୍କୁ ତାଗିଦ କଲେ ରାହୁଲ



➪ ଅହଂକାର ଛାଡ଼, ଦଳକୁ ଏକଜୁଟ କର
➪ ସମନ୍ୱୟ ନ ରହିଲେ ବିକଳ୍ପ ଚିନ୍ତା

ଭୁବନେଶ୍ୱର,୧୩।୬ (ସଂଚାର ବ୍ୟୁରୋ): ଭକ୍ତ ଚରଣ ଦାସଙ୍କୁ ପିସିସି ସଭାପତି ଦାୟିତ୍ୱ ଦେବା ସମୟରେ ରାହୁଲ ଗାନ୍ଧି ଯେଉଁ ଆଶା ରଖିଥିଲେ, ତାହା ଏବେ ବିଫଳ ହୋଇଛି। ଦଳର ସବୁ ବରିଷ୍ଠ ଓ କନିଷ୍ଠଙ୍କୁ ଏକାଠି ନେଇ ଚାଲିପାରୁନାହାଁନ୍ତି ଭକ୍ତ। ଯେଉଁଥିପାଇଁ ଅସନ୍ତୋଷ ପ୍ରକାଶ କରିଛନ୍ତି ଦଳର ପୂର୍ବତନ ସଭାପତି ରାହୁଲ୍ ଗାନ୍ଧି। ଗତ ଗୁରୁବାର ଦିଲ୍ଲୀରେ ଏଆଇସିସି ସଭାପତି ଡାକିଥିବା ସାଧାରଣ ସମ୍ପାଦକ, ପ୍ରଭାରୀ ଓ ସଭାପତିଙ୍କ ଜରୁରୀ ବୈଠକରେ ଭକ୍ତଙ୍କୁ ଅହଂକାର ଛାଡ଼ି କାମ କରିବାକୁ ରାହୁଲ୍ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଗତ ଗୁରୁବାର ଏଆଇସିସି ପକ୍ଷରୁ ଦିଲ୍ଲୀରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସବୁ ରାଜ୍ୟର କଂଗ୍ରେସ ସାଧାରଣ ସମ୍ପାଦକ, ପ୍ରଭାରୀ ଓ ସଭାପତିମାନେ ଯୋଗ ଦେଇଥିଲେ। ଓଡ଼ିଶା ସମ୍ପର୍କରେ ଆଲୋଚନା ସମୟରେ ଉଭୟ ଏଆଇସିସି ସଭାପତି ଓ ରାହୁଲ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି। ପିସିସି ସଭାପତି ➪ପୃଷ୍ଠା-୬

# ଦଳଡିଆଁ ସୂଚନା ପାଇ ନବୀନଙ୍କ ତରବରିଆ ବୈଠକ



● ଦିଲ୍ଲୀରେ ପହଞ୍ଚିଥିଲେ ହାରୁ ନେତା
● ବିଜେପିରୁ ମିଳୁନି ଗ୍ରୀନ୍ ସିଗ୍ନାଲ

ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ): ନିକଟରେ ଦିଲ୍ଲୀ ଗସ୍ତରୁ ଫେରିବା ପରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ତରବରିଆ ଭାବେ ହାରୁ ନେତା, ବିଶେଷକରି ଗତ ବିଧାନସଭାରେ ନିର୍ବାଚନରେ ହାରିଥିବା ବିଧାୟକ ପ୍ରାର୍ଥୀମାନଙ୍କର ବୈଠକ ଡାକିଥିଲେ। ଏହି ବୈଠକକୁ ନେଇ ନାନା କଥା ଶୁଣାଯାଉଥିବାବେଳେ ଏହା ଉପରୁ ଏବେ ପରଦା ହଟିଛି। କିଛି ହାରୁନେତା ଦିଲ୍ଲୀରେ ପହଞ୍ଚି ଦଳ ଡେଇଁବା ପାଇଁ ଆଲୋଚନାର ଖବର ପହଞ୍ଚିବାପରେ ନବୀନ ଏଭଳି ପଦକ୍ଷେପ ନେଇଥିଲେ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନିକଟରେ ଦଳ ଡେଇଁଥିବା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଭରସାରେ ୧୦ ରୁ ୧୨ ଜଣ ହାରୁ ନେତା ଦିଲ୍ଲୀରେ ପହଞ୍ଚିଥିଲେ। ଏମାନଙ୍କ ମଧ୍ୟରେ ଅବିଭକ୍ତ କଟକ ଜିଲ୍ଲାର ଏକାଧିକ ହାରୁ ନେତା ଥିଲେ।

ଏମାନେ ଦେବାଶିଷଙ୍କ ମାଧ୍ୟମରେ ବିଜେପିର ଜଣେ ବରିଷ୍ଠ ନେତାଙ୍କୁ ଭେଟିଥିଲେ। ହେଲେ ଏହି ନେତା ଜଣଙ୍କ ଏବେ ସାଂସଦଙ୍କ ପାଇଁ ବ୍ୟସ୍ତ ଥିବାରୁ ହାରୁ ବିଧାୟକ ପ୍ରାର୍ଥୀମାନଙ୍କୁ ନେବା ସମ୍ଭବପର ନୁହେଁ ବୋଲି କହିଥିଲେ। ସଫା ସଫା ଶୁଣାଇଥିଲେ ଯେ ଏଥିପାଇଁ ୩/୪ ସ୍ଥାନରେ ଅନୁରୋଧ କରିବାକୁ ପଡ଼ିବ। ତେଣୁ ଏହା ଏବେ ହୋଇପାରିବ ନାହିଁ। ଆଗାମୀ ଦିନରେ ବିଜେଡିର କିଭଳି ଦୁଇ ➪ପୃଷ୍ଠା-୬

## ମହାକାଳପଡ଼ା ମହାଭାରତ
# ଇଜ୍ଜତ ଦିଅ, ନ ହେଲେ ଆରେଷ୍ଟ



## ହସ୍ପିଟାଲ୍ ବେଡ୍‌ରୁ ଉଠାଇନେଲା ପୁଲିସ୍
## ତରବରିଆ ଭାବେ ଏସସିବିକୁ ସ୍ଥାନାନ୍ତର

ମହାକାଳପଡ଼ା,୧୩।୬(ସଂଚାର ବ୍ୟୁରୋ): ମହାକାଳପଡ଼ା ତିଖିରି ସରପଞ୍ଚ ଚାମେଲି ଓଝା ଘଟଣା ଏବେ ରାଜ୍ୟ ବିଜେପିକୁ ଅଡୁଆରେ ପକାଇଛି। ମୁଖ୍ୟମନ୍ତ୍ରୀଙ୍କୁ ଚାମେଲି ସ୍ପଷ୍ଟ ଭାବେ ଚିଠି ଲେଖିବା ପରେ ମଧ୍ୟ ତାଙ୍କୁ ଗିରଫ କରିଛି ମହାକାଳପଡ଼ା ପୁଲିସ। ବିଡିଓଙ୍କ କାର୍ଯ୍ୟାଳୟରୁ ତାଙ୍କୁ ପୁଲିସ ଉଠାଇ ଆଣିବା ସମୟରେ ତାଙ୍କ ଉପରେ ହୋଇଥିବା ଆକ୍ରମଣରେ ସେ ଗୁରୁତର ଅସୁସ୍ଥ ହୋଇଥିଲେ। ତଥାପି ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାରିମୂଳ ଜେଲ୍‌କୁ ପଠାଗଲା। ଅସୁସ୍ଥ ଚାମେଲିଙ୍କୁ ଜେଲରେ ରଖିବାକୁ ଜେଲର୍ ମନା କରିବା ପରେ ତାଙ୍କୁ ପୁଣି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ➪ପୃଷ୍ଠା-୬

### ଅଭିଯୋଗକାରୀ, ଅଭିଯୁକ୍ତ ଓ ଆନ୍ଦୋଳନକାରୀ ସମସ୍ତେ ବିଜେପି

ଚାମେଲି ଘଟଣାରେ ଏକ ଅଦ୍ଭୁତ ସଂଯୋଗ ଦେଖିବାକୁ ମିଳିଛି। ଚାମେଲି ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପିର ସାଧାରଣ ସମ୍ପାଦିକା ଥିଲେ। ସେ ୨୦୧୭ରେ ସରପଞ୍ଚ ନିର୍ବାଚନ ଲଢ଼ି ହାରିଥିଲେ। କିନ୍ତୁ ୨୦୨୨ରେ ଜିତିଲେ। ଏହି ଘଟଣାରେ ସେ ହେଉଛନ୍ତି ଅଭିଯୋଗକାରୀ। ସେହିଭଳି ସେ ଯେଉଁ ବିଧାୟକଙ୍କ ବିରୋଧରେ ଅଭିଯୋଗ କରିଛନ୍ତି, ସେ ମହାକାଳପଡ଼ା। ଏଥିସହ ଚାମେଲିଙ୍କ ଗିରଫ ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ସ୍ଥାନୀୟ ବିଜେପି ନେତା ସୌଭାଗ୍ୟ ପରିଡ଼ା।


## ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପ୍ରତୀକ ରଜ ପର୍ବ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ଓଡ଼ିଆ ସଂସ୍କୃତିର ଏହି ମହାନ ପର୍ବ ଆମ ମାଟି ମା'ର ମହତ୍ତ୍ୱ, ମାତୃଶକ୍ତିର ସମ୍ମାନ ଏବଂ କୃଷିଭିତ୍ତିକ ସଭ୍ୟତାକୁ ପିଢି ପରେ ପିଢି ସମୃଦ୍ଧ କରିଆସିଛି ।

ଆସନ୍ତୁ, ଆମର ଏହି ଗୌରବମୟ ସଂସ୍କୃତିକୁ ବଜାୟ ରଖି ଘରେ ଘରେ ଆନନ୍ଦ ଉଲ୍ଲାସର ସହ ରଜ ପର୍ବ ପାଳନ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL/320920-15001/67/2627

## ନିଶ୍ଚିନ୍ତକୋଇଲି ଗସ୍ତ କରି ପ୍ରକଳ୍ପ ପରିଦର୍ଶନ ଓ ଆଲୋଚନା କଲେ ସାଂସଦ ବୈଜୟନ୍ତ ପଣ୍ଡା



**ନିଶ୍ଚିନ୍ତକୋଇଲି,୧୩।୬ (ସଂଚାର ବ୍ୟୁରୋ)**: କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତ କରି ଓରତି ପଞ୍ଚାୟତ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପର ପରିଦର୍ଶନ କରିବା ସହିତ କିଭଳି ଭାବେ ଖୁବ୍ ଶୀଘ୍ର ଏହା ଲୋକଙ୍କ ସେବାରେ ଲାଗିପାରିବ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ପରେ ସାଂସଦ ଜମରା ପଞ୍ଚାୟତ ବିଷମପଡ଼ା ଗ୍ରାମ ପରିଦର୍ଶନ କରିବା ସହିତ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନଚରଣ ମାଝୀଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ସେହିପରି ଭାବେ ଲୁଣା ନଦୀ ଉପରେ ନିର୍ମାଣ ହେଉଥିବା ସୁଉଚ୍ଚ ସେତୁର ପରିଦର୍ଶନ କରିବା ସହିତ କିଭଳି ଭାବରେ ଏହା ଖୁବ୍ ଶୀଘ୍ର ଗମନାଗମନ କ୍ଷେତ୍ରରେ ଏକ ଐତିହାସିକ ଭୂମିକା ଗ୍ରହଣ କରିପାରିବ ସେ ନେଇ କାର୍ଯ୍ୟକୁ ସଠିକ୍ ଭାବେ ଶୀଘ୍ର ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ସାଂସଦ ଶ୍ରୀଯୁକ୍ତ ପଣ୍ଡା ଅସୁରେଶ୍ୱର ପଞ୍ଚାୟତ ଗସ୍ତ କରି କର୍ମବୀର ଗୌରୀଶଙ୍କର ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ କରିବା ସହିତ ଗୌରୀଶଙ୍କର ରାୟଙ୍କ ବାସଭବନକୁ ଯାଇ ପରିଦର୍ଶନ କରିବା ସହିତ ତାଙ୍କର ଅଣନାତି ଉଦୟଶଙ୍କର ରାୟଙ୍କ ସହ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାଂସଦଙ୍କ ସହିତ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ, ଜିଲ୍ଲା ବିଜେପି ସଭାପତି ଗ୍ରାମୀଣ ଶ୍ରୀଯୁକ୍ତ ରାମନାରାୟଣ ମହାନ୍ତିଙ୍କ ସମେତ ବହୁ ଜନପ୍ରତିନିଧି ଓ ସ୍ଥାନୀୟ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

## ତଳଗଡ଼ ପାନୀୟ ଜଳପ୍ରକଳ୍ପ ପାଣି ଟାଙ୍କିରେ ସୀମିତ



**କୋରେଇ,୧୩।୬(ସଂଚାର ବ୍ୟୁରୋ)**: ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଭିନ୍ନ ସ୍ଥାନରେ ଜଳସ୍ତର ହ୍ରାସ ପାଉଥିବାରୁ ଅନେକ ପଂଚାୟତର ନଳକୂପ ଓ କୁଅ ଶୁଖିଯିବା ଯୋଗୁଁ ପାନୀୟ ଜଳ ସମସ୍ୟା ଦେଖାଯାଉଛି। ଏହି କ୍ରମରେ କୋରେଇ ବ୍ଲକ ତଳଗଡ଼ ପଂଚାୟତ ଅନ୍ତର୍ଗତ ତଳଗଡ଼ ଗ୍ରାମରେ ୧୫ ମିଟର ଉଚ୍ଚ ଏକ ଲକ୍ଷ ଲିଟର ବିଶିଷ୍ଟ ପାଣି ଟାଙ୍କି ୪ ବର୍ଷ ହେବ ନିର୍ମାଣ ସରିଛି। ନିକଟ ନଦୀରୁ ପାଣି ଉଠାଯାଇ ତଳଗଡ଼, ମଙ୍ଗରାଜପୁର, ପିମ୍ପଲ, ହରିଚନ୍ଦନପୁର ଆଦି ୭ ଶହରୁ ଉର୍ଦ୍ଧ୍ୱ ପରିବାରକୁ ବିଶୁଦ୍ଧ ପାନୀୟ ଦିଆଯିବାକୁ ସରକାରଙ୍କ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି । କିନ୍ତୁ ହେଲେ ଏ ପର୍ଯ୍ୟନ୍ତ ଲୋକେ ଏହି ପ୍ରକଳ୍ପରୁ ପାଣି ମୁନ୍ଦେ ପାଇ ପାରିନାହାନ୍ତି। ଫଳରେ ଉକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ପ୍ରକଳ୍ପରୁ ବିଭିନ୍ନ ଗ୍ରାମକୁ ପାଣି ଯୋଗାଇଦେବାକୁ ବସାଯାଇଥିବା ଟ୍ୟାପ ନଷ୍ଟ ହେବାକୁ ବସିଥିବା ବେଳେ ଏ ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ ହୋଇପାରି ନାହିଁ । ଫଳରେ ଏହି ଯୋଜନା କେବଳ ସୁନ୍ଦରିଆ ପାଣି ଟାଙ୍କିରେ ସୀମିତ ରହିଥିବା ଅଭିଯୋଗ ହେଉଛି। ତେଣୁ ଉକ୍ତ ଜଳ ପ୍ରକଳ୍ପଟିକୁ କାର୍ଯ୍ୟକ୍ଷମ କରି ଜନସାଧାରଣଙ୍କୁ ପାଇପ୍ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସାଧାରଣରେ ଦାବି ହୋଇଛି।

## ନକଲି ଜର୍ଦ୍ଦା କାରଖାନା ଠାବ

● ବିପୁଳ ପରିମାଣର ଜର୍ଦ୍ଦା ଜବତ, ୩ ଗିରଫ



**ପାରାଦ୍ୱୀପ,୧୩।୬(ସଂଚାର ବ୍ୟୁରୋ)**: ନକଲି ଜରଦା କାରଖାନା ଠାବ କଲା ପୁଲିସ। ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଆଲିଗଡ ଗ୍ରାମର ସୁବାଷ ସ୍ୱାଇଁଙ୍କ ଘରୁ ପୋଲିସ ଏହାକୁ ଜବତ କରିଥିବା ବେଳେ ୬୬୦ କେଜି ଗୁଟଖା ତିଆରି କଞ୍ଚାମାଲ, ୩୬୦ କେଜି ପ୍ୟାକିଂ ଗୁଟଖା, ସେଣ୍ଟ, ପ୍ୟାକିଂ ମେସିନ ଓ କିଛି କମ୍ପାନୀ ଲୋଗୋ ଷ୍ଟିକର ପ୍ୟାକେଟ ମଧ୍ୟ ଜବତ କରିଛି ପୁଲିସ ।

ଏକ ବିଶେଷ ସୁତ୍ରରୁ ଖବର ପାଇ ଜିଲ୍ଲା ଏସ୍ପି ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶ କ୍ରମେ କୁଜଙ୍ଗ ପୁଲିସ ଆଲିଗଡ ଗ୍ରାମରେ ଚଢାଉ କରିଥିଲା। ସୁବାଷ ଦୀର୍ଘଦିନ ହେବ ଏହି ଜାଗାରେ ଲୋକ ରଖି ବେଆଇନ ଗୁଟଖା ପ୍ରସ୍ତୁତ କରୁଥିଲା ଓ ତାକୁ ବଜାରରେ ବିକ୍ରି ମଧ୍ୟ କରୁଥିଲା। କଲିକତା, ଦିଲ୍ଲୀରୁ ଅନେକ ସମୟରେ କଞ୍ଚାମାଲ ଆଣି ବିଭିନ୍ନ ଗୁଟଖା କମ୍ପାନୀର ଲୋଗ ଷ୍ଟିକର ସହିତ ଏହାକୁ ହିଟ ମେସିନ ସାହାଯ୍ୟରେ କେମିକାଲ ଓ ସେଣ୍ଟ ଦେଇ ପ୍ୟାକିଂ ମଧ୍ୟ କରୁଥିଲା | ଏହାକୁ ପ୍ୟାକିଂ କରି ସରିବାପରେ ସୁବାଷ ବିଭିନ୍ନ ଦୋକାନ ଏବଂ ହୋଲସେଲ ପଏଣ୍ଟକୁ ବିକ୍ରି ପାଇଁ ପଠାଇଥିଲା | ଜଗତସିଂହପୁର, କେନ୍ଦ୍ରପଡା, କଟକ, ଭୁବନେଶ୍ୱର ଓ ରାଜ୍ୟ ତଥା ରାଜ୍ୟ ବାହାରକୁ ଏହି ନକଲି ଗୁଟଖା ସେ ପଠାଉଥିବା ପୁଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି |

ପୁଲିସ ସୁବାଷ ସହ ପୂର୍ଣ୍ଣଚନ୍ଦ୍ର ବେଉରା ଓ ବିଜୟ ମୁଦୁଲିଙ୍କୁ ଗିରଫ କରିଥିବା ବେଳେ ତାଙ୍କ ପାଖରୁ ଏକ ଲକ୍ଷ୍ୟ ଟଙ୍କା, ତିନୋଟି ମୋବାଇଲ ଓ ଗୋଟିଏ ହୁଣ୍ଡାଇ କ୍ରେଟା କାର ମଧ୍ୟ ଜବତ କରିଛି ପୁଲିସ | ଜଗତସିଂହପୁର ଜିଲ୍ଲା ଏସ୍ପି ଅଙ୍କିତ କୁମାର ବର୍ମା ଏନେଇ ଆଜି ସାମ୍ବାଦିକ ସମିଳନୀରେ ସୂଚନା ଦେଇଥିବା ବେଳେ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି |

# ଚାମେଲିଙ୍କୁ ନ୍ୟାୟ ଦାବିରେ ଥାନା ଘେରାଉ

## ଗର୍ଜିଲା କଂଗ୍ରେସ, ଗଣବିକ୍ଷୋଭ କଲେ ସୌଭାଗ୍ୟ

**ମହାକାଳପଡ଼ା,୧୩।୬ (ସଂଚାର ବ୍ୟୁରୋ)**: ମହାକାଳପଡ଼ା ବ୍ଲକ ବିଡ଼ିଓ ଚାମ୍ବରରେ ତିଖିରୀ ସରପଞ୍ଚ ଚାମେଲୀ ଓଝାଙ୍କ ଭିଡ଼ିଓ ରେକର୍ଡକୁ ନେଇ ବିଡ଼ିଓ ରବି ନାରାୟଣ ଆଚାର୍ଯ୍ୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ସରପଞ୍ଚ ଓଝାଙ୍କୁ ପୋଲିସ ଉଠାଇ ନେଇଥିଲା। ପରେ ଏ ନେଇ ଥାନାରେ ସରପଞ୍ଚ ଓଝାଙ୍କୁ ପୋଲିସ ମାଡ଼ ମାରିଥିବା ନେଇ ଏସପିଙ୍କ ନିକଟରେ ଓଝା ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ରାଜ୍ୟ ରାଜନୀତିରେ ଉଷ୍ମତା ପ୍ରକାଶ ପାଇଛି। ଭାରତୀୟ ଜାତୀୟ କଂଗ୍ରେସ ଦଳ ପକ୍ଷରୁ ସରପଞ୍ଚ ଓଝାଙ୍କୁ ନ୍ୟାୟ ଦେବା ପାଇଁ ଦଳ ପକ୍ଷରୁ ଶନିବାର ଦିନ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଅପରପକ୍ଷରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ବିଜେପି ନେତା ଡକ୍ଟର ସୌଭାଗ୍ୟ ପରିଡ଼ା ଶତାଧିକ ଶୁଭେଚ୍ଛୁ ମାନଙ୍କ ସହ ମହାକାଳପଡ଼ା ବ୍ଲକ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ମହାକାଳପଡ଼ା ଥାନା ଅଧିକାରୀ ଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ୭ ଦିନ ମଧ୍ୟରେ ତିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ନମିଳେ ଆଗାମୀ ଦିନରେ ଥାନା ଆଗରେ ଆମରଣ ଅନଶନ କରିବାକୁ ପଛାଇବୁ ନାହିଁ ବୋଲି ଡ଼ ପରିଡ଼ା କହିଥିଲେ।




ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଡା.ଦେବସ୍ମିତା ଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ପ୍ରାକ୍ତନ ବିଧାୟକ ସିପ୍ରା ମଲ୍ଲିକ, ସଂଗଠନ ଉପସଭାପତି ସତ୍ୟପ୍ରିୟ ସାମଲ ଓ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିବା ବରିଷ୍ଠ କଂଗ୍ରେସ ନେତାମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇଛି। ନାରୀ ସୁରକ୍ଷା ନେଇ ଡିଣ୍ଡିମ ପିଟୁଥିବା ଲୋକଙ୍କ ସରକାର ନିଜ ଦଳର ଜଣେ ନାରୀ ସରପଞ୍ଚଙ୍କୁ ସୁରକ୍ଷା ବଦଳରେ ନିର୍ଯାତନା ଦେବା ସାରା ରାଜ୍ୟକୁ ଆଜି ଲଜ୍ଜିତ କରିଛି। ଚାମେଲିଙ୍କୁ ନ୍ୟାୟ ନ ଦେବା ପର୍ଯ୍ୟନ୍ତ କଂଗ୍ରେସ ରଣହୁଙ୍କାର ଦେବାନେଇ ଚେତାବନୀ ଦେଇଛନ୍ତି।

ଅପର ପକ୍ଷରେ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଚାମେଲିଙ୍କୁ ସ୍ୱତନ୍ତ୍ର ପୋଲିସ ଟିମ ଉଠାଇ ନେଇ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାରିମୂଳ ଜେଲ ନିଆଯାଇଥିଲା। କିନ୍ତୁ ଜେଲରେ ଚାମେଲି ପୁଣି ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

## ସାଂସଦ ଓ ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ




**ମାହାଙ୍ଗା,୧୩।୬ (ସଂଚାର ବ୍ୟୁରୋ)**: କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଓ କଟକ ଜିଲ୍ଲା ବିଜେପି ସଭାପତି ରାମ ନାରାୟଣ ମହାନ୍ତି ପ୍ରମୁଖ ମାହାଙ୍ଗା ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

ଏହି ଅବସରରେ ଉଭୟ ସାଂସଦ ଓ ବିଧାୟକ ହଳଦିଆ ପଂଚାୟତ ଗସ୍ତ କରି ଇଚ୍ଛାମୁଣ୍ଡଳି ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ବାଲିକୁଦା ପଡିଆ ଠାରୁ ଇଚ୍ଛାମୁଣ୍ଡଳି ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ । ପରେ ଚଳିତ ମାଟ୍ରିକ ପରୀକ୍ଷାରେ ରାଜ୍ୟର ତୃତୀୟ ସ୍ଥାନ ଅଧିକାର କରିଥିବା ଓଲକଣା ଗ୍ରାମର ଜନ୍ମେଜୟ ମହାନ୍ତିଙ୍କୁ ସାକ୍ଷାତ କରି ତାଙ୍କ ଆଗାମୀ ଅଧ୍ୟୟନ ଉପରେ ଆଲୋଚନା କରିବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

ସେହିପରି ଗୋକନ ପଂଚାୟତ ଶୁଖୁଆପଡା ଗ୍ରାମର ଡକ୍ଟର ଏକାଦଶୀ ପ୍ରଧାନଙ୍କ ବାସଭବନରେ ବହୁ କବି ଓ ଲେଖକ ମାନଙ୍କ ସହ ଆଲୋଚନା କରିଥିଲେ। ପରେ ପଲ୍ଲୀସାହି ପଂଚାୟତ ପୂର୍ବତନ ବ୍ଲକ ଅଧକ୍ଷ ସରୋଜ ବନ୍ଧୁ ଦାସଙ୍କ ବାସଭବନରେ ସ୍ଥାନୀୟ ଅଂଚଳର ବହୁ ବୁଦ୍ଧି ମାନଙ୍କ ସହ ଆଲୋଚନା କରିଥିଲେ । ସେହିପରି ମାହାଙ୍ଗା ପଂଚାୟତ ଗସ୍ତ କରି ଆଦି ନାଟ୍ୟକାର ଜଗମୋହନ ଲାଲଙ୍କ ବାସଭବନ ପରିଦର୍ଶନ ଓ ପରିବାର ବର୍ଗଙ୍କ ସହ ଆଲୋଚନା କରିଥିଲେ। ପରେ ଉକ୍ଷୁମା ପଂଚାୟତ ରଘୁନାଥ ନଗର ସ୍ଥିତ ବିନୋଦ ବିହାରୀ ମନ୍ଦିର ପରିଦର୍ଶନ କରିଥିଲେ । ଶେଷରେ ଚାହାପଡ଼ା ପଂଚାୟତ ଜହଳ ଗ୍ରାମ ଗସ୍ତ କରି ପ୍ରାକ୍ତନ ପ୍ରମୁଖ ଶାସନ ସଚିବ ଉପେନ୍ଦ୍ର ନାଥ ବେହେରାଙ୍କ ବାସଭବନରେ ବୁଦ୍ଧିଜୀବୀ ମାନଙ୍କ ସହ ଆଲୋଚନା କରିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ନାରୀନେତ୍ରୀ ଯାଜ୍ଞସେନୀ ଜେନା,ଜିତେନ୍ଦ୍ର ଶତପଥି, ମନୋରଞ୍ଜନ ନାୟକ, ଭକ୍ତ ଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ନିର୍ମଳ ରାଉତ,ପ୍ରକାଶ ନାୟକ, କିଶୋର ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ

## କର୍କଟ ପୀଡ଼ିତ ପାଲା ଗାୟକଙ୍କୁ ସମାଜସେବୀ ପର୍ଶୁରାମ ନାୟକଙ୍କ ସହାୟତା



**ଡେରାବିଶ,୧୩।୬ (ସଂଚାର ବ୍ୟୁରୋ)**: ଲୁଣା-କରାଣ୍ଡିଆ ଦ୍ୱୀପାଞ୍ଚଳ ଅନ୍ତର୍ଗତ ଜଳପୋକ ପଞ୍ଚାୟତ ଅନ୍ତର୍ଗତ ପକ୍ଷୋଟ ଗ୍ରାମର ଦୁରାରୋଗ୍ୟ ମୁଖଗହ୍ୱର କର୍କଟ ରୋଗରେ ପୀଡ଼ିତ ପାଲା ଗାୟକ ପ୍ରଶାନ୍ତ କୁମାର ଦାସ (୫୧)ଙ୍କ ଚିକିତ୍ସା ନିମନ୍ତେ ମାର୍ଶଘାଇ ବ୍ଲକ ଦୁମୁକା ପଞ୍ଚାୟତ ଅନ୍ତର୍ଗତ କୁସୁନପୁର ଗ୍ରାମର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ତଥା ସମାଜସେବୀ ପର୍ଶୁରାମ ନାୟକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗାୟକ ଶ୍ରୀ ଦାସଙ୍କ ତିନିବର୍ଷ ତଳେ ମୁଖଗହ୍ୱର କର୍କଟ ଅପରେସନ୍ ହେବାପରଠାରୁ ସେ କେମୋଥେରାପିରେ ରହିଛନ୍ତି। ଫଳରେ ଶ୍ରୀ ଦାସ ସ୍ପଷ୍ଟ ଭାବରେ କଥା କହିବା ଓ ସଙ୍ଗୀତ ବୋଲି ପାରୁନଥିବାରୁ ବୃତିଛାଡ଼ିଦେବାକୁ ବାଧ୍ୟ ହୋଇଛନ୍ତି। ଯେଉଁଥିପାଇଁ କଲେଜରେ +୨ ବିଜ୍ଞାନ ପଢୁଥିବା ଝିଅର ପଢ଼ିବା ଖର୍ଚ୍ଚ ଓ ୭ବର୍ଷ ପୁଅର ଶିକ୍ଷାନିମନ୍ତେ ଅର୍ଥବାଧକ ହୋଇଛି। ଏହିକଥା ଜାଣି ଦୀର୍ଘବର୍ଷ ହେବ କର୍କଟ ଓ ପକ୍ଷାଘାତ ପୀଡ଼ିତମାନଙ୍କୁ ସହାୟତା କରି ଆସୁଥିବା ସମାଜସେବୀ ଶ୍ରୀ ନାୟକ ପ୍ରଶାନ୍ତଙ୍କ ବାସଭବନରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ପୁଅର ପଢ଼ାଖର୍ଚ୍ଚ ପାଇଁ ମାସିକ ଏକ ହାଜର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଶ୍ରୀ ଦାସଙ୍କ ପତ୍ନୀ, ଗ୍ରାମର ପୁରୁଷୋତମ ଦାସ, ଛବିନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବଜ୍ରାଘାତରେ ମଇଁଷି ଚରାଳିଙ୍କ ମୃତ୍ୟୁ

**ଡେରାବିଶ,୧୩।୬(ସଂଚାର ବ୍ୟୁରୋ)**: ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଯଅଁରାବାରିମୂଳ ଗ୍ରାମ ଶେଷମୁଣ୍ଡରେ ଥିବା ବାଘରମଠ ନିକଟରେ ଶୁକ୍ରବାର ବଜ୍ରାଘାତ ଘଟି ଜଣେ ମଇଁଷି ଚରାଳିଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ହେଉଛନ୍ତି ଏହି ପଞ୍ଚାୟତ ଅନ୍ତର୍ଗତ ଗରାମ ଗ୍ରାମର କୈଳାସ ଦାସଙ୍କ ପୁଅ ପ୍ରଫୁଲ୍ଲ ଦାସ (୩୫)।

ସୂଚନା ଅନୁଯାୟୀ ଗତକାଲି ମଧ୍ୟାହ୍ନରେ ପ୍ରଫୁଲ୍ଲ ତାଙ୍କ ମଇଁଷିଙ୍କୁ ଧରି ବାଘରମଠ ନିକଟରେ ଥିବା ଗହିରରେ ଚରାଉଥିଲେ। ଏହି ସମୟରେ ହଠାତ୍ କଳାହାଣ୍ଡିଆ ମେଘ ଉଠାଇ ଆସି ମୁଷୁଳଧାରାରେ ବର୍ଷା ହେବା ସହ ବଜ୍ରଘାତ ହୋଇଥିଲା। ମଇଁଷିପଲଙ୍କ ନିକଟରେ ଥିବା ପ୍ରଫୁଲ୍ଲଙ୍କ ଉପରେ ବଜ୍ରାଘାତ ହୋଇଥିଲା। ଫଳରେ ସେ ସେଠାରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିରହିଥିଲେ। ଏହି ସମୟରେ ତାଙ୍କ ବାପା କୈଳାସ ପୁଅ ପ୍ରଫୁଲ୍ଲଙ୍କ ପାଇଁ ମଧ୍ୟାହ୍ନ ଭୋଜନ ନେଇ ଯାଇ ତାଙ୍କ ପୁଅ ଚେତାଶୂନ୍ୟ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ଓ ଗ୍ରାମବାସୀମାନେ ତୁରନ୍ତ ପ୍ରଫୁଲ୍ଲଙ୍କୁ ଚିକିତ୍ସା ପାଇଁ ନିଶ୍ଚିନ୍ତକୋଇଲି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ମେଡ଼ିକାଲରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ପରେ ପ୍ରଫୁଲ୍ଲଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ମେଡ଼ିକାଲ୍‌କୁ ନିଆଯାଇଥିଲା। ଗତକାଲି ସନ୍ଧ୍ୟା ହୋଇଯିବାରୁ ଆଜି ବ୍ୟବଚ୍ଛେଦ କରାଯାଇ ମୃତ ଶରୀରକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଗ୍ରାମ ଶ୍ମଶାନରେ ଶୋକାକୂଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମଇଁଷି ଚରାଇ ପ୍ରଫୁଲ୍ଲ ତାଙ୍କ ପରିବାର ପ୍ରତିପୋଷଣ କରୁଥିବା ବେଳେ ତାଙ୍କ ମୃତ୍ୟୁରେ ତାଙ୍କର ବିଧବା ପତ୍ନୀ, ୧ବର୍ଷର ପୁଅ ଓ ବୃଦ୍ଧ ବାପାମା ବେସାହାରା ହୋଇଯାଇଛନ୍ତି।

## ଚୋରା ମଦ ଜବତ, ମହିଳାଙ୍କ ସମେତ ୭ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା,୧୩।୬(ସଂଚାର ବ୍ୟୁରୋ)**: କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ୍. ଆର୍. ଆୟାର୍‌ଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚୋରା ମଦ ବ୍ୟବସାୟୀଙ୍କ ଉପରେ ଚଢ଼ାଉ କରାଯାଇ ମହିଳାଙ୍କ ସମେତ ୭ ଜଣଙ୍କୁ ଗିରଫ କରି ତାଙ୍କ ପାଖରୁ ବ୍ୟାପକ ଚୋରା ମଦ ଜବତ କରି କୋର୍ଟ ଚାଲାଣ କରାଯାଇଛି। ଏମାନେ ହେଲେ ମାର୍ଶାଘାଇ ଓ ନିକିରାଇ ଥାନା ଅଞ୍ଚଳର ଧୁମାତ ଗ୍ରାମର ପ୍ରଫୁଲ୍ଲ ବେହେରା, ଦହିମାଛ ଗ୍ରାମର ଜିତେନ୍ଦ୍ର ରାଉତ, ବେଣୁପାଲ ଗ୍ରାମର ରଞ୍ଜିତ୍ ଦାସ, ଗରଜଙ୍ଗା ଗ୍ରାମର ଚନ୍ଦନ ମହାନ୍ତି, ପ୍ରତାପ ଚନ୍ଦ୍ର ପରିଡ଼ା, ଏଣ୍ଡର ଗ୍ରାମର ଅକ୍ଷୟ ସାହୁ, କୋର ଗ୍ରାମର ଧନେଶ୍ୱର ବେହେରା ପ୍ରମୁଖଙ୍କୁ ଗିରଫ କରାଯାଇ ଏମାନଙ୍କ ନିକଟରୁ ଦେଶୀ, ବିଦେଶୀ ରନ୍ଧା ଓ ଗୁଡ ପାଉଡ୍ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଚି। ଏହି ଚଢ଼ାଉ ସମୟରେ ଅବକାରୀ ଉପନିରୀକ୍ଷକ ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ରତୁପ୍ରଭା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରଷ୍ଟ ପକ୍ଷରୁ ବଳଦେବ ହାଇସ୍କୁଲକୁ ଆକ୍ୱାଗାର୍ଡ ପ୍ରଦାନ




**କେନ୍ଦ୍ରାପଡ଼ା, ୧୩।୬(ସଂଚାର ବ୍ୟୁରୋ)**: ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବଳଦେବ ହାଇସ୍କୁଲକୁ ଏକ ଆକୁଆଗାର୍ଡ ପ୍ରଦାନ କରାଯାଇଛି । ବିଦ୍ୟାଳୟ ପକ୍ଷରୁ ଏକ ଆକୁଆଗାର୍ଡର ନିତ୍ୟାନ୍ତ ଆବଶ୍ୟକତା ଥିବା ସମ୍ପର୍କରେ ଟ୍ରଷ୍ଟକୁ ଅବଗତ କରାଯାଇଥିଲା।

ଏସମ୍ପର୍କରେ ଜାଣିବା ପରେ ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ସୁଦୂର ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ଆକୁଆଗାର୍ଡ ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଡ. ଦାସଙ୍କ ପରାମର୍ଶ କ୍ରମେ ଟ୍ରଷ୍ଟି ଭୁବନମନୋହନ ଦାସ ଟ୍ରଷ୍ଟ ପକ୍ଷରୁ ଏକ ନୂତନ ଆକୁଆଗାର୍ଡ ବଳଦେବ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରୁବିନା ପ୍ରଧାନଙ୍କୁ ପ୍ରଦାନ କରିଛନ୍ତି । ପ୍ରଦାନି ସମୟରେ ତପନ କୁମାର ଦାସ ଓ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ନୃସିଂହ ତ୍ରିପଠୀ ଉପସ୍ଥିତ ଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତା, ଚିକିତ୍ସା ସହାୟତା ଓ ଗରୀବ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ମେଧାବୃି ପ୍ରଦାନ କରାଯାଇଥାଏ ।



## ଇଣ୍ଡିଆନ୍ ଅଏଲ୍ ରିଫାଇନରୀରେ ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍

**ପାରାଦୀପ,୧୩।୬(ସଂଚାର ବ୍ୟୁରୋ)**: ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀ ଏକ ଲେବେଲ ୨ମକ୍ ଡ୍ରିଲ୍ (ଅନ୍ ସାଇଟ୍ ଡିଜାଷ୍ଟର ଡ୍ରିଲ୍) ଆୟୋଜନ କରିଥିଲା ଯେଉଁଥିରେ ରିଫାଇନରୀ ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରିଥିଲା ।

ପାରାଦୀପ ରିଫାଇନରୀର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ୍ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଯାଇଥିଲା। ଇଆରଡିଏମପି ଅଡିଟରଙ୍କ ଉପସ୍ଥିତିରେ ଏହି ମକ୍ ଡ୍ରିଲ୍ ଟି କରାଯାଇଥିଲା | ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ପାରାଦୀପ ରିଫାଇନରୀର ପଲିପ୍ରୋପିଲିନ (ପିପି) ୟୁନିଟରୁ ପ୍ରୋପିଲିନ ଲିକେଜ ହୋଇ ଅଗ୍ନିକାଣ୍ଡ ଘଟିଲେ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ ସେହି ବିଷୟବସ୍ତୁ ଉପରେ ମକଡ୍ରିଲ୍ ଟି ଆଧାରିତ ଥିଲା। ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ ।

ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା ।

# ନାଗପୁର ସଫେଇ ନାଳି ଠିକା କାମକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

## କାମ ବନ୍ଦ କଲେ ଶତାଧିକ ମହିଳା

**ବାଲିଅନ୍ତା, ୧୩।୬ (ସଂଚାର ବ୍ୟୁରୋ)**: ବାଲିଅନ୍ତା ବ୍ଲକ ନାଗପୁର ଗହୀର ସଫେଇ ନାଳି ପୂନରୁଦ୍ଧାର କାର୍ଯ୍ୟକୁ ନେଇ ଆଜି ୨ ଠିକାଦାର ଗୋଷ୍ଠୀଙ୍କ ସମର୍ଥକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ଏନେଇ ଘଟଣାସ୍ଥଳରେ ଭୀଷଣ ଉତ୍ତେଜନା ଦେଖାଦେଇଥିଲା । ଆଜି ପୂର୍ବାହ୍ନରେ ଟେଣ୍ଡର ପାଇଥିବା ଠିକାଦାରଙ୍କ କାମ ବୁଝାବୁଝି କରୁଥିବା ସମର୍ଥିତ ଯୁବକମାନେ କାମ କରୁଥିବା ବେଳେ କାମ ପାଇନଥିବା ସ୍ଥାନୀୟ ଠିକାଦାର ସଂଘର କିଛି ଠିକାଦାର ଶତାଧିକ ମହିଳାଙ୍କୁ ନେଇ କାମ ବନ୍ଦ କରାଇଥିଲେ । ସଫେଇ ତାଡୁଥିବା ଜେସିପି ମେସିନ ଚାଳକକୁ ମାଡ଼ ମାରିବାକୁ ଗୋଡ଼ାଇଥିଲେ। ସେହିପରି ସୁପରଭାଇଜର ଏବଂ ଯୁବକମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ ମାରିବାକୁ ଉଦ୍ୟମ କରିଥିଲେ । ଭୟରେ ଜେସିବି ଚାଳକ ଗାଡି ଛାଡି ପଳାଇ ଥିଲେ । ଏହାକୁ ନେଇ ୨ ଠିକାଦାର ଗୋଷ୍ଠୀଙ୍କ ଯୁବକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା । ଫଳରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା । ବିରୋଧୀ ଗୋଷ୍ଠୀର ବହୁ ସଂଖ୍ୟାରେ ମହିଳା ଏବଂ ଯୁବକ ପହଞ୍ଚିଯିବାରୁ ଠିକାଦାରଙ୍କ ସମର୍ଥକ ଯୁବକମାନେ ଦୌଡ଼ି ପଳାଇଥିଲେ।



ଉଲ୍ଲେଖ ଯୋଗ୍ୟ ନାଗପୁର ଠାରୁ ଝିଣ୍ଟି ଶାସନ ପର୍ଯ୍ୟନ୍ତ ପୋତି ହୋଇପଡିଥିବା ପ୍ରାୟ ୬ କିମି ବିଶିଷ୍ଟ ଚାଷ ଜମିରୁ ନିଷ୍କାସିତ ହେବାକୁ ଥିବା ବର୍ଷାପାଣି ସଫେଇ ନାଳି ପୁନରୁଦ୍ଧାର କାର୍ଯ୍ୟ ବାଣପୁର ଅଞ୍ଚଳର ଠିକାଦାର ଲେସରେ ଟେଣ୍ଡର ପାଇଛନ୍ତି । ଏନେଇ ଡ୍ରେନେଜ ବିଭାଗ ପକ୍ଷରୁ ୬୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ସଫେଇ ନାଳି ଖନନ ନେଇ ବାହାର ଠିକାଦାର ପର୍ଯ୍ୟାୟକ୍ରମେ ନିର୍ଦ୍ଦିଷ୍ଟ ସ୍ଥାନର କାମ ପାଇଛନ୍ତି । ହେଲେ କାମ ପାଇନଥିବା ସ୍ଥାନୀୟ ଠିକାଦାର ସଂଘର ସଦସ୍ୟ କାମକୁ ବିରୋଧ କରୁଥିବା ଜଣାଯାଇଛି । ଏମିତିକି ଭୁବନେଶ୍ୱର ଡିସିପି ଏବଂ ଡ୍ରେନେଜ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଏନେଇ ଅଭିଯୋଗ ହୋଇଛି । ସ୍ଥାନୀୟ ଠିକାଦାର ସଂଘ ବିରୋଧ କରି ଗଣ୍ଡଗୋଳ ସୃଷ୍ଟି କରାଉଥିବା ଅଭିଯୋଗରେ ଦର୍ଶାଯାଇଛି । ଏମିତିକି ଝିଣ୍ଟି ଶାସନ କାମ ବନ୍ଦ ନେଇ ୪୦ ଜଣ ବାଉଁସର ପଠାଇ ବନ୍ଦ ନେଇ ଉଦ୍ୟମ କରିଥିଲେ। ହେଲେ ବାଲିପଟଣା ଏବଂ ବଲିଅନ୍ତା ପୁଲିସ ହସ୍ତକ୍ଷେପ କରିବା ପରେ ଝିଣ୍ଟି ଶାସନ ସଫେଇ କାମ ଚାଲିଥିଲା । ହେଲେ ଆଜି ନାଗପୁର ସଫେଇ ନାଳି ଖୋଳା ବେଳେ ପୁଣି ବାହାର ଠିକାଦାର ସମର୍ଥକ ଏବଂ ସ୍ଥାନୀୟ ଠିକାଦାର ଗୋଷ୍ଠୀ ସମର୍ଥକ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା ।

ଏସମ୍ପର୍କରେ ଅଧିକ ଜାଣିବା ପାଇଁ ଡ୍ରେନେଜ ବିଭାଗ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇପାରିନି । ଅନ୍ୟପକ୍ଷରେ ସ୍ଥାନୀୟ ଠିକାଦାର ସଂଘ ସଦସ୍ୟଙ୍କ ଅଭିଯୋଗ ଅନୁସାରେ ସଫେଉ ଖନନ କାର୍ଯ୍ୟ ଠିକ ଭାବରେ କରାଯାଉନଥିବା ଅଭିଯୋଗ ହୋଇଛି ।

## ପୂର୍ବତନ ସରପଞ୍ଚଙ୍କ ପତ୍ନୀ ବିୟୋଗ

**ଯାଜପୁର, ୧୩।୬ (ସଂଚାର ବ୍ୟୁରୋ)**: ଦଶରଥପୁର ବ୍ଲକ ଅନ୍ତର୍ଗତ ଦୁଦୁରାଅଣ୍ଟା ପଞ୍ଚାୟତର ପରମାନନ୍ଦପୁର ଶାସନ ଗ୍ରାମର ପୂର୍ବତନ ସରପଞ୍ଚ ଶରତ ତ୍ରିପାଠୀଙ୍କ ଧର୍ମପତ୍ନୀ ଖିରୋଦ୍ରୀ ତ୍ରିପାଠୀଙ୍କର ଆଜି ସକାଳେ ପରଲୋକ ଘଟିଛି। ତାଙ୍କ ବିୟୋଗ ଖବର ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।ସୂଚନା ଅନୁଯାୟୀ, ଆଜି ସକାଳ ସମୟରେ ଖିରୋଦ୍ରୀ ତ୍ରିପାଠୀଙ୍କର ହଠାତ୍ ନିଶ୍ୱାସ ନେବାରେ ଅସୁବିଧା ଦେଖାଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସକାଳ ପ୍ରାୟ ୮ଟା ୪୦ ମିନିଟ୍‌ରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ସମ୍ବାଦ ପ୍ରଚାରିତ ହେବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ରାଜନୈତିକ ଓ ସାମାଜିକ ବ୍ୟକ୍ତିତ୍ୱ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ବିଜେଡି ନେତା ଭବ ପ୍ରସାଦ ଦାସ ଓ ସରୋଜ ମହାପାତ୍ର ଉପସ୍ଥିତ ରହି ଗଭୀର ଶୋକ ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ମରଶରୀରକୁ ଜନ୍ମମାଟି ପରମାନନ୍ଦପୁର ଶାସନ ଗ୍ରାମକୁ ନିଆଯାଇଥିଲା। ସେଠାରେ ଗ୍ରାମବାସୀ, ସମ୍ପର୍କୀୟ ଓ ଶୁଭେଚ୍ଛୁମାନଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।



# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ପ୍ରସ୍ତୁତି ବୈଠକ

- ରାଇରଙ୍ଗପୁରରେ ସାଧାରଣ ସଭାରେ ଯୋଗଦେବେ
- ପ୍ରସ୍ତୁତି ନେଇ ମୁଖ୍ୟ ସଚିବଙ୍କ ସମୀକ୍ଷା



ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ)ଃ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୯ ତାରିଖରେ ରାଇରଙ୍ଗପୁରରେ ପହଞ୍ଚିବେ। ଏହାର ପରଦିନ ଅର୍ଥାତ୍ ଜୁନ୍ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ରାଇରଙ୍ଗପୁର ଆସିବେ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଉଭୟ ଜୁନ ୨୦ରେ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ରାଇରଙ୍ଗପୁରସ୍ଥିତ ଦାଣ୍ଡବୋଷଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଉଦଘାଟନ ଓ ଭିତ୍ତିଭୂମି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଏକ ସାଧାରଣ ସଭାରେ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ମଧ୍ୟ ଯୋଗଦେବେ। ସାଧାରଣ ସଭା ପୂର୍ବରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମଧ୍ୟ ରାଇରଙ୍ଗପୁରସ୍ଥିତ ପାହାଡ଼ପୁର ଯାଇ ସେଠାରେ ସ୍ଥାନୀୟ କାର୍ଯ୍ୟକ୍ରମରେ ଯୋଗଦାନ ସହ ଏକ ପ୍ରଦର୍ଶନୀ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଆଜି ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗସ୍ତ କାର୍ଯ୍ୟକ୍ରମର ସୁଚାରୁ ରୂପେ ପରିଚାଳନା ଓ ସମସ୍ତ ବ୍ୟବସ୍ଥାର ସଠିକ୍ କାର୍ଯ୍ୟାନ୍ୱୟନ ନେଇ ବୈଠକରେ ମୁଖ୍ୟ ଶାସନ ସଚିବ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅଗ୍ନିଶମ ପୁଲିସ ଡିଜି ଡଃ ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମେତ ପୁଲିସ୍ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ଅଧିକାରୀମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ।

ବୈଠକରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା, ପ୍ରୋଟୋକଲ, କାର୍‌କେଡ୍ ପରିଚାଳନା, ହେଲିପ୍ୟାଡ୍ ପ୍ରସ୍ତୁତି, ଆୟୋଜିତ ସମସ୍ତ କାର୍ଯ୍ୟକ୍ରମର ସମନ୍ୱୟ, ବିମାନବନ୍ଦରରେ ଆନୁଷଙ୍ଗିକ ବ୍ୟବସ୍ଥା, ଅତିଥିମାନଙ୍କ ସାମୟିକ ରହଣି, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ, ଆବଶ୍ୟକ ସଡ଼କ ମରାମତି, ପରିମଳ ବ୍ୟବସ୍ଥା, ଟେଲି ଯୋଗାଯୋଗ, ଗଣମାଧ୍ୟମ ପରିଚାଳନା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟ ଶାସନ ସଚିବ ସବୁ ବିଭାଗ ଜିଲ୍ଲା ପ୍ରଶାସନକୁ ପରସ୍ପର ସମନ୍ୱୟ ରକ୍ଷା କରି ନିୟମିତ ତଦାରଖ କରିବା ସହ ସମୟ ସୀମା ମଧ୍ୟରେ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗସ୍ତ କାର୍ଯ୍ୟକ୍ରମର ପ୍ରତ୍ୟେକ ପର୍ଯ୍ୟାୟରେ ସର୍ବୋଚ୍ଚ ମାନର ସୁରକ୍ଷା, ପ୍ରୋଟୋକଲ ବ୍ୟବସ୍ଥା ସହ ଆନୁଷଙ୍ଗିକ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ସେ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି।

### ପୁରୀ ରେଳ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ରାଜ୍ୟପାଳ

# ୨୦୨୭ ରଥଯାତ୍ରା ପୂର୍ବରୁ ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ)ଃ ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି ଶନିବାର ପୁରୀ ରେଳଷ୍ଟେସନ ବିକାଶ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିବା ସହ ଷ୍ଟେସନକୁ ଆଧୁନିକ, ଯାତ୍ରୀ-ଅନୁକୂଳ ପରିବହନ ହବ୍‌ରେ ପରିଣତ କରିବା ପାଇଁ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରାଜ୍ୟପାଳଙ୍କୁ ଷ୍ଟେସନ ବିକାଶ ପ୍ରକଳ୍ପର ବିଭିନ୍ନ କାର୍ଯକ୍ରମର ଅଗ୍ରଗତି ବିଷୟରେ ସୂଚନା ଦେଇଥିଲେ।

ଏହି ଉନ୍ନତ ଷ୍ଟେସନରେ ଖାଦ୍ୟ କୋର୍ଟ, ଜନ ଆହାର ଆଉଟଲେଟ୍ ଭଳି ବିଭିନ୍ନ ସୁବିଧା ଉପଲବ୍ଧ ହେବ। ପରେ ରାଜ୍ୟପାଳ ପ୍ରକଳ୍ପ ସ୍ଥଳର ବିଭିନ୍ନ ଅଂଶ ପରିଦର୍ଶନ କରିଥିଲେ ଏବଂ ଚାଲୁଥିବା ନିର୍ମାଣ କାର୍ଯ୍ୟର ଅଗ୍ରଗତି ଓ ଗୁଣବତ୍ତା ସମୀକ୍ଷା କରିଥିଲେ। ପରେ ଲୋକଭବନ ପୁରୀଠାରେ ରାଜ୍ୟପାଳ ପୂର୍ବତଟ ରେଳପଥ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏହି ରେଳଷ୍ଟେସନ ବିକାଶ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ୨୦୨୭ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପୂର୍ବରୁ ଷ୍ଟେସନ ବିକାଶ ପ୍ରକଳ୍ପ ସମାପ୍ତ କରିବାକୁ ବୈଠକରେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସେହିପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ, ରାଜ୍ୟପାଳ ଅଧିକାରୀମାନଙ୍କୁ ନିୟମିତ ସମୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଏଥିନିମନ୍ତେ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ବିଶେଷକରି ରେଳ କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।

# ଇପିଏଫ୍ ବାବଦରେ ଓୟୁଏଟି ପ୍ରଶାସନ ଦେବ ୧.୮୬ କୋଟି

■ ନିର୍ଦ୍ଦେଶ ଦେଲେ ପ୍ରୋଭିଡେଣ୍ଟ୍ କମିଶନର୍

ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ)ଃ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ବିଭିନ୍ନ ବିଭାଗ ଓ ଗବେଷଣା କେନ୍ଦ୍ରରେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଡିଏଲଆର ଶ୍ରମିକ କର୍ମଚାରୀଙ୍କ ଇପିଏଫ ବକେୟା ରାଶି ବାବଦରେ ୧ କୋଟି ୮୬ ଲକ୍ଷ ୪୫ହଜାର ୬୭୪ ଟଙ୍କା ଆସନ୍ତା ଦୁଇ ମାସ ମଧ୍ୟରେ ପ୍ରଦାନ କରିବାକୁ ଭୁବନେଶ୍ୱର ପ୍ରୋଭିଡେଣ୍ଟ ଫଣ୍ଡ କମିଶନର୍ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରମିକମାନଙ୍କ ଏହି ଆଇନଗତ ଅଧିକାର ହାସଲ କରିବା ନିମନ୍ତେ ସିଆଇଟିୟୁ ଦ୍ୱାରା ପରିଚାଳିତ ଓୟୁଏଟି ୱାର୍କର୍ସ ୟୁନିୟନ ଗତ ଛଅ ବର୍ଷ ଧରି ଉଚ୍ଚ ନ୍ୟାୟାଳୟ ଓ ଭୁବନେଶ୍ୱର ରିଜିଅନାଲ ପ୍ରୋଭିଡେଣ୍ଟ ଫଣ୍ଡ କମିଶନ୍‌ରେ ଆଇନଗତ ଲଢ଼େଇ କରି ଏହି ବିଜୟ ହାସଲ କରିଛି । ଭୁବନେଶ୍ୱର ସମେତ ଚିପିଲିମା ଓ ସୋନପୁର ଓୟୁଏଟି କୃଷି ଗବେଷଣା କେନ୍ଦ୍ରରେ କାମ କରୁଥିବା ୨୦୫ ଜଣ ଶ୍ରମିକ ଏହି ନିର୍ଦ୍ଦେଶ ଯୋଗୁଁ ଉପକୃତ ହେବେ। ଧୈର୍ଯ୍ୟର ସହ ୟୁନିୟନର ଉପସଭାପତି ତଥା ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ନାୟକ ଓ ୟୁନିୟନର ସାଧାରଣ ସମ୍ପାଦକ ସତ୍ୟନାରାୟଣ ନାୟକ ଶ୍ରମିକମାନଙ୍କର ସମସ୍ତ ଦସ୍ତାବିଜ ପୈଠ କରି ସେମାନଙ୍କର ନ୍ୟାୟ ପୂର୍ଣ୍ଣ ଅଧିକାର ପାଇଁ ଯୁକ୍ତି ଦର୍ଶାଇବା ପରେ କମିଶନ ଓୟୁଏଟି ଓକିଲଙ୍କର ସମସ୍ତ ପ୍ରତିବାଦକୁ ନାକଚ କରି ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଶ୍ରମିକମାନଙ୍କର ସାମୂହିକ ମିଳିତ ସଂଗ୍ରାମ ଯୋଗୁଁ ଏହି ବିଜୟ ହାସଲ ହୋଇଛି ବୋଲି ସଭାପତି ଜନାର୍ଦ୍ଦନ ପତି କହିବା ସହ ଏନେଇ ସମସ୍ତଙ୍କୁ ବଧେଇ ଜଣାଇଛନ୍ତି।

## ବିନା ଥଇଥାନରେ ଉଚ୍ଛେଦ ନୋଟିସ୍ ବିରୋଧରେ ବିକ୍ଷୋଭ

କଟକ, ୧୩।୬ (ସଂଚାର ବ୍ୟୁରୋ)ଃ ନିକଟରେ ରେଳବାଇ ପକ୍ଷରୁ କୌଣସି ଅଧିକାରୀଙ୍କ ଦସ୍ତଖତ ନଥାଇ ଏକ ନୋଟିସ ଗୋର୍ଖା କଲୋନୀ ବସ୍ତିର ଘରମାନଙ୍କରେ ଲଗା ଯାଇଛି। ଏକ ସପ୍ତାହ ମଧ୍ୟରେ ଉଚ୍ଛେଦ ପାଇଁ କୁହାଯାଇଛି। ବିନା ଥଇଥାନରେ ଏହି ବେଆଇନ ନୋଟିସ୍ ବିରୁଦ୍ଧରେ ଶନିବାର ରେଳ ବିଭାଗର ସିନିୟର ସେକ୍ସନ ଇଞ୍ଜିନିୟର (ଏସ୍‌ଏସ୍‌ଇ) ୱାର୍କ ଅଫିସ୍ ସମ୍ମୁଖରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଶତାଧିକ ବସ୍ତି ବାସିନ୍ଦା ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଗୋର୍ଖା ବସ୍ତି ବହୁ ପୁରୁଣା ବସ୍ତି। ବସ୍ତିର ଲୋକମାନେ ରେଲୱେ ଷ୍ଟେସନରେ ସଫେଇ କର୍ମୀ ଭାବରେ ପିଢ଼ି ପରେ ପିଢ଼ି କାମ କରି ଆସୁଛନ୍ତି। ଦିନରାତି ସେ ବସ୍ତିର ଲୋକମାନେ ଷ୍ଟେସନ ସଫେଇ କାର୍ଯ୍ୟରେ ଲିପ୍ତ ଥାଆନ୍ତି। ସେମାନଙ୍କ ପିଲାଛୁଆମାନେ ସେହି ସ୍ଥାନୀୟ ରେଲୱେ ସ୍କୁଲରେ ପାଠ ପଢ଼ନ୍ତି। ସେ ବସ୍ତିରେ ଅଧିକାଂଶ ଲୋକ ଦଳିତ ସମ୍ପ୍ରଦାୟର। ସେମାନଙ୍କର କୌଣସି ବିକଳ୍ପ ବ୍ୟବସ୍ଥା ନକରା ଯାଇ ସେମାନଙ୍କୁ ଉଚ୍ଛେଦ ନୋଟିସ ଦେବା ମହାନଗର ନିଗମ ଆଇନକୁ ତାହା ବିରୁଦ୍ଧାଚରଣ କରୁଛି। ଏଣୁ ଏହି ବେଆଇନ ଉଚ୍ଛେଦ ପ୍ରତିବାଦରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଶତାଧିକ ବସ୍ତି ବାସିନ୍ଦା ବିକ୍ଷୋଭ ପ୍ରଦର୍ଶନ କରି ଏସଏସଇ ଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ ନେତୃତ୍ୱରେ ଏସ୍ ୟୁ ସି ଆଇ (ସି) ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦସ, ବସନ୍ତ ନାୟକ, ବସ୍ତି ନେତା ଦୀପକ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଜୁ ନାୟକ, ପବିତ୍ର ଘଡ଼ାଇ, ପିଣ୍ଟୁ ନାୟକ ମୋହନ ନାୟକ, ମଞ୍ଜୁ ନାୟକ ପ୍ରମୁଖ ବିକ୍ଷୋଭ ପରିଚାଳନା କରିଥିଲେ।

## ବିଏଲଏଙ୍କୁ ପରିଚୟ ପତ୍ର ପ୍ରଦାନ

କଟକ, ୧୩।୬ (ସଂଚାର ବ୍ୟୁରୋ)ଃ କଟକ ମହାନଗର ସାଙ୍ଗଠନିକ ଜିଲ୍ଲା ସଭାପତି ଓ କଟକ ମହାନଗର ପ୍ରଶାସନର ସମ୍ମାନିତ ମେୟର ସୁବାସ ସିଂହଙ୍କ ଉପସ୍ଥିତିରେ ବାରବାଟୀ କଟକ ନିର୍ବାଚନୀ ମଣ୍ଡଳୀର ବିଏଲଏମାନଙ୍କୁ ଶନିବାର ଫର୍ମ-୨ ଓ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଏହି ମାଧ୍ୟମରେ ବିଏଲଏମାନଙ୍କର କାର୍ଯ୍ୟକ୍ଷମତାକୁ ସୁଦୃଢ଼ କରିବାକୁ ସଂଗଠନ ତରଫରୁ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ କର୍ପୋରେଟର ଏ. ଶ୍ରୀଦେବୀ ଓ ପୁଷ୍ପିତା ମହାନ୍ତି ସମେତ ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଉପସ୍ଥିତ ଅତିଥିମାନେ ଫର୍ମ-୨ ଓ ପରିଚୟ ପତ୍ର ଗ୍ରହଣ କରୁଥିବା ବିଏଲଏମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ମହାନଦୀ ନର୍ଥ ଡିଭିଜନର ନୂତନ ଅଧୀକ୍ଷଣ ଯନ୍ତ୍ରୀ

କଟକ, ୧୩।୬ (ସଂଚାର ବ୍ୟୁରୋ)ଃ ରାଜ୍ୟ ଜଳସମ୍ପଦ ଅଧୀନରେ ରହିଥିବା କଟକ ଜଗତପୁରସ୍ଥିତ ମହାନଦୀ ନର୍ଥ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଭାବେ ଶନିବାର ପ୍ରସନ୍ନଜିତ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ପୂର୍ବରୁ ଥିବା ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ କୁମାରଙ୍କୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯିବାପରେ ଗଙ୍ଗାଧର ମେହେର ଏଲ୍‌ଆର୍ ପ୍ରକଳ୍ପର କାର୍ଯ୍ୟ କରୁଥିବା ପ୍ରସନ୍ନଜିତଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିଲା। କାର୍ଯ୍ୟରେ ଯୋଗଦାନ ଦେବାପରେ ଶନିବାର ବିଭାଗୀୟ ସରକାରୀ ଯନ୍ତ୍ରୀମାନଙ୍କ ସହିତ ଆଲୋଚନା କରି ଆଗାମୀ ବର୍ଷାଋତୁ ପୂର୍ବରୁ କେନାଲ ରୋଡ଼ ମରାମତି ନଦୀବନ୍ଧ ସୁରକ୍ଷା ଜଳସେଚନ ପାଇଁ କେନାଲଗୁଡ଼ିକର ସକ୍ରିୟତା ଉପରେ ଆଲୋଚନା କରିଥିଲେ।

## ଦେଶୀ ମଦ କାରଖାନା ଭାଙ୍ଗିଲା ଅବକାରୀ ବିଭାଗ

■ ରଜ ଅଫର୍ଃ ୩ ଶହ ଟଙ୍କାରେ ମଦ କିଣିଲେ ଚାଖଣ ଫ୍ରି

ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ)ଃ ରଜ ପାଇଁ ମଦରେ ଅଫର । ୩ ଶହ ଟଙ୍କାରେ ମଦ କିଣିଲେ ଚାଖଣା ଫ୍ରି । ଚାଖଣାରେ ମିଳିବ ଇଲିସି ଶୁଖୁଆ ଭଜା ସାଙ୍ଗକୁ ସିଝା ବୁଟ । ଖାଲି ସେତିକି ନୁହେଁ କୁକୁଡ଼ା ମୁଣ୍ଡକୁ ଗୋଡ଼ର ଝୋଲ୍ । ହାପୁଡ଼େ ଚାଖଣାରେ ଉଠିବ ଗିଲାସେ ମଦ । ମଦ ଉପରେ ଏମିତି ଅଫର ଦିଆଯାଉଥିଲା ଭୁବନେଶ୍ୱର ସାଲିଆ ସାହିରେ । ହେଲେ ଦେଶୀ ମଦ ମାଫିଆଙ୍କ ସବୁ ଖେଳକୁ ବିଗାଡ଼ି ଦେଇଛି ଅବକାରୀ ବିଭାଗ । ୩ ହଜାର ଲିଟର ଚୋରା ମଦ ପୋଚ ନଷ୍ଟ କରିବା ସହ ୩ଶହ ଲିଟର ରନ୍ଧା ମଦ ଜବତ କରିଛି ଅବକାରୀ ଟିମ୍ । ସୂଚନା ଅନୁସାରେ, ସାଲିଆ ସାହିରେ ଚାଲିଥିବା ଏହି ଦେଶୀ ମଦ କାରଖାନାକୁ ଭାଙ୍ଗିଛି ଅବକାରୀ ଟିମ୍। ଏଠାରେ ଦେଶୀ ମଦ ବିକ୍ରୟ ଚାଲିଥିଲା। ଗୋଟିଏ ଦେଶୀ ମଦ ବୋତଲକୁ ୩ ଶହ ଟଙ୍କାରେ କିଣି ନେଉଥିଲେ ଗ୍ରାହକ । ଜଣାପଡ଼ିଛି ପ୍ରତିଦିନ ୩୦୦ ବୋତଲ ମଦ ବିକ୍ରି ହେଉଥିଲା ।

### ● ରଜରେ ବି ଭତ୍ତା ଦେଇପାରିଲେନି ସରକାର

# ନଗଦ ଅର୍ଥ ଦେବାକୁ ଦାବି କଲା କଳିଙ୍ଗ ସେନା



ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ତିନିମାସ ଧରି ଭତ୍ତା ପାଇ ନଥିବା ପ୍ରାୟ ୧୦ଲକ୍ଷ ବୁଢ଼ାବୁଢ଼ୀଙ୍କୁ ତୁରନ୍ତ ଭତ୍ତା କଳିଙ୍ଗ ସେନା ଦେବାକୁ ଦାବି କରିଛି। ମଙ୍ଗଳବାର ଏକ ପ୍ରେସ ବିବୃତିରେ ସେନା ସୁପ୍ରିମୋ ହେମନ୍ତ ରଥ କହିଛନ୍ତି ଯେ, ଭତ୍ତା ଦେବାରେ ଯଦି ସଫ୍ଟୱେର ବାଧକ ହେଉଛି, ତା'ହେଲେ ରାଜ୍ୟ ସରକାର ସିଧାସଳଖ ଭାବେ ନଗଦ ଆକାରରେ ଭତ୍ତା ଟଙ୍କା ପ୍ରଦାନ କରନ୍ତୁ। ଓଡ଼ିଶାର ଗଣପର୍ବ ରଜରେ ବୃଦ୍ଧବୃଦ୍ଧାଙ୍କ ମୁହଁରେ ହସ ଫୁଟାନ୍ତୁ।

କଳିଙ୍ଗ ସେନା ପକ୍ଷରୁ କୁହାଯାଇଛି ଯେ ରାଜ୍ୟର ଲକ୍ଷାଧିକ ବୃଦ୍ଧବୃଦ୍ଧାଙ୍କ ଜୀବନ ଭତ୍ତା ଟଙ୍କାରେ ଚାଲେ। ଘରର ତେଲ ଲୁଣଠାରୁ ଔଷଧ ପର୍ଯ୍ୟନ୍ତ ଏହି ପଇସାରେ କିଣାଯାଏ। ବହୁ ଲୋକେ ଭତ୍ତା ପଇସା ପାଇଲେ ଜୀବନ ରକ୍ଷାକାରୀ ଔଷଧ ଟିକେ ଖାଇଥାନ୍ତି। ହେଲେ ତିନିମାସ ହେଲା ଲୋକଙ୍କୁ ସରକାର ଭତ୍ତା ଦେଇପାରୁ ନାହାନ୍ତି। ଓଲଟା କେନ୍ଦ୍ର ସରକାରଙ୍କ ଉପରେ ଦୋଷ ଲଦୁଛନ୍ତି। ଭତ୍ତା ବାବଦରେ ପ୍ରଦାନ ଟଙ୍କା ଯଦି ନାହିଁ, ତେବେ ନିକଟରେ ମଦ ଦୋକାନ ନିଲାମରୁ ପାଇଥିବା ୮୪୦ କୋଟି ଟଙ୍କା ଭତ୍ତା ଆକାରରେ ତୁରନ୍ତ ପ୍ରଦାନ କରନ୍ତୁ ବୋଲି ଶ୍ରୀ ରଥ ଦାବି କରିଛନ୍ତି।

### ● ବିଚ୍ଛିନ୍ନାଞ୍ଚଳରେ ମାତୃଭାଷା ସୁରକ୍ଷା ପ୍ରସଙ୍ଗ

# ଓଡ଼ିଆ ଶିକ୍ଷକଙ୍କ ଦରମା ବନ୍ଦ କରାଯାଇଛିଃ ବିଜେଡି

- ୬୫୨ ଓଡ଼ିଆ ଶିକ୍ଷକ ଓ ୧୧ ପର୍ଯ୍ୟବେକ୍ଷକଙ୍କ ବକେୟା ପ୍ରଦାନ ଦାବି
- ବିଚ୍ଛିନ୍ନାଞ୍ଚଳ ଶିକ୍ଷକଙ୍କ ପାଇଁ ଏକ ସ୍ଥାୟୀ ଅନୁଦାନ ବ୍ୟବସ୍ଥା ହେଉ




ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ)ଃ ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗର ସୀମାନ୍ତ ଅଞ୍ଚଳରେ ୬୫୨ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଓ ୧୧ ଜଣ ପର୍ଯ୍ୟବେକ୍ଷକ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଗତ ୨ ଦଶନ୍ଧି ଧରି ପ୍ରବାସୀ ଓଡ଼ିଆ ପିଲାମାନଙ୍କୁ ମାତୃଭାଷା ଶିକ୍ଷା ପ୍ରଦାନ କରିଆସୁଛନ୍ତି। ଏହା କେବଳ ସେବା ନୁହେଁ, ଓଡ଼ିଆ ଅସ୍ମିତା ରକ୍ଷା ପାଇଁ ଏକ ନୀରବ ତପସ୍ୟା। ସରକାର ଶିକ୍ଷକମାନଙ୍କ ଦରମା ବନ୍ଦ କରି ହୀନମନ୍ୟତାର ପରିଚୟ ଦେଇଛନ୍ତି କହି ଏହାକୁ କଡ଼ା ସମାଲୋଚନା କରିଛି ବିଜେଡି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଥିଲେ ଯେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ମୂଳଦୁଆ ପକାଇଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର। ସେହି ଧାରାକୁ ବଜାୟ ରଖି ଦୀର୍ଘ ୨୦ ବର୍ଷ ପୂର୍ବରୁ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷାର ପ୍ରସାର ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଏହି ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

କୁଳବୃଦ୍ଧ ମଧୁବାବୁ ଯେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଲଢୁଥିଲେ, ସେତେବେଳେ ସେ କହିଥିଲେ ଯେ ଜାତି, ମାଟି ଓ ଭାଷା ନ ରହିଲେ, ସ୍ୱତନ୍ତ୍ର ପ୍ରଦେଶର ମୂଲ୍ୟ କ'ଣ? ସେହି ଭାବନାକୁ ଆଧାର କରି ସମ୍ବଲପୁର ଓ ଗଞ୍ଜାମର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆପ୍ରାଣ ଚେଷ୍ଟା କରିଥିଲେ। ବିଚ୍ଛିନ୍ନାଞ୍ଚଳରେ କାର୍ଯ୍ୟରତ ଓଡ଼ିଆ ଶିକ୍ଷକଶିକ୍ଷୟିତ୍ରୀଙ୍କ ଏକ ପ୍ରତିନିଧିମଣ୍ଡଳୀ ବକେୟା ଦରମା ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦୁଇ ଥର ଦେଖା କରିଥିଲେ। ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀ ଓଡ଼ିଆ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଖୁବ୍‌ଶୀଘ୍ର ଆର୍ଥିକ ଅନୁଦାନ ପ୍ରଦାନ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ବକେୟା ଅନୁଦାନ ପ୍ରଦାନ କରାଯାଇନାହିଁ। ଝାଡ଼ଖଣ୍ଡ ଗସ୍ତ ସମୟରେ ଓଡ଼ିଆ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ମାସିକ ୬ ହଜାର ଟଙ୍କା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଆଜି ପାଣିରେ ଗାର ହୋଇଛି।

## ରଜରେ ଦୁଲୁକିବ ଶିଶୁପାଳଗଡ଼ ଦଶହରା ପଡ଼ିଆ

■ ପିଠା-ଦୋଳି ସାଙ୍ଗକୁ ସାଂସ୍କୃତିକ ନୃତ୍ୟ ଓ ଗୀତରେ ଜମିବ

ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ)ଃ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ରଜ ପାଇଁ ସଜେଇ ହେଉଛି ଗାଁଠାରୁ ପଲ୍ଲୀ। ଦୀର୍ଘ ୩ ଦିନ ଧରି ପ୍ରତ୍ୟେକ ଓଡ଼ିଆ ଘର ପାନ, ପିଠା ଓ ମିଠାରେ ମହକିବ। ଏହାରି ମଧ୍ୟରେ ଐତିହ୍ୟ ଶିଶୁପାଳଗଡ଼ ଦଶହରା ପଡ଼ିଆରେ ବହୁ ଆଡ଼ମ୍ବରରେ ପାଳିତ ହେବ ରଜ ମହୋତ୍ସବ। ବାର୍ଷିକ ରଜ ମହୋତ୍ସବକୁ ନେଇ ଗତକାଲି ଏକ ପ୍ରସ୍ତୁତି ବୈଠକ ଶ୍ରୀଶ୍ରୀ ଦଧିବାମନ ସେବା ସମିତି ପକ୍ଷରୁ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ ସଭାପତିତ୍ୱ କରି ରଜ ମହୋତ୍ସବକୁ ଆକର୍ଷଣୀୟ କରିବା ନେଇ ବିଭିନ୍ନ ସାଂସ୍କୃତିକ, ପାରମ୍ପରିକ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଛନ୍ତି। ବୈଠକରେ ଶିଶୁପାଳଗଡ ସରପଞ୍ଚ ରଶ୍ମିରଞ୍ଜନ ଶ୍ରୀଚନ୍ଦନ, ସୁଧୀର କୁମାର ଚମ୍ପତି, ଅର୍ଜୁନ କୁମାର ଜେନା, ଯୋଗୀନାଥ ନାୟକ, ତ୍ରିଲୋଚନ ସୁନ୍ଦରାୟ, କୃଷ୍ଣଚନ୍ଦ୍ର ନାୟକ, ପ୍ରଦୀପ୍ତ କୁମାର ଜେନା, ବବୁଲ ଜେନା, ପ୍ରଦ୍ୟୁମ୍ନ ଜେନାଙ୍କ ସମେତ ଦଧିବାମନ ଦେବ ସେବା ସମିତିର ସମସ୍ତ ସଦସ୍ୟ ଓ ଆଖପାଖ ପଞ୍ଚାୟତର ମୁରବିମାନେ ଉପସ୍ଥିତ ଥିଲେ।




ଏ ସମ୍ପର୍କରେ ଶ୍ରୀ ସୁନ୍ଦରାୟ କହିଛନ୍ତି ଯେ ରଜ ଉପଲକ୍ଷେ ସୁସଜ୍ଜିତ ୧୦୦ଟି ଦୋଳି ଲଗାଯାଉଛି। ମହୋତ୍ସବରେ ମାଗଣା ଖିଲିପାନ, ପୋଡ଼ପିଠା ଷ୍ଟଲ୍ ସହ ଫଟୋ ପାଇଁ ୨ଟି ଆକର୍ଷଣୀୟ ସେଲଫି ପଏଣ୍ଟ ରହିବ। ଏଥିସହ ୩ ଦିନ ଯାଏଁ ସନ୍ଧ୍ୟାରେ ଆକର୍ଷଣୀୟ ଲୋକନୃତ୍ୟ, ଶାସ୍ତ୍ରୀୟ ଓ ମେଲୋଡି କାର୍ଯ୍ୟକ୍ରମ ପରିବେଷିତ ହେବ। ସେହିପରି ୧୪ ତାରିଖ ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ସହ ଜମିବ କଣ୍ଠଶିଳ୍ପୀ ଇରା ମହାନ୍ତି ଓ ସାଥୀ କଳାକାର ସଙ୍ଗୀତ ପରିବେଷଣ। ଏହାଛଡ଼ା ୧୫ ତାରିଖ ସନ୍ଧ୍ୟାରେ ଘୁମୁରା ନୃତ୍ୟ ଓ ମଣ୍ଟୁ ଛୁରିଆଙ୍କ ଗ୍ରୁପ ସଙ୍ଗୀତ ପରିବେଷଣ କରିବେ। ପରେ ୧୬ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ ଘୋଡ଼ାନାଚ ଏବଂ କୁଳଦୀପ ପଟ୍ଟନାୟକଙ୍କ ଗ୍ରୁପ୍‌ର ମନୋରଞ୍ଜନରେ ଦର୍ଶକ ଝୁମିବେ। ସମିତି ସଭ୍ୟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଏଠାରେ ବହୁ ସଂଖ୍ୟାରେ ଜନଗହଳି ହେବ ଓ ଏଥିପାଇଁ ଟ୍ରାଫିକ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। ମହୋତ୍ସବର ଉଦ୍‌ଘାଟନୀ ସଭାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଛି। ଏହାପରେ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ମଧ୍ୟ ରହିଛି।

■ ପଦୋନ୍ନତିରେ ସାଧାରଣବର୍ଗଙ୍କୁ ଉପେକ୍ଷା ଅଭିଯୋଗ

## ରାଜ୍ୟବ୍ୟାପୀ ଗଣଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ପଦୋନ୍ନତି ନୀତି, ଭୋଟ ବ୍ୟାଙ୍କ ଓ ତୁଷ୍ଟିକରଣ ରାଜନୀତି ଫଳରେ ସରକାରୀ ବିଭାଗଗୁଡ଼ିକରେ ସୃଷ୍ଟି ହୋଇଥିବା ବୈଷମ୍ୟ, ଅସନ୍ତୋଷ ଓ ପ୍ରଶାସନିକ ଅସନ୍ତୁଳନ ନେଇ ସାଧାରଣ ବର୍ଗ ସମ୍ମିଳନୀ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଛି। ଏଥିସହ ଜୁନ୍ ୨୧ ତାରିଖ ରବିବାର ଦିନ ଦଶଟା ବେଳେ ଭୁବନେଶ୍ୱର ଲୋୟର ପିଏମଜିରେ ଏକ ସାଙ୍କେତିକ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦିଆଯିବା ସହ ସରକାର ଏ ଆଭିମୁଖ୍ୟରେ ପରିବର୍ତ୍ତନ ନ ଆଣିଲେ ରାଜ୍ୟବ୍ୟାପୀ ଗଣଆନ୍ଦୋଳନ କରାଯିବ ବୋଲି ସମ୍ମିଳନୀ ଚେତାବନୀ ଦେଇଛି।

ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି ଯେ, ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୦୦୭ ମସିହାରୁ ରାଜ୍ୟର ସମସ୍ତ ସରକାରୀ ବିଭାଗରେ ପଦଭିତ୍ତିକ ପଦୋନ୍ନତି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଆସୁଛି। କିନ୍ତୁ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ୨୦୨୪ ସେପ୍ଟେମ୍ବର ୧୧ ତାରିଖରେ ଜାରି ହୋଇଥିବା ଏକ ବିଜ୍ଞପ୍ତି ମାଧ୍ୟମରେ ସଂରକ୍ଷିତ ବର୍ଗର କର୍ମଚାରୀଙ୍କୁ ଅଣସଂରକ୍ଷିତ ପଦବୀରେ ପଦୋନ୍ନତି ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହା ସାଧାରଣବର୍ଗ କର୍ମଚାରୀଙ୍କ ସାମ୍ବିଧାନିକ ଅଧିକାର ଓ ନ୍ୟାୟସଙ୍ଗତ ସୁଯୋଗ ଉପରେ ସିଧାସଳଖ ଆଘାତ ବୋଲି ସମ୍ମିଳନୀ ଅଭିଯୋଗ କରିଛି। ଏହି ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ମାମଲାର ଶୁଣାଣି ପରେ ଓଡ଼ିଶା ହାଇକୋର୍ଟ ଉକ୍ତ ବିଜ୍ଞପ୍ତିକୁ ରଦ୍ଦ କରିବା ସହ ପ୍ରଦାନ କରାଯାଇଥିବା ପଦୋନ୍ନତିଗୁଡ଼ିକୁ ମଧ୍ୟ ବାତିଲ କରିଥିଲେ।

## ଏସ୍‌ଆଇଆର୍ ସମୀକ୍ଷା କଲେ ଉପଜିଲ୍ଲାପାଳ



କଟକ, ୧୩।୬ (ସଂଚାର ବ୍ୟୁରୋ)ଃ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) କାର୍ଯ୍ୟକ୍ରମର ଅନୁଧ୍ୟାନ କରିବା ନିମନ୍ତେ ବାରବାଟୀ, କଟକ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ସିଡିଏ ଅଞ୍ଚଳର ବିଭିନ୍ନ ବୁଥ୍ ପରିଦର୍ଶନ କରିଛନ୍ତି। ବାରବାଟୀ କଟକ ନିର୍ବାଚନ ମଣ୍ଡଳୀର ବୁଥ ନଂ- ୧୯, ୨୧, ୬୦, ୬୫, ୬୬, ୬୭, ୬୮, ୬୯ ଅନ୍ତର୍ଗତ ମୁଢ଼ି ଗଡ଼ା, କାଠଯୋଡ଼ି ବିହାର, ଡଗର ପଡ଼ା ଆଦି ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏଥିସହ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବୁଥ୍‌ସ୍ତରୀୟ ଅଧିକାରୀ, ସୁପରଭାଇଜରଙ୍କ ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା କରାଯାଉଥିବା ମତଦାତାଙ୍କ ଫର୍ମ ବଣ୍ଟନ ଓ ସଂଗ୍ରହ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି ।

ଉପଜିଲ୍ଲାପାଳ ଘରକୁଘର ବୁଲି ସମସ୍ତ କାର୍ଯ୍ୟର ଯାଞ୍ଚ କରିବା ସହ, ଅଭିଯୋଗ ସମାଧାନ ବ୍ୟବସ୍ଥା, ଡିଜିଟାଇଜେସନ୍ ପ୍ରକ୍ରିୟା ଏବଂ ସମସ୍ତ ଯୋଗ୍ୟ ଭୋଟରଙ୍କ ନିକଟରେ ଏହି କାର୍ଯ୍ୟକ୍ରମର ସୁବିଧା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି। କୌଣସି ଯୋଗ୍ୟ ନାଗରିକ ଯେପରି ଏହି ପ୍ରକ୍ରିୟାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଅଧିକ ତତ୍ପରତା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ବିଏଲ୍‌ଓମାନଙ୍କଠାରୁ କ୍ଷେତ୍ରସ୍ତରରେ ହେଉଥିବା କାର୍ଯ୍ୟ ସମ୍ପର୍କରେ ମତାମତ ଗ୍ରହଣ କରିବା ସହ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଡିଜେଲ ସଙ୍କଟ, ଆରମ୍ଭ ହୋଇପାରୁନି ଚାଷକାର୍ଯ୍ୟ



ଭୁବନେଶ୍ୱର, ୧୩।୬ଃ ରାଜ୍ୟରେ ମୌସୁମୀ ପ୍ରବଶ କରିଥିବା ବେଳେ ଚାଷକାର୍ଯ୍ୟ କିନ୍ତୁ ଆରମ୍ଭ ହୋଇପାରୁନାହିଁ। ଗାଁଗହଳରେ ଡିଜେଲ ସଙ୍କଟ ଯୋଗୁଁ ଏଭଳି ସ୍ଥିତି ଉପୁଜିଛି।

ଡିଜେଲ କଳାବଜାରୀକୁ ରୋକିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେବା ପରେ ହଠାତ୍ ଗାଁଗହଳରେ ଥିବା ତେଲଟାଙ୍କିଗୁଡ଼ିକରେ ଡିଜେଲ ଅଭାବ ଦେଖାଦେଇଛି। କେତେକ ଟାଙ୍କିରେ ତ ଆଦୌ ଡିଜେଲ ନାହିଁ। ତେଲ ସଙ୍କଟ ପରେ ଅଳ୍ପ ଅଳ୍ପ ଡିଜେଲ ମିଳୁଥିବା ବେଳେ ଏବେ ପୁଣିଥରେ ଡିଜେଲ ଅଭାବ ପରିଲକ୍ଷିତ ହୋଇଛି।

ଡିଜେଲ ମିଳୁ ନ ଥିବାରୁ ଚାଷକାର୍ଯ୍ୟରେ ବ୍ୟବହୃତ ଟ୍ରାକ୍ଟର ଓ ପାୱାରଟିଲରଗୁଡ଼ିକ ଗଡ଼ିପାରୁନାହାନ୍ତି। ଗାଁଗହଳରେ ଆଉ ପ୍ରାୟତଃ ବଳଦଚାଳିତ ହଳଲଙ୍ଗଳ ନ ଥିବାରୁ ଚାଷୀମାନେ ଟ୍ରାକ୍ଟର ଉପରେ ନିର୍ଭରଶୀଳ ହୋଇଛନ୍ତି। ମୌସୁମୀ ପ୍ରବେଶ ସହ ଚାଷୀମାନେ ବିଲରେ ଟ୍ରାକ୍ଟର ଯୋଗେ ହଳ କରିଥାନ୍ତି ଓ ସବୁଜ ସାର କୁହାଯାଉଥିବା ଧନିଚା ବୁଣିଥାନ୍ତି। ସେହିଭଳି ଆଉ କେତେକ ଚାଷୀ ପାୱାରଟିଲର ଯୋଗେ ଏହା କରିଥାନ୍ତି। ହେଲେ ଗାଁଗହଳରେ ଏବେ ଡିଜେଲ ସଙ୍କଟ। ରାଜଧାନୀରୁ ମାତ୍ର ୭୦ କିମି ଦୂରରେ ଥିବା ଜଗତ୍‌ସିଂହପୁର ଜିଲ୍ଲାରୁ ଏଭଳି ଖବର ଆସିବାରେ ଲାଗିଛି। ତେଲ ଟାଙ୍କିରେ ଡିଜେଲ ମିଳୁ ନ ଥିବାରୁ ଟ୍ରାକ୍ଟରଗୁଡ଼ିକ ଛିଡ଼ା ହୋଇ ରହିଗଲେଣି। ଯେଉଁମାନେ ଅଳ୍ପକିଛି ଡିଜେଲ ସଂଗ୍ରହ କରୁଛନ୍ତି, ସେମାନେ ନିର୍ମାଣ କାର୍ଯ୍ୟରେ ତାହାକୁ ଲଗାଇ ଦେଉଛନ୍ତି।

ଏହା ପୂର୍ବରୁ ସମୁଦ୍ରକୂଳିଆ ଅଞ୍ଚଳରେ ଡିଜେଲ ଅଭାବରୁ ମାଛଧରା ପ୍ରଭାବିତ ହୋଇଥିଲା। ଡିଜେଲଚାଳିତ ଟ୍ରଲର ଓ ଡଙ୍ଗାଗୁଡ଼ିକ ସମୁଦ୍ରକୁ ଯାଇପାରି ନ ଥିଲେ। ଏହାଦ୍ୱାରା ଧୀବରମାନଙ୍କ ରୋଜଗାର ପ୍ରଭାବିତ ହେବା ସହ ବଜାରରେ ସମୁଦ୍ରମାଛ ଯୋଗାଣ ବି ହ୍ରାସ ପାଇଥିଲା। ଏହାକୁ ନେଇ ଅସନ୍ତୋଷ ଥମି ନ ଥିବା ବେଳେ ଏବେ ଚାଷକାର୍ଯ୍ୟ ପାଇଁ ଡିଜେଲ ଅଭାବ ଚାଷୀମାନଙ୍କୁ ଚିନ୍ତାରେ ପକାଇଦେଇଛି।

ଉପକୂଳ ଜିଲ୍ଲାଗୁଡିକରେ ସାଧାରଣତଃ ରଜପର୍ବ ପରେ ପରେ ଚାଷୀ ବିଲକୁ ହଳ ନେଇ ଯାଇଥାଏ। କେଉଁଠାରେ ଧାନ ବୁଣା ହୋଇଥାଏ ତ ଆଉ କେଉଁଠାରେ ତଳି ପକାଇବା ପାଇଁ ପ୍ରସ୍ତୁତିପର୍ବ ଚାଲିଥାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଧନିଚାଠାରୁ ଧାନ ବିହନ ପର୍ଯ୍ୟନ୍ତ ସବୁକିଛି ଯୋଗାଣ କରୁଛନ୍ତି। ହେଲେ ଚାଷକାର୍ଯ୍ୟର ଆଦ୍ୟପର୍ବ ହଳ କରିବା କିନ୍ତୁ ଚଳିତବର୍ଷ କଷ୍ଟକର ହୋଇପଡ଼ିଲାଣି।

ଚାଷୀମାନଙ୍କ କହିବା କଥା ଯେ ଗାଁଗହଳରେ ଯଦି ତୁରନ୍ତ ଚାଷ ପାଇଁ ଡିଜେଲ ଉପଲବ୍ଧ ନ ହେବ, ତେବେ ଚଳିତ ବର୍ଷ ଧାନଚାଷରେ କେବଳ ବିଳମ୍ବ ହେବନାହିଁ, ଅନେକ ସ୍ଥାନରେ ଧାନ ଚାଷ ବି ଅଧାରେ ରହିଯିବ। କାରଣ ଶୁଖିଲା ଜମିରେ ହଳଠାରୁ ଆରମ୍ଭ କରି ବିଲ କାଦୁଅ କରିବା, ମହୀ ଦେବା ଆଦି ସବୁ କାର୍ଯ୍ୟ ଟ୍ରାକ୍ଟର ଯୋଗେ ହିଁ ହେଉଛି। ସେହିଭଳି ଧାନ କାଟିବାଠାରୁ ଅମଳ ପର୍ଯ୍ୟନ୍ତ ସବୁକିଛି ପାଇଁ ଚାଷୀମାନେ ଯାନ୍ତ୍ରିକ କୃଷି ଉପରେ ନିର୍ଭର କରୁଥିବା ବେଳେ ଏଥିପାଇଁ ଡିଜେଲ ନିହାତି ଦରକାର। ଏଭଳି ସ୍ଥିତିରେ ଗାଁଗହଳର ତେଲ ଟାଙ୍କିରେ ଡିଜେଲ ସଙ୍କଟ ଏବେ ଚାଷୀମାନଙ୍କ ଚିନ୍ତାରେ ପକାଇଛି। (ତଥ୍ୟ)

## କଟକରେ ଇନ୍ଦ୍ରେଶଜୀ ମହାରାଜଙ୍କ ପ୍ରବଚନ

■ ୭ ଦିନ ଧରି ଚାଲିବ ଶ୍ରୀମଦ ଭାଗବତ କଥା ପ୍ରବଚନ



କଟକ, ୧୩।୬ (ସଂଚାର ବ୍ୟୁରୋ)ଃ କଟକ ସହରରେ ପ୍ରଥମ ଥର ପାଇଁ ବିଶ୍ୱପ୍ରସିଦ୍ଧ କଥାବାଚକ ଇନ୍ଦ୍ରେଶଜୀ ମହାରାଜଙ୍କ ଦ୍ୱାରା ଶ୍ରୀମଦ ଭାଗବତ କଥା ପ୍ରବଚନ କାର୍ଯ୍ୟକ୍ରମ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ସନ୍‌ସାଇନ୍ ଖେଳ ପଡ଼ିଆରେ ୭ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ୨୬ ତାରିଖରେ ଉଦ୍‌ଯାପିତ ହେବ। ଶ୍ରୀମଦ ଭାଗବତ କଥା ହିନ୍ଦୁ ଧର୍ମର ଏକ ପବିତ୍ର ଗ୍ରନ୍ଥ ହୋଇଥିବା ବେଳେ ଏହାର ପ୍ରବଚନ ମାଧ୍ୟମରେ ଭଗବାନ ଜଗନ୍ନାଥଙ୍କ ଲୀଳା, ଭକ୍ତି, ଧର୍ମ, ନୈତିକତା ଓ ମାନବୀୟ ମୂଲ୍ୟବୋଧ ସମ୍ପର୍କରେ ଇନ୍ଦ୍ରେଶଜୀ ମହାରାଜ ଶ୍ରଦ୍ଧାଳୁମାନଙ୍କୁ ଅବଗତ କରାଇବେ। କାର୍ଯ୍ୟକ୍ରମରେ କଟକ ସମେତ ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨୦ରୁ ୨୫ ହଜାର ଶ୍ରଦ୍ଧାଳୁ ଯୋଗଦେବାର ସମ୍ଭାବନା ରହିଛି। ବହୁସଂଖ୍ୟକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବସିବା ବ୍ୟବସ୍ଥା, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ ସୁବିଧାର ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି ଆୟୋଜକ ଗୁପ୍ତା ପରିବାର ଓ ଏସ୍‌ଜିବିଏଲ୍ ଗ୍ରୁପ ପକ୍ଷରୁ ସୂଚନା ଦିଆଯାଇଛି।

## ତୈଳ ଟ୍ୟାଙ୍କର୍ ଆକ୍ରମଣ

# ଭାରତ-ଆମେରିକା ସମ୍ପର୍କରେ ତିକ୍ତତା!

ନୂଆଦିଲ୍ଲୀ୧୩।୬: ହର୍ମୁଜରେ ଲଗାତାର ଭାରତୀୟ ତୈଳଟ୍ୟାଙ୍କର ଉପରେ ଆକ୍ରମଣକୁ ନେଇ ଆମେରିକା ଓ ଭାରତ ମଧ୍ୟରେ ସମ୍ପର୍କ ତିକ୍ତ ହେବା ଆରମ୍ଭ କରିଛି। ଭାରତର ବାରମ୍ବାର ତାଗିଦ ସତ୍ତ୍ୱେ ଭାରତୀୟ ଟ୍ୟାଙ୍କର ଉପରେ ଆମେରିକା ଆକ୍ରମଣ ଜାରି ରଖିଛି। ଭାରତ ଏସମ୍ପର୍କରେ ଆମେରିକା ଦୂତାବାସକୁ ଦୁଇଥର ସମନ କରିଥିବା ବେଳେ ବୈଦେଶିକମନ୍ତ୍ରୀ ସ୍ତରରେ ଏହାର ବିରୋଧ ହୋଇଛି। ଶନିବାର ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଆମେରିକା ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ସହ ଫୋନ୍ ଯୋଗ କଥା ହୋଇ ଏହାକୁ ଦୃଢ଼ ବିରୋଧ କରିଛନ୍ତି। ଏଭଳି ଘଟଣା ଆଦୌ ଉଚିତ ନୁହେଁ, ବାଣିଜ୍ୟିକ ଜାହାଜଗୁଡ଼ିକ ଏଭଳି ଆକ୍ରମଣର ଶିକାର ହେବା କଥା ନୁହେଁ ବୋଲି ଜୟଶଙ୍କର କହିଥିବା ସୂଚନା ମିଳିଛି।

ବୁଧବାର ଓମାନ ଉପସାଗରରେ ବାଣିଜ୍ୟିକ ଟ୍ୟାଙ୍କର ଏମ୍‌ଟି ସେଙ୍ଗେବେଲୋ ଉପରେ ଆମେରିକା ନୌସେନା ଆକ୍ରମଣ କରିଥିଲା। ଏଥିରେ ୨୪ ଜଣ ଭାରତୀୟ ଥିବା ବେଳେ ୨୧ ଜଣଙ୍କୁ ଉଦ୍ଧାର କରାଯାଇଥିଲା, ତିନି ଜଣଙ୍କର ମୃତ୍ୟୁ ହୋଇଥିଲା।



ସୂଚନାଯୋଗ୍ୟ ଯେ, ଜୁନ୍ ୮ ରେ ଆମେରିକୀୟ ସେନା ପାଲାଉ-ପତାକାଯୁକ୍ତ ଟ୍ୟାଙ୍କର୍ ମାରିଭେକ୍ସକୁ ନିଷ୍କ୍ରିୟ କରିଦେଇଥିଲେ। ଯେଉଁଥିରେ ୨୪ ଜଣ ଭାରତୀୟ କ୍ରୁ ସଦସ୍ୟ ଥିଲେ। ସମସ୍ତଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିଲା।ଏହାର ଦୁଇଦିନ ପରେ ଆଉ ଏକ ପାଲାଉ-ପତାକାଯୁକ୍ତ ଟ୍ୟାଙ୍କର, ସେଙ୍ଗେବେଲୋ, ଆମେରିକାର ଆକ୍ରମଣର ଶିକାର ହୋଇଥିଲା। ଏହି ଜାହାଜରେ ୨୪ ଜଣ ଭାରତୀୟ ନାବିକ ଥିଲେ। ସେମାନଙ୍କ ମଧ୍ୟରୁ ତିନି ଜଣ ଆକ୍ରମଣରେ ପ୍ରାଣ ହରାଇଥିଲେ। ଗୁରୁବାର ଗିନି-ବିସାଉ ପତାକା ଯୁକ୍ତ ତୃତୀୟ ଜାହାଜ ଜଳବୀର ୨୦ ଜଣ ଭାରତୀୟ କ୍ରୁ ସଦସ୍ୟଙ୍କୁ ନେଇ ଯାଉଥିବା ବେଳେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲା।

ଓମାନ ଉପକୂଳରେ ଭାରତୀୟ କ୍ରୁ ସଦସ୍ୟମାନଙ୍କୁ ନେଇ ଯାଉଥିବା ଆଉ ଏକ ବାଣିଜ୍ୟ ଜାହାଜ ଆକ୍ରମଣର ଶିକାର ହେବା ପରେ, ଭାରତ ଏହି ସପ୍ତାହରେ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରଦୂତ ଜେସନ ମିଲ୍ସଙ୍କୁ ସମନ କରିଛି। ବୈଦେଶିକ ମନ୍ତ୍ରଣାଳୟର ଅତିରିକ୍ତ ସଚିବ (ଆମେରିକା) ଆମେରିକୀୟ କୂଟନୀତିଜ୍ଞଙ୍କୁ ଡକାଇଛନ୍ତି।

## ହର୍ମୁଜରେ ଫସିଛନ୍ତି ୧୧ ହଜାର ନାବିକ



ଆମେରିକା-ଇରାନ ଯୁଦ୍ଧ ଓ ହର୍ମୁଜ୍ ଜଳମାର୍ଗ ବନ୍ଦ ରହିବା ଯୋଗୁ ପାରସ୍ୟ ଉପସାଗରରେ ବର୍ତ୍ତମାନ ସୁଦ୍ଧା ୫୦୦ରୁ ଅଧିକ ବାଣିଜ୍ୟିକ ଜାହାଜ ଫସି ରହିଛନ୍ତି। ସେଥିରେ ୧୧ ହଜାରରୁ ଅଧିକ ନାବିକ ମଧ୍ୟ ଅଛନ୍ତି। ସୂଚନା ଅନୁସାରେ ଜାହାଜ ଭିତରେ ଫସି ରହିଥିବା ନାବିକଙ୍କ ପାଖରେ ଖାଦ୍ୟ ଓ ପିଇବା ପାଣିର ଅଭାବ ଦେଖାଦେଇଛି। ଗତ ଫେବ୍ରୁଆରୀ ୨୮ ତାରିଖ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ହର୍ମୁଜ ନିକଟରେ ୧୨ରୁ ଅଧିକ ଜାହାଜ ଉପରେ ଆକ୍ରମଣ ହୋଇଛି। ସମଗ୍ର ବିଶ୍ୱ ବଜାରରେ ମଧ୍ୟ ପଡିଛି। କିଛି ଶିଳ୍ପ ସଂସ୍ଥା ମଧ୍ୟ ସୁରକ୍ଷିତ ନୌପରିବହନ ନିମନ୍ତେ ଟ୍ରାଞ୍ଜିଟ୍ ଫି ଦେବାକୁ ରାଜି ଥିବା ମତ ପ୍ରକାଶ କରିଛନ୍ତି। ଇରାନ ପକ୍ଷରୁ ହୋର୍ମୁଜକୁ ବନ୍ଦ କରାଯିବା ଓ ଆମେରିକା ସେଠାରେ ଅବରୋଧ କରିବା ଯୋଗୁ ତେଲ ଓ ଗ୍ୟାସ୍ ସଙ୍କଟ ବଢ଼ିବାରେ ଲାଗିଛି।

## ଦୁର୍ଘଟଣାରେ ବାପ-ଝିଅ ମୃତ



ମୁମ୍ବାଇ, ୧୩।୬: ହିମାଚଳ ପ୍ରଦେଶର କୁଲ୍ଲୁ ଜିଲ୍ଲାର ମଣିକରଣ ଉପତ୍ୟକାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ବାପ ଓ ଝିଅ ପ୍ରାଣ ହରାଇଛନ୍ତି। ପଞ୍ଜାବରୁ ମଣିକରଣ କାର ଯୋଗେ ଯାଉଥିବା ବେଳେ ଗାଡ଼ିଟି ଗଭୀର ଘାଟିକୁ ଖସି ପଡ଼ିଥିଲା। ନିକଟସ୍ଥ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତଙ୍କୁ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ଜଣେ ପର୍ଯ୍ୟଟକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କୁ ହସ୍ପିଟାଲକୁ ନେବା ସମୟରେ ମୃତ୍ୟୁବରଣ କରିଥିଲେ। ପୁଲିସ ଦୁର୍ଘଟଣାର କାରଣ ଖୋଜିବା ଆରମ୍ଭ କରିଛି।

### ପ୍ରସୂତୀ ମୃତ୍ୟୁକୁ ନେଇ ମନ୍ତ୍ରୀଙ୍କ ବିବାଦୀୟ ବୟାନ

## ଚାଲିଚାଲି ଆସୁଥିଲେ ନା ନାଚିନାଚି



ଜୟପୁର,୧୩।୬: ଜଣେ ଗର୍ଭବତୀଙ୍କ ମୃତ୍ୟୁକୁ ନେଇ ଦେଇଥିବା ମନ୍ତବ୍ୟ ଯୋଗୁ ବିବାଦରେ ଫସିଛନ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଖିମସର୍। ଗତ କିଛିଦିନ ଧରି ବିକାନେର୍‌ର ପିବିଏସ ହସ୍ପିଟାଲରେ ଅନେକ ପ୍ରସୂତୀ ମୃତ୍ୟୁବରଣ କରୁଛନ୍ତି। ଏହାସହ କିଡନୀ ଫେଲ୍ ଜନିତ ମୃତ୍ୟୁ ମାମଲା ମଧ୍ୟ ବୃଦ୍ଧି ପାଉଛି। ଏହି ଘଟଣାକୁ ନେଇ ପ୍ରତିକ୍ରିୟା ରଖିଥିଲେ ମନ୍ତ୍ରୀ। ସେ କହିଥିଲେ ଯେ, ମୃତକଙ୍କ ସ୍ୱାସ୍ଥ୍ୟବସ୍ଥା ପୂର୍ବରୁ ଭଲ ନଥିଲା। ସେମାନେ ଚାଲି ଚାଲି ଆସିଥିଲେ ନା ନାଚି ନାଚି ଆସିଥିଲେ ନା ଅସୁସ୍ଥ ହୋଇ ଆସିଥିଲେ। ତେବେ ମନ୍ତ୍ରୀଙ୍କ ଏହି ବୟାନକୁ ସବୁଠି ନିନ୍ଦା କରାଯାଉଛି। ବିରୋଧ ପରେ ସେ କହିଥିଲେ ଯେ, ସେମାନେ ଏତେ ମାତ୍ରାରେ ଲୋକଙ୍କ ଜୀବନ ରକ୍ଷା କରୁଛନ୍ତି। ସେହି ସମୟରେ କେହି କିଛି କହୁ ନାହାନ୍ତି। ସମସ୍ତେ କେବଳ ମୃତକଙ୍କ କଥା କହୁଛନ୍ତି। ପ୍ରତିଦିନ ୧୦୦୦ରୁ ଅଧିକ ରୋଗୀ ହସ୍ପିଟାଲ ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥାଏ। ଅନ୍ୟମାନେ ସୁସ୍ଥ ହୋଇ ଘରକୁ ଯାଆନ୍ତି। ସେତେବେଳେ କେହି କିଛି କହୁ ନାହାଁନ୍ତି। ସେ ଆହୁରି କହିଥିଲେ ଯେ, ଡାକ୍ତର ଯେଉଁ ଇଞ୍ଜେକ୍ସନ ଦିଅନ୍ତି ତାହା ପ୍ରସବ ପରେ ରକ୍ତସ୍ରାବକୁ ବନ୍ଦ କରିଥାଏ। କିନ୍ତୁ ଯେଉଁ ଇଞ୍ଜେକ୍ସନ ଦିଆଯାଇଥିଲା ତାହା ମଧ୍ୟରେ ଔଷଧ ନଥିଲା। ଖାଲି ପାଣି ଥିଲା। ତେଣୁ ରକ୍ତସ୍ରାବ ବନ୍ଦ ହୋଇନଥିଲା। ଏହାପରେ ଔଷଧର ଗୁଣବତ୍ତା ଯାଞ୍ଚ ପାଇଁ ବିରୋଧି ଦାବି କରିଥିଲେ। ଏପରିକି ତଦନ୍ତ ରିପୋର୍ଟ ସାର୍ବଜନୀନ କରିବାକୁ ସେମାନେ କହିଥିଲେ।

## ଶହ ଶହ ଲିଟର ପାଣି ଶୋଷୁଛନ୍ତି ଡାଟା ସେଣ୍ଟର



ନୂଆଦିଲ୍ଲୀ,୧୩।୬: ଡାଟା ସେଣ୍ଟର ପାଣି ଓ ବିଜୁଳି ଉଭୟର ବ୍ୟାପକ ଉପଯୋଗ କରୁଛନ୍ତି। ଏହା ଏବେ ବିଶ୍ୱ ପାଇଁ ବଡ଼ ଚିନ୍ତାର ବିଷୟ ହୋଇଛି। ଆମାଜନ୍‌ର ଡାଟା ସେଣ୍ଟର ୨୦୨୫ରେ ଏହାର ବୈଶ୍ୱିକ ଡାଟା ସେଣ୍ଟର ପରିଚାଳନାରେ ହାରାହାରି ୨୫୦ କୋଟି ଗ୍ୟାଲନ୍ ଅର୍ଥାତ୍ ୯୦୦ କୋଟି ଲିଟରରୁ ଅଧିକ ପାଣି ଖର୍ଚ୍ଚ କରିଛି। କମ୍ପାନୀ ପୋଷ୍ଟରେ ଏକ ତାଲିକା ଶେୟାର କରିଛି, ଯେଉଁଥିରେ ପାଣି ଉପଯୋଗର ତଥ୍ୟର ତୁଳନା ପ୍ରତିଯୋଗିତା ସହ କରାଯାଇଛି। ତାଲିକା ଅନୁସାରେ, ୨୦୨୫ରେ ଆମାଜନ୍ ଡାଟା ସେଣ୍ଟର ପ୍ରତି କିଲୋୱାଟ/ ଘଣ୍ଟା ବିଜୁଳି ପାଇଁ ୦.୧୨ ଲିଟର ପାଣି ବ୍ୟବହାର କରିଛି, ଯାହା ଗୁଗଲ୍, ମାଇକ୍ରୋସଫ୍ଟ ଓ ମେଟା ଭଳି କମ୍ପାନି ତୁଳନାରେ ସବୁଠୁ କମ୍। ତାଲିକାରେ ପ୍ରଦର୍ଶିତ ଗୁଗଲର ସଂଖ୍ୟା କେବଳ ଜେମିନି ଏଆଇ ଡାଟା ସେଣ୍ଟରର ପାଣି ଖର୍ଚ୍ଚ ଦେଖାଇଛି। ରିପୋର୍ଟ ଅନୁସାରେ, ବିଶ୍ୱରେ ଆମାଜନ୍‌ର ହାରାହାରି ୯୨୪ ଡାଟା ସେଣ୍ଟର ଅଛି।

ଆମାଜନ୍ ଆହୁରି କହିଛି, ୨୦୩୦ ସୁଦ୍ଧା ୱାଟର୍ ପଜିଟିଭ୍ ହେବା ଏହାର ଯୋଜନା। ଏହାର ଅର୍ଥ କମ୍ପାନିର ଡାଟା ସେଣ୍ଟର୍ କାର୍ଯ୍ୟରେ ବ୍ୟବହୃତ ପ୍ରତ୍ୟେକ ଗ୍ୟାଲନ୍ ପାଣି ବଦଳରେ କମ୍ପାନି ସମୁଦାୟକୁ ଏକ ଗ୍ୟାଲନରୁ ଅଧିକ ପାଣି ଫେରାଇବ। ଏହି ଲକ୍ଷ୍ୟକୁ ୭୫ ପ୍ରତିଶତ ହାସଲ କରିଥିବା କମ୍ପାନି କହିଛି । ଜଳ ସଂରକ୍ଷଣର ଅନେକ ଉପାୟ ମଧ୍ୟ ଏହା ଆପଣେଇଛି। ନିଜ ସର୍ଭରକୁ ଥଣ୍ଡା ରଖିବା ପାଇଁ ୯୦ ପ୍ରତିଶତ ସମୟ ବାହ୍ୟ ବାୟୁର ଉପଯୋଗ କରୁଛି।

## ଭୋଟର ତାଲିକାରେ ନାହିଁ ସ୍ମୃତି ଇରାନୀଙ୍କ ନାଁ



ଆମେଠି, ୧୩।୬: ୨୦୨୪ ଲୋକସଭା ନିର୍ବାଚନରେ ଭୋଟ୍ ଦେଇଥିଲେ ବି ଆମେଠି ପଞ୍ଚାୟତ ଭୋଟର ତାଲିକାରୁ ସ୍ମୃତି ଇରାନୀଙ୍କ ନାମ ଗାଏବ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତ୍ରୀ ସ୍ମୃତି ଇରାନୀଙ୍କ ନାମ ଆମେଠି ଜିଲ୍ଲାର ମେଦନ ମାୱାଇ ଗାଁର ପଞ୍ଚାୟତ ଭୋଟର ତାଲିକାରୁ ବାଦ୍ ପଡ଼ିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଗତ ୨୦୨୪ ଲୋକସଭା ନିର୍ବାଚନ ଏବଂ ୨୦୨୨ ବିଧାନସଭା ନିର୍ବାଚନ ତାଲିକାରେ ତାଙ୍କ ନାମ ଥିଲା ଏବଂ ସେ ନିକଟରେ ସେଠାରେ ନିଜର ମତଦାନ ମଧ୍ୟ ସାବ୍ୟସ୍ତ କରିଥିଲେ।

ଗତ ଜୁନ୍ ୧୦ ତାରିଖରେ ଗାଁର ନୂତନ ପଞ୍ଚାୟତ ଭୋଟର ତାଲିକା ପ୍ରକାଶ ପାଇଥିଲା, ଯେଉଁଥିରେ ସ୍ମୃତି ଇରାନୀଙ୍କ ନାମ ନଥିବା ଦେଖିବାକୁ ମିଳିଥିଲା। ଏହି ତ୍ରୁଟି ସାମ୍ନାକୁ ଆସିବା ପରେ ଆମେଠିର ଜିଲ୍ଲାପାଳ ସଞ୍ଜୟ ଚୌହାନ ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ, ତଦନ୍ତ ରିପୋର୍ଟ ଆସିବା ପରେ ହିଁ କେଉଁ କାରଣରୁ ତାଙ୍କ ନାମ କଟିଗଲା ତାହାର ପ୍ରକୃତ କାରଣ ଜଣାପଡ଼ିବ।

## ଭାରତକୁ ମିଳିଲା ୧୦୦ କାମିକାଜେ ଡ୍ରୋନ୍



ନୂଆଦିଲ୍ଲୀ, ୧୩।୬: ସ୍ୱଦେଶୀ ପ୍ରତିରକ୍ଷା କମ୍ପାନି ଏସଏମପିପି ଭାରତୀୟ ସେନାକୁ ୧୦୬ଟି କାମିକାଜେ ଡ୍ରୋନ୍ ହସ୍ତାନ୍ତର କରିଛି। ସେଥିମଧ୍ୟରୁ ୧୦୦ଟି ଅପରେସନାଲ ହୋଇଥିବାବେଳେ ୬ଟି ହେଉଛି ଟ୍ରେନିଂ ଡ୍ରୋନ୍ । ଏହାକୁ 'ପିସ୍ କିପର' (ଅଗ୍ନିବେଗ) ନାମ ଦିଆଯାଇଛି। ଏହା ଭାରତର ମାନବବିହୀନ ଯୁଦ୍ଧ କ୍ଷମତା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ବେଲାରୁଷର ଏକ ଫାର୍ମ ସହାୟତାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହି ଡ୍ରୋନର ଲକ୍ଷ୍ୟଭେଦ କ୍ଷମତା ୧୮୦ କି.ମି। ଏହା ଘଣ୍ଟାପ୍ରତି ସର୍ବାଧିକ ୪୫୦ କି.ମି ବେଗରେ ଉଡ଼ିପାରିବ। ଏହା ଉପରେ ଜାମିଂର ପ୍ରଭାବ ରହିବ ନାହିଁ।

ସେହିପରି ସ୍ପୁଫିଂ ଜରିଆରେ କେହି ଏହାକୁ ଲକ୍ଷ୍ୟଭ୍ରଷ୍ଟ କରିପାରିବେ ନାହିଁ । ଜିପିଏସ୍ ସିଗନାଲ ନଥିବା ଯୁଦ୍ଧକ୍ଷେତ୍ରରେ ଏହା କାମ କରିବାରେ ସକ୍ଷମ। ଅଗ୍ନିବେଗ ଶତ୍ରୁପକ୍ଷର ଗୁରୁତ୍ୱପୂର୍ଣ୍ଣ ସାମରିକ ଭିତ୍ତିଭୂମି, ଲଜିଷ୍ଟିକସ ହବ୍, କମାଣ୍ଡ ସେଣ୍ଟର, ରାଡାର ଇନଷ୍ଟଲେସନ୍ ଏବଂ ଅନ୍ୟ ରଣନୈତିକ ଠିକଣା ଉପରେ ପ୍ରିସିସନ୍ ଆକ୍ରମଣ କରିପାରିବ। 'ଅପରେସନ୍ ସିନ୍ଦୂର' ପରେ ଗତବର୍ଷ ରାଜସ୍ଥାନର ପୋଖରାନରେ ଏହାର ଟ୍ରାଏଲ ପରେ ଭାରତୀୟ ସେନା ଏହାକୁ କିଣିବା ଲାଗି ଚୟନ କରିଥିଲା। ଟ୍ରାଏଲ ସମୟରେ ଅଗ୍ନିବେଗ ଜାମିଂ ଏବଂ ସ୍ପୁଫିଂ ଭଳି ସ୍ଥିତିରେ ଉନ୍ନତ ପ୍ରଦର୍ଶନ କରିଥିଲା। ସେଥିରୁ ଏହାର ସଠିକତା ଏବଂ ବିଶ୍ୱସନୀୟତା ସାବ୍ୟସ୍ତ ହୋଇଥିଲା।

## ଅଭିଷେକଙ୍କ ଘରେ ସିଆରପିଏଫ୍



କୋଲକାତା, ୧୩।୬: ତୃଣମୂଳ କଂଗ୍ରେସର ସାଂସଦ ତଥା ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ଘରେ ପୋଲିସ। ଶନିବାର ଅଭିଷେକଙ୍କ ଘରେ ରାଜ୍ୟ ପୋଲିସ ସହ କେନ୍ଦ୍ରୀୟ ଫୋର୍ସ ପ୍ରବେଶ କରିଛନ୍ତି। ଫଳରେ ତାଙ୍କର ଅଡୁଆ ବଢିବାରେ ଲାଗିଛି। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହାରିବା ପରେ ତୃଣମୂଳ କଂଗ୍ରେସର ସ୍ଥିତି ଭଲ ନାହିଁ। ଜଣଙ୍କ ପରେ ଜଣେ ସାଂସଦ ଦଳ ଛାଡୁଛନ୍ତି। ମମତାଙ୍କ ସମର୍ଥନ କମି କମି ଯାଉଛି। ନେତା ଖୁଲମଖୁଲା ବିରୋଧ କରୁଛନ୍ତି। ଦିଦିଙ୍କ ପତିଆରା ଆଉ ଆଗ ଭଳି ନାହିଁ। ସରକାରରେ ଥିବା ସମୟର ଅନେକ ଦୁର୍ନୀତିର ପେଡି ମଧ୍ୟ ଖୋଲୁଛି।

ତେବେ ଶନିବାର ସକାଳେ ଅଭିଷେକଙ୍କ ଘରେ ପୋଲିସ ଏବଂ କେନ୍ଦ୍ରୀୟ ଫୋର୍ସ ପ୍ରବେଶ କରିଛନ୍ତି। ଖବର ପାଇବା ପରେ ମମତା ମଧ୍ୟ ଘଟଣାସ୍ଥଳରେ ପହଚିଛନ୍ତି। ସକାଳେ ଶାଲବାନୀ ପୋଲିସ ଥାନାର ଅଧିକାରୀ କାଳୀଘାଟ ସ୍ଥିତ ଅଭିଷେକଙ୍କ ଘରେ ପହଚିଥିଲେ। ଏହି ସମୟରେ କୋଲକାତା ପୋଲିସ ସହ କେନ୍ଦ୍ରୀୟ ଫୋର୍ସ ମଧ୍ୟ ମୁତୟନ ହୋଇଥିଲେ। ପୋଲିସ ଅଭିଷେକଙ୍କ ବ୍ୟକ୍ତିଗତ ସହାୟକ ତଥା ସହଯୋଗୀ ସୁମିତ ରୟଙ୍କୁ ଖୋଜୁଛି। ତେଣୁ ଅଭିଷେକଙ୍କ ଘରେ ପୋଲିସ ପହଚି ତଲାସି କରିଛି। ତଲାସି ବେଳେ ମହିଳା ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। କିନ୍ତୁ ସୁମିତଙ୍କୁ ସେମାନେ ପାଇନଥିଲେ।

ସୂଚନାନୁସାରେ, ଏକ ଦସ୍ତଖତ ଜାଲିଆତି ମାମଲାରେ ସିଆଇଡି ତଦନ୍ତ କରୁଛି। କିଛି ଦିନ ତଳେ ସିବିଆଇ ମଧ୍ୟ ଅଭିଷେକଙ୍କ ଘରେ ପ୍ରବେଶ କରିଥିଲା। ଏହାପୂର୍ବରୁ ଜାଲ୍ ଦସ୍ତଖତ ମାମଲାରେ ଅଭିଷେକଙ୍କୁ ଜେରା କରାଯାଇଛି। ହେଟ୍ ସ୍ପିଚ୍ ମାମଲା ମଧ୍ୟ ତାଙ୍କୁ ସିଆଇଡି ନୋଟିସ କରିଛି।

## ସୈନ୍ୟଙ୍କୁ ବିଷ ଦେଇ ମାରୁଛନ୍ତି ସୁନ୍ଦରୀ ଯୁବତୀ



ନୂଆଦିଲ୍ଲୀ, ୧୩।୬: ରୁଷର ଏଜେଣ୍ଟମାନେ ଯୁବତୀ ଓ କିଶୋରୀଙ୍କ ଉପଯୋଗ କରି ୟୁକ୍ରେନ ସୈନ୍ୟ ଓ ସେନାଧିକାରୀଙ୍କୁ ହନିଟ୍ରାପରେ ଫସାଉଛନ୍ତି ଓ ପରେ ସେମାନଙ୍କୁ ବିଷ ଦେଇ ମାରୁଛନ୍ତି ବୋଲି ୟୁକ୍ରେନ ପୁଲିସ ଦାବି କରିଛି।

ୟୁକ୍ରେନର ରାଷ୍ଟ୍ରୀୟ ପୁଲିସ ପ୍ରମୁଖ ଇଭାନ ଭିକିସ୍କି କହିଛନ୍ତି, ଅଦ୍ୟାବଧି ଏଭଳି ୬ଟି ମାମଲା ସାମ୍ନାକୁ ଆସିଛି। ଏ ମାମଲାରେ ଜଣେ ୧୭ ବର୍ଷୀୟା ଯୁବତୀଙ୍କୁ ଗିରଫ କରାଯାଇଛି। ୟୁକ୍ରେନ ଅଧିକାରୀଙ୍କ ଅନୁସାରେ, ରୁଷ୍ ଏଜେଣ୍ଟ ସର୍ବପ୍ରଥମେ ଟେଲିଗ୍ରାମ୍ ଭଳି ମେସେଜିଂ ପ୍ଲାଟଫର୍ମରେ ଝିଅମାନଙ୍କ ସହ ସମ୍ପର୍କ କରନ୍ତି। ସେମାନଙ୍କୁ ସହଜ ଉପାୟରେ ଟଙ୍କା ଆୟର ପ୍ରଲୋଭନ ଦିଅନ୍ତି।

ଡେଟିଂ ୱେବସାଇଟ୍ ଓ ଆଡଲ୍ଟ ଡେଟିଂ ପ୍ଲାଟଫର୍ମରେ ୟୁକ୍ରେନ୍ ସୈନ୍ୟଙ୍କୁ ଖୋଜିବାକୁ ଝିଅମାନଙ୍କୁ କୁହାଯାଏ। କୌଣସି ସୈନ୍ୟଙ୍କ ସହ ସମ୍ପର୍କ ସ୍ଥାପନ ହେବା ପରେ ସାକ୍ଷାତ ଲାଗି ପ୍ରସ୍ତୁତି ଆରମ୍ଭ ହୁଏ। ସାକ୍ଷାତ ଲାଗି ଭଡ଼ାରେ ବଖରା ନେବାକୁ ଅର୍ଥ ମଧ୍ୟ ଏଜେଣ୍ଟ ଯୋଗାଇ ଦିଅନ୍ତି। ଏହା ପରେ କେଉଁ ପଦାର୍ଥ ବ୍ୟବହାର କରିବାକୁ ହେବ ଏବଂ ତାକୁ ସୈନ୍ୟଙ୍କ ଖାଦ୍ୟ କିମ୍ବା ପାନୀୟରେ କିଭଳି ମିଶାଯିବ ସେ ବିଷୟରେ ଝିଅମାନଙ୍କୁ ନିର୍ଦ୍ଦେଶ ଦିଆଯାଏ।

ନିକଟରେ ୟୁକ୍ରେନର ଝିଟୋମିର କ୍ଷେତ୍ରର ଜଣେ ୨୭ ବର୍ଷୀୟ ସୈନ୍ୟଙ୍କୁ ମୃତ ଚିହ୍ନଟ କରାଯାଇଥିଲା। ଯାଞ୍ଚ ସମୟରେ ପୁଲିସ ତାଙ୍କ ପାତ୍ରରେ ସନ୍ଦେହଜନକ ପାଉଡର ପାଇଥିଲା। ଏ ମାମଲାରେ ଗିରଫ ୧୭ ବର୍ଷୀୟା ଯୁବତୀ ପୁଲିସକୁ କହିଥିଲେ, ତାଙ୍କୁ ଟେଲିଗ୍ରାମ୍‌ରେ ସମ୍ପର୍କ କରିଥିବା ଜଣେ ବ୍ୟକ୍ତି ଏହି କାମ କରିବାକୁ କହିଥିଲେ। ଏକ ପାର୍ସଲରେ ତାଙ୍କୁ ଏକ ସ୍ୱଚ୍ଛ ପଦାର୍ଥ ପଠାଯାଇଥିଲା, ଯାହାକୁ ସେ ସୈନ୍ୟଙ୍କ ମଦରେ ମିଶାଇଥିଲେ। ପୁଲିସ ଅନୁସାରେ, ସେହି ପାନୀୟ ପିଇବା ପରେ ସୈନ୍ୟଙ୍କର ମୃତ୍ୟୁ ହେଲା। ଉଭୟ ରୁଷ୍ ଓ ୟୁକ୍ରେନ ପରସ୍ପର ଉପରେ ନିଜ ନାଗରିକଙ୍କ ଜରିଆରେ ଭଙ୍ଗାରୁଜା, ଗୁଣ୍ଡାଗିରି ଓ ଆକ୍ରମଣର ଅଭିଯୋଗ କରୁଛନ୍ତି। ୨୦୨୨ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ୧୧୦୦ରୁ ଅଧିକ ଲୋକଙ୍କ ବିରୋଧରେ ଦେଶରେ ଅଗ୍ନିକାଣ୍ଡ କିମ୍ବା ଆତଙ୍କବାଦୀ ଗତିବିଧିରେ ସାମିଲ ହେବାର ଅଭିଯୋଗ ରହିଛି।

## ପଞ୍ଜାବ ଆପ୍‌ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭଗୱନ୍ତ ମାନ୍



ନୂଆଦିଲ୍ଲୀ, ୧୩।୬: ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲ ପଞ୍ଜାବର ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଦଳର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କୁ ୨୦୨୭ ପଞ୍ଜାବ ନିର୍ବାଚନ ପାଇଁ ପୁଣି ଥରେ ଆପ୍‌ର ମୁଖ୍ୟମନ୍ତ୍ରୀ ଚେହେରା ଭାବରେ ପ୍ରୋଜେକ୍ଟ କରିଛନ୍ତି। ଏହା ସହିତ ସେ ଆଗୁଆ ନିର୍ବାଚନ ହେବାର ସମ୍ଭାବନାକୁ ନେଇ ମଧ୍ୟ ଏକ ବଡ଼ ଦାବି କରିଛନ୍ତି। କେଜ୍ରିୱାଲ ଜନସାଧାରଣଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ପଞ୍ଜାବର ବିକାଶ ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ଭଗୱନ୍ତ ମାନ୍‌ଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରିବା ଆବଶ୍ୟକ।

## ଡ୍ରଗ୍ସ ଚାଲାଣ ଅଭିଯୋଗରେ ବନ୍ଧା ହେଲେ ମଡେଲ୍



ନୂଆଦିଲ୍ଲୀ,୧୩।୬: ୧୨ କୋଟି ଟଙ୍କାର ଡ୍ରଗ୍ସ ଚାଲାଣ ଅଭିଯୋଗରେ ମୁମ୍ବାଇ ବିମାନବନ୍ଦରରୁ ମଡେଲ ହର୍ଷା ସନିଙ୍କୁ ଗିରଫ କରାଯାଇଛି। ସେ ଜୁନ୍ ୧୦ ତାରିଖ ବିଳମ୍ବିତ ରାତିରେ ଏୟାର ଇଣ୍ଡିଆର ଏକ ବିମାନରେ ବ୍ୟାଙ୍କକ୍‌ରୁ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ତାଙ୍କ ଟ୍ରଲି ବ୍ୟାଗ ଯାଞ୍ଚ କରାଯିବା ବେଳେ ସେଥିରେ ୧୨ଟି ସିଲବନ୍ଦ ପ୍ଲାଷ୍ଟିକ୍ ପ୍ୟାକେଟରେ ଉଚ୍ଚ ଗୁଣବତ୍ତାର ଗଞ୍ଜେଇ ଥିବା ଜଣାପଡିଥିଲା। ଏହା ପରେ ହର୍ଷାଙ୍କୁ ଏନଡିପିଏସ୍ ଆକ୍ଟ ଅନୁସାରେ ଗିରଫ କରାଯାଇଥିଲା। ହର୍ଷା ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିଛନ୍ତି। ସୂଚନାଥାଉକି ,ହର୍ଷା ଏକ ଘରୋଇ ବ୍ୟାଙ୍କରେ ରିଲେସନସିପ୍ ମ୍ୟାନେଜର ଭାବେ କାର୍ଯ୍ୟରତ। ସେ ମଡେଲିଂ ଏବଂ ଗ୍ଲାମର ଦୁନିଆ ସହ ମଧ୍ୟ ଜଡିତ। ସେ ଗତ ବର୍ଷ ମେ' ମାସରେ ମିସେସ୍ କେରଳ ଗ୍ଲୋବାଲ୍ ୨୦୨୫ ପ୍ରତିଯୋଗିତାରେ ରନର୍ସଅପ୍ ହୋଇଥିଲେ।

## ଧୀରଜ ସେଠ୍ ଭାରତୀୟ ସେନାର ପରବର୍ତ୍ତୀ ସେନାମୁଖ୍ୟ



ନୂଆଦିଲ୍ଲୀ,୧୩।୬: କେନ୍ଦ୍ର ସରକାର ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠଙ୍କୁ ଭାରତୀୟ ସେନାର ପରବର୍ତ୍ତୀ ସେନା ମୁଖ୍ୟ ଭାବରେ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଉପ ସେନା ମୁଖ୍ୟ ଭାବରେ କାର୍ଯ୍ୟ କରୁଥିବା ସେ ବର୍ତ୍ତମାନର ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସ୍ଥାନ ନେବେ। ଲେଫ୍ଟନାଣ୍ଟ ଜେନେରାଲ ଧୀରଜ ସେଠଙ୍କୁ ଭାରତୀୟ ସେନାର ଅଭିଜ୍ଞ ଅଧିକାରୀମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ସେ ପ୍ରାୟ ଚାରି ଦଶନ୍ଧି ଧରି ସେନାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କର ଦୀର୍ଘ ସାମରିକ କ୍ୟାରିୟର ମଧ୍ୟରେ, ସେ ମରୁଭୂମି, ଜମ୍ମୁ ଓ କଶ୍ମୀର ଏବଂ ପଶ୍ଚିମ ସୀମା ଭଳି ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ନେତୃତ୍ୱ ଭୂମିକା ଗ୍ରହଣ କରିଛନ୍ତି। ଧୀରଜ ସେଠ ଦକ୍ଷିଣ ପଶ୍ଚିମ କମାଣ୍ଡ ଏବଂ ଦକ୍ଷିଣ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ-ଚିଫ (ଜିଓସି-ଇନ-ସି) ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ପଶ୍ଚିମ ମୋର୍ଚ୍ଚାରେ ଦୁଇଟି ପ୍ରମୁଖ ଅପରେସନାଲ କମାଣ୍ଡର ନେତୃତ୍ୱ ନେଇଥିବା କିଛି ବଛା ବଛା ବରିଷ୍ଠ ଅଧିକାରୀଙ୍କ ମଧ୍ୟରୁ ଜଣେ। ଏହା ସହିତ, ସେ ଆଙ୍ଗୋଲାରେ ମିଳିତ ଜାତିସଂଘ ମିଶନରେ କାର୍ଯ୍ୟ କରିଛନ୍ତି। ସେନା ମୁଖ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଗ୍ରହଣ କରିବା ବ୍ୟତୀତ, ସେ ସାମରିକ କ୍ଷମତା ବିକାଶ ଏବଂ ଆଧୁନିକୀକରଣ ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି।

## ୫୩ ଲକ୍ଷ ବର୍ଷର ପୁରୁଣା ତିମି ସମାଧିସ୍ଥଳ



ନୂଆଦିଲ୍ଲୀ, ୧୩।୬: ଭାରତ ମହାସାଗର ତଳେ ବିଶ୍ୱର ସବୁଠୁ ବଡ଼ 'ତିମି ସମାଧିସ୍ଥଳ' ଠାବ ହୋଇଛି। ଲକ୍ଷାଧିକ ବର୍ଷ ପୁରୁଣା ତିମିଙ୍କ କଙ୍କାଳର ଏହି ବିଶାଳ କ୍ଷେତ୍ର ଗଭୀର ସମୁଦ୍ରରେ ଜୀବନ ଓ ନୂଆ ପ୍ରଜାତିଙ୍କର ଏକ ବିଶାଳ ଠିକଣା ବୋଲି ଚୀନ୍‌ର ବୈଜ୍ଞାନିକମାନେ ଐତିହାସିକ ଆବିଷ୍କାରରୁ ଜାଣିବାକୁ ପାଇଛନ୍ତି। ନେଚର୍ ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ଅନୁସାରେ, ଏହା ପୃଥିବୀର ଏପର୍ଯ୍ୟନ୍ତର ସବୁଠୁ ଗଭୀର ଓ ପୁରୁଣା ତିମି ସମାଧିସ୍ଥଳ ଯେଉଁଠି କିଛି ଜୀବାଶ୍ମ ପ୍ରାୟ ୫୩ ଲକ୍ଷ ବର୍ଷ ପୁରୁଣା। ଏହି ଆବିଷ୍କାର ଲାଗି ବୈଜ୍ଞାନିକମାନେ ଫେଣ୍ଡୋଜେ ନାମକ ଏକ ଛୋଟ ବୁଡ଼ାଜାହାଜ ବ୍ୟବହାର କରିଥିଲେ।

ବୁଡ଼ାଜାହାଜ ୨୦୨୩ରେ ସମୁଦ୍ରରେ ମୋଟ୍ ୩୨ ଥର ଗଭୀରକୁ ଯାଇଥିଲା। ଅଷ୍ଟ୍ରେଲିଆର ପଶ୍ଚିମରେ ଭାରତ ମହାସାଗର ତଳେ ପ୍ରାୟ ୧,୨୦୦ କିମି ଲମ୍ବା କ୍ଷେତ୍ରରେ ଏହି ବିଶାଳ କଙ୍କାଳ ସ୍ଥଳୀ ରହିଛି, ଯାହାକୁ 'ଡାୟମେଣ୍ଟିନା ଜୋନ୍' କୁହାଯାଏ। ରୋବୋଟିକ୍ ବାହୁ ସାହାଯ୍ୟରେ ବୈଜ୍ଞାନିକମାନେ ସମୁଦ୍ର ପୃଷ୍ଠରୁ ୭ କିମି ଗଭୀରରୁ ପ୍ରାୟ ୫୦୦ କଙ୍କାଳର ନମୁନା ସଂଗ୍ରହ କଲେ। ଏହି ବଡ଼ ସଂଗ୍ରହ ଦେଖିବା ପରେ ସମଗ୍ର କ୍ଷେତ୍ରରେ ୧ କୋଟିରୁ ଅଧିକ ତିମିଙ୍କ କଙ୍କାଳ ଥାଇପାରେ ବୋଲି ସେମାନଙ୍କ ଅନୁମାନ। କୌଣସି ତିମିର ମୃତ୍ୟୁ ହେଲେ, ତାର ଓଜନଦାର ଶରୀର ସମୁଦ୍ର ଗଭୀରକୁ ଯାଏ, ବିଜ୍ଞାନ ଭାଷାରେ ତାକୁ 'ହ୍ୱେଲ୍ ଫଲ୍' କୁହାଯାଏ। ଅନ୍ଧକାର, ଠଣ୍ଡା ଓ ଶୂନଶାନ୍ ସମୁଦ୍ର ପୃଷ୍ଠରେ ଏହି ମୃତ ଶରୀର ଗଭୀର ସମୁଦ୍ର ଜୀବଙ୍କ ପାଇଁ ଭୋଜନ ଓ ଉର୍ଜ୍ଜାର ସବୁଠୁ ବଡ଼ ସ୍ରୋତ ପାଲଟିଯାଏ। ଏହି ସ୍ଥାନରେ ସମୁଦ୍ର ତଳେ ଭି ଆକୃତିର ଏକ ବିଶାଳ ଗର୍ତ୍ତ ରହିଛି, ଯାହା ମୃତ ତିମିଙ୍କ ଶରୀରକୁ ଏକତ୍ର କରି ସିଧା ସମୁଦ୍ରର ଗଭୀରରେ ଗୋଟିଏ ସ୍ଥାନରେ ଜମା କରିଦିଏ।

ଅଧ୍ୟୟନର ସହ-ଲେଖକ ପେଙ୍ଗ ଝୋଉ କହିଛନ୍ତି, ଏହି ତିମି ସମାଧିସ୍ଥଳକୁ ଆଖିରେ ଦେଖିବା ବାସ୍ତବରେ ଏକ ଅବିଶ୍ୱସନୀୟ ଅନୁଭବ। ସମୁଦ୍ରର ନିମ୍ନ ଅଂଶକୁ ସମ୍ପୂର୍ଣ୍ଣ ଅନ୍ଧାରୁଆ, ଥଣ୍ଡା ଓ ମୃତ ମନେକରାଯାଏ। କିନ୍ତୁ ଏହି କଙ୍କାଳ ସ୍ଥଳୀରେ ଏକ ପରିସଂସ୍ଥାନ ବଞ୍ଚିଛି। ବୈଜ୍ଞାନିକମାନେ ଏହି ମୃତ ଶରୀରଙ୍କ ଉପରେ ପ୍ରତିପାଳିତ ଅସଂଖ୍ୟ ଅଜବ ଜୀବ ଦେଖିଲେ, ଯାହା ବିଜ୍ଞାନ ପାଇଁ ସମ୍ଭବତଃ ପୂରା ନୂଆ।

ପ୍ରଥମ ଦିନିକିଆ: ଗୁରବାଜ୍‌ଙ୍କ ବିସ୍ଫୋରକ ଶତକ ବେକାର

# ଆଫଗାନିସ୍ତାନକୁ ୭ ୱିକେଟ୍‌ରେ ହରାଇଲା ଭାରତ

**ଧର୍ମଶାଳା, ୧୩।୬ (ସଂଚାର ବ୍ୟୁରୋ) :** ଆଜିଠାରୁ ଆରମ୍ଭ ହୋଇଛି ଆଫଗାନିସ୍ତାନ-ଭାରତ ଦିନିକିଆ ସିରିଜ୍। ଏହି ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଘରୋଇ ଭାରତ ସହଜ ବିଜୟ ହାସଲ କରିଛି। ମ୍ୟାଚ୍ ପ୍ରାରମ୍ଭରୁ ବର୍ଷା ହେବା ଫଳରେ ପରବର୍ତ୍ତୀ ସମୟରେ ଅମ୍ପାୟର୍ ମ୍ୟାଚ୍‌କୁ ୨୫ ଓଭର୍‌କୁ ହ୍ରାସ କରିଥିଲେ। ଏଥିରେ ପ୍ରଥମେ ବ୍ୟାଟିଂ ପାଇ ଆଫଗାନିସ୍ତାନ ଓପନର ରହମାନୁଲ୍ଲା ଗୁରବାଜ୍‌ଙ୍କ ବିସ୍ଫୋରକ ଶତକୀୟ ଇନିଂସ ସହାୟତାରେ ୨୪.୫ ଓଭର୍‌ରେ ୧୯୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। କିନ୍ତୁ ଜବାବରେ ଭାରତ ଚମତ୍କାର ବ୍ୟାଟିଂ କରି ୨୨.୫ ଓଭର୍‌ରେ ମାତ୍ର ୩ଟି ୱିକେଟ୍ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ସିରିଜ୍‌ରେ ୧-୦ରେ ଅଗ୍ରଣୀ ଲାଭ କରିଛି।



୨୬ ରନ୍ ସୁଦ୍ଧା ଆଫଗାନିସ୍ତାନ ୩ଟି ୱିକେଟ୍ ହରାଇଥିଲେ ହେଁ ଗୁରବାଜ ଗୋଟିଏ ପଟେ ତାଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖିଥିଲେ। ସେ ଚତୁର୍ଥ ୱିକେଟ୍‌ରେ ହସମତ୍‌ଉଲ୍ଲା ଶାହିଦିଙ୍କ ସାଥୀରେ ୧୧୬ ରନ୍ ଯୋଡ଼ି ଦଳକୁ ବଡ଼ ସ୍କୋର୍ ଆଡ଼କୁ ଆଗେଇ ନେଇଥିଲେ। ଇତିମଧ୍ୟରେ ଗୁରବାଜ ଦିନିକିଆରେ ତାଙ୍କ ପଞ୍ଚମ ତଥା ଦ୍ରୁତତମ ଶତକ ହାସଲ କରିଥିଲେ। କିନ୍ତୁ ସେ ଆଉଟ୍ ହେବା ପରେ ଆଫଗାନିସ୍ତାନ ଆଉ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିପାରିନଥିଲା। ବରଂ ଭାରତୀୟ ବୋଲର୍‌ମାନେ ଲକ୍ଷ୍ୟଭେଦୀ ବୋଲିଂ କରି ଜଣଙ୍କ ପରେ ଜଣେ ବ୍ୟାଟ୍ସମ୍ୟାନଙ୍କୁ ପାଭିଲିଅନ୍ ଫେରାଇ ଚାଲିଥିଲେ। ଗୁରବାଜ୍ ମାତ୍ର ୫୧ ବଲ୍‌ରେ ୮ଟି ଲେଖାଏଁ ଚୌକା ଓ ଛକା ଜରିଆରେ ୧୦୨ ରନ୍ କରିଥିବା ବେଳେ ଶାହିଦି ୨୭ ଓ ଅଜମତ୍‌ଉଲ୍ଲା ଓମରଜାଇ ୩ଟି ଛକା ୨୬ ରନ୍ କରିଥିଲେ। ଭାରତ ପକ୍ଷରୁ ଦୁଇ ଡେବ୍ୟୁଟାଣ୍ଟ ଗୁରନୁର୍ ବ୍ରାର୍ ଓ ହର୍ଷ ଦୁବେ ୩ଟି ଲେଖାଏଁ ଏବଂ ଅର୍ଶଦୀପ ଓ ନୀତୀଶ କୁମାର ରେଡ୍ଡୀ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

ଭାରତର ଦୁଇ ଓପନର ଅଧିନାୟକ ଶୁଭମାନ ଗିଲ୍ ଓ ବେଟେରାନ୍ ରୋହିତ ଶର୍ମା ୪୬ ରନ୍ ଯୋଡ଼ିବା ପରେ ରୋହିତ ରନ୍‌ଆଉଟ୍ ହୋଇଥିଲେ। ପରେ ଈଶାନ କିଶନ୍ (୩୪) ଓ ଶ୍ରେୟସ୍ ଆୟର୍ (୧୨) ଆଉଟ୍ ହୋଇଥିଲେ ହେଁ ସେମାନଙ୍କ ସାଥୀ କରି ଶୁଭମାନ ଦଳୀୟ ସ୍କୋର୍‌କୁ ୧୪୨ରେ ପହଞ୍ଚାଇଦେଇଥିଲେ। ସେ ଚତୁର୍ଥ ୱିକେଟ୍ ଯୋଡ଼ିରେ ଲୋକେଶ ରାହୁଲ୍ (୩୯ ରନ୍, ୪ ଚୌକା, ୩ ଛକା)ଙ୍କ ସାଥୀ କରି ଦଳକୁ ବିଜୟ ଲକ୍ଷ୍ୟରେ ପହଞ୍ଚାଇଥିଲେ। ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ଗିଲ୍ ବ୍ୟକ୍ତିଗତ ଭାବେ ୧୧ଟି ଚୌକା ଓ ଗୋଟିଏ ଛକା ସହ ୮୪ ରନ୍‌ରେ ଅପରାଜିତ ଥିଲେ। ଦ୍ୱିତୀୟ ମ୍ୟାଚ୍‌ଟି ଆସନ୍ତା ୧୭ରେ ଲକ୍ଷ୍ନୌରେ ହେବ।

## ଦୀଘାରେ ହଟିଲା ବିଶ୍ୱବାଂଲା ଗ୍ଲୋବ



**କୋଲକାତା, ୧୩।୬ (ସଂଚାର ବ୍ୟୁରୋ):** ଦୀଘାରେ 'ବିଶ୍ୱ ବାଂଲା' ଲୋଗୋ ହଟାଯିବା ସହ 'ଜଗନ୍ନାଥ ଧାମ'କୁ 'ଜଗନ୍ନାଥ ମନ୍ଦିର ଏବଂ ସାଂସ୍କୃତିକ କେନ୍ଦ୍ର' ଭାବରେ ନାମିତ କରାଯାଇଛି। ତୃଣମୂଳ ଶାସନର ବିକାଶର ପ୍ରତୀକ 'ବିଶ୍ୱ ବାଂଲା' ଲୋଗୋକୁ ହଟାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ପୁରୁଣା ଦୀଘାର ୧ ନମ୍ବର ଗେଟ୍ ସମ୍ମୁଖରେ ଥିବା ବିଶାଳ 'ବିଶ୍ୱ ବାଂଲା' ଗ୍ଲୋବ୍ ଭାଙ୍ଗି ଦିଆଯାଇଥିଲା। ସହର ସାରା ବାକି ଗ୍ଲୋବ୍ ଏବଂ ଲୋଗୋଗୁଡ଼ିକୁ ମଧ୍ୟ ହଟାଯିବା ପାଇଁ ଯୋଜନା କରାଯାଉଛି। କିଛି ଦିନ ପୂର୍ବରୁ ଦୀଘା-ଶଙ୍କରପୁର ବିକାଶ କର୍ତ୍ତୃପକ୍ଷର ପ୍ରଶାସନିକ ଭବନ 'ଜାହାଜବାଡି' ସମ୍ମୁଖରେ ଥିବା 'ବିଶ୍ୱ ବାଂଲା' ଗ୍ଲୋବ୍ ମଧ୍ୟ ହଟାଯାଇଥିଲା। ତୃଣମୂଳ ସରକାର ଅମଳରେ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରଶାସନ ସମୟରେ ଦୀଘା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ 'ବିଶ୍ୱ ବାଂଲା' ବ୍ରାଣ୍ଡ ଲୋଗୋ ଥିବା ଗ୍ଲୋବ୍‌ଗୁଡ଼ିକ ଲଗାଯାଇଥିଲା। କ୍ଷମତା ପରିବର୍ତ୍ତନ ପରେ ନୂତନ ବିଜେପି ସରକାର ସେଗୁଡ଼ିକୁ ହଟାଇବା ପ୍ରକ୍ରିୟା ଆରମ୍ଭ କରିଛି।

## ଉଲୁବେଡିଆ ତୃଣମୂଳ କାଉନସିଲର ଗିରଫ

**କୋଲକାତା, ୧୩।୬ (ସଂଚାର ବ୍ୟୁରୋ):** ଉଲୁବେଡିଆ ପୌରସଭାର ୪ ନମ୍ବର ୱାର୍ଡର କାଉନସିଲର ନିର୍ମଳ ଯାଦବଙ୍କୁ ୨୦୨୧ ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାରେ ଗିରଫ କରାଯାଇଛି। ବାଉଡିଆ ଥାନାର ପୁଲିସ ତାଙ୍କୁ ଶୁକ୍ରବାର ରାତିରେ ତାଙ୍କ ବାସଭବନରୁ ଗିରଫ କରିଛି। ଗିରଫ କାଉନସିଲର ଜଣେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଏବଂ ହାଓଡ଼ା ଜିଲ୍ଲାର ପ୍ରାଥମିକ ବିଦ୍ୟାଳୟ ପାଇଁ ତୃଣମୂଳ ଶିକ୍ଷା ସେଲର ସଭାପତି ଭାବରେ କାର୍ଯ୍ୟ କରନ୍ତି।

## କାଗଜପତ୍ର ପୋଡ଼ି ଅଭିଯୋଗରେ ପୌର-ପ୍ରଧାନ ଗିରଫ

**କୋଲକାତା, ୧୩।୬ (ସଂଚାର ବ୍ୟୁରୋ):** ରାତିର ଅନ୍ଧକାରରେ ଆଲୁଅ ବନ୍ଦ କରି ନିଜ ଘରର ବଗିଚାରେ ପୌରସଭାର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ଦେବାର ଅଭିଯୋଗରେ ପୁଲିସ ଅଶୋକନଗର-କଲ୍ୟାଣଗଡ଼ ପୌରସଭାର ପ୍ରଧାନ ପ୍ରବୋଧ ସରକାରଙ୍କୁ ଗିରଫ କରିଛି। ରାତିର ଅନ୍ଧକାରରେ ପୌରପ୍ରଧାନଙ୍କ ବଗିଚାରେ ନିଆଁ ଏବଂ ଧୂଆଁ ଦେଖିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସନ୍ଦେହ ହୋଇଥିଲା। ଏହା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହିତ ବିଜେପି ନେତାମାନେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହା ପରେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଆସି ପୌର ପ୍ରଧାନଙ୍କୁ ଗିରଫ କରିଥିଲା।

● ମଦନ ମିତ୍ରଙ୍କ ବାସଭବନରେ ଇଡି ଚଢଉ

## ନଗଦ ଟଙ୍କା ସହ ୬ଟି ବ୍ୟାଙ୍କ ଆକାଉଣ୍ଟ ଠାବ

**କୋଲକାତା, ୧୩।୬ (ସଂଚାର ବ୍ୟୁରୋ):** ପୌର ନିଯୁକ୍ତି ଦୁର୍ନୀତିର ତଦନ୍ତର ଅଂଶ ସ୍ୱରୂପ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଉ ଏକ ଅଭିଯାନ ଆରମ୍ଭ କରିଛି। ଶନିବାର ସକାଳେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଅଧିକାରୀମାନେ କୋଲକାତା ଏବଂ ଏହାର ଉପକଣ୍ଠରେ ଆଠଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲେ। ଏଥିରେ ତୃଣମୂଳ ବିଧାୟକ ଏବଂ ପୂର୍ବତନ ରାଜ୍ୟ ମନ୍ତ୍ରୀ ମଦନ ମିତ୍ରଙ୍କ ଭବାନୀପୁର ଏବଂ ଦକ୍ଷିଣେଶ୍ୱର ବାସଭବନ ଅନ୍ତର୍ଭୁକ୍ତ। ସୂତ୍ର ଅନୁସାରେ, ତଦନ୍ତକାରୀମାନେ ଅଭିଯାନ ସମୟରେ ତାଙ୍କ ଦକ୍ଷିଣେଶ୍ୱର ଫ୍ଲାଟରୁ ନଗଦ ଟଙ୍କା ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ୬ଟି ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ମଧ୍ୟ ବିବରଣୀ ଉନ୍ମୋଚିତ ହୋଇଛି। ଇଡି ଅଧିକାରୀମାନେ ତିନୋଟି ଗାଡ଼ିରେ ଦକ୍ଷିଣେଶ୍ୱରରେ ମଦନଙ୍କ ଫ୍ଲାଟରେ ଚଢାଉ କରିଥିଲେ। ଏଦିନ ଦୀର୍ଘ ସମୟ ଧରି ତଲାସୀ ଅଭିଯାନ ଚାଲେ। ଏହା ସହିତ, ପୌର ନିଯୁକ୍ତି ଦୁର୍ନୀତି ସମ୍ପର୍କରେ ଇଡି ସନ୍ତୋଷପୁର, ବେଲେଘାଟା ଏବଂ ଜୋକାରେ ଚଢ଼ାଉ କରିଥିଲା।

## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାକୁ ବର୍ଷେ

**ନୂଆଦିଲ୍ଲୀ, ୧୩।୬:** ଗତବର୍ଷ ଜୁନ୍ ୧୨ରେ ଅହମଦାବାଦରେ ଏୟାର ଇଣ୍ଡିଆର ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ଚଳିତ ଦଶନ୍ଧିରେ ବିଶ୍ୱର ଅନ୍ୟତମ ସବୁଠୁ ଭୟାବହ ବିମାନ ଦୁର୍ଘଟଣା ଥିଲା। ଏଆଇ୧୭୧ ଫ୍ଲାଇଟ୍ ଅହମ୍ମଦାବାଦରୁ ଉଡ଼ାଣ ଭରିବାର ଗୋଟିଏ ମିନିଟ୍‌ରୁ କମ୍ ସମୟ ମଧ୍ୟରେ ଏକ ମେଡିକାଲ କଲେଜ ହଷ୍ଟେଲକୁ ଧକ୍କା ଦେଇଥିଲା। ଦୁର୍ଘଟଣାଗ୍ରସ୍ତ ବିମାନରେ ୧୪୨ ଜଣ ଥିବାବେଳେ ସେମାନଙ୍କ ମଧ୍ୟର ୧୪୧ ଜଣ ଏବଂ ତଳେ ଥିବା ୧୯ ଜଣଙ୍କ ମୃତ୍ୟୁ ଘଟିଥିଲା। ବୋଇଂ ୭୮୭ ଡ୍ରିମ୍‌ଲାଇନରରେ ଏହା ପ୍ରଥମ ମରଣାତ୍ମକ ଦୁର୍ଘଟଣା ଥିଲା। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି)କୁ ଦୁର୍ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଦୁର୍ଘଟଣାକୁ ବର୍ଷେ ପୂରିଥିଲେ ମଧ୍ୟ ଏହି ତଦନ୍ତକାରୀ ସଂସ୍ଥା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ରିପୋର୍ଟ ଦେଇନାହିଁ। ତଦନ୍ତକାରୀ ଅଧିକାରୀମାନେ ବିମାନର ଜିଇ ଏରୋସ୍ପେସ୍ ଇଞ୍ଜିନ ଏବଂ କଣ୍ଟ୍ରୋ ସିଷ୍ଟମ ଆଦିର ଗୁରୁତ୍ୱପୂର୍ଣ୍ଣ ପ୍ରମାଣକୁ ଅନୁଧ୍ୟାନ କରୁଥିବାର ତଦନ୍ତ ବିଳମ୍ବିତ ହୋଇଛି। ଆଗାମୀ ୩ ମାସ ମଧ୍ୟରେ ତଦନ୍ତର ସ୍ଥିତି ସମ୍ପର୍କରେ ଏକ ଅନ୍ତରୀଣ ରିପୋର୍ଟ ଦାଖଲ କରାଯିବା ନେଇ ତଦନ୍ତ ସହ ସମ୍ପୃକ୍ତ ଏକ ସୂତ୍ରରୁ କୁହାଯାଇଛି।

## ପ୍ରଧାନମନ୍ତ୍ରୀଙ୍କ ଫ୍ରାନ୍ସ ଓ ସ୍ଲୋଭାକିଆ ଗସ୍ତ

**ନୂଆଦିଲ୍ଲୀ, ୧୩।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଫ୍ରାନ୍ସ ଓ ସ୍ଲୋଭାକିଆ ଗସ୍ତ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି ପିଏମ୍ ମୋଦି କହିଛନ୍ତି, ଏହି ଗସ୍ତ ଅବସରରେ ଦ୍ୱିପାକ୍ଷିକ ଆଲୋଚନା, ବହୁପାକ୍ଷିକ ବୈଠକ ଓ ଭାରତୀୟ ସମୁଦାୟର ଲୋକଙ୍କ ସହ ଆଲୋଚନାରେ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଏହି ଯାତ୍ରାର ଆରମ୍ଭ ନିସ୍‌ରେ ହେବାକୁ ଥିବା କାର୍ଯ୍ୟକ୍ରମରୁ ହେବ। ବିଶେଷ କରି ଭାରତରେ ଇନୋଭେଟିଭସ୍ କାର୍ଯ୍ୟକ୍ରମରୁ ଯେଉଁଥିରେ ରାଷ୍ଟ୍ରପତି ମାକ୍ରୋନ୍ ମଧ୍ୟ ଉପସ୍ଥିତ ରହିବେ। କାରଣ ଭାରତ ଓ ଫ୍ରାନ୍ସ ଇନୋଭେସନ୍ ବର୍ଷ ପାଳନ କରାଯାଉଛି, ତେଣୁ ଭାରତ ଇନୋଭେଟସ୍ ଏକ ସୁନ୍ଦର ମଞ୍ଚ ହେବ, ଯାହାକି ଇନୋଭେଟର୍ସ, ଷ୍ଟାର୍ଟଅପ୍ ଓ ଇନୋଭେସନ୍ ଦୁନିଆ ସହ ଜଡିତ ଲୋକଙ୍କ ସହ ଆସିଯିବ।

● ଅମାନବିକତାର ସୀମା ଲଂଘିଛି ଓଡ଼ିଶା ପୁଲିସ

## ସତୀଶ ବିଶ୍ୱାଳଙ୍କ ପରେ କେନ୍ଦ୍ରାପଡ଼ାରେ ଚାମେଲି

**ଯାଜପୁର, ୧୩।୬ (ସଂଚାର ବ୍ୟୁରୋ):** ଆଇନର ରକ୍ଷକ ହେବା ପରିବର୍ତ୍ତେ ବେଆଇନ କାର୍ଯ୍ୟକୁ ସୁରକ୍ଷା ଦେବାରେ ଓଡ଼ିଶା ପୁଲିସ କାର୍ଯ୍ୟ କରୁଛି। ଅବିବେକିତା ଓ ଅମାନବିକତା ସୀମା ଲଂଘିଛି ପୁଲିସ । ଯାଜପୁର ଜିଲ୍ଲାରେ ବରିଷ୍ଠ ସମାଜସେବୀ ତଥା ସାମ୍ବାଦିକ ସତୀଶ ବିଶ୍ୱାଳ ଏବଂ କେନ୍ଦ୍ରପଡ଼ା ଜିଲ୍ଲାରେ ସରପଞ୍ଚ ଚାମେଲି ଓଝାଙ୍କ ଉପରେ ପୁଲିସର ପାଶବିକତା ଶାସନ ଓ ପ୍ରଶାସନିକ ବ୍ୟବସ୍ଥାରେ ସାମନ୍ତବାଦୀ ଚିନ୍ତାଧାରା ଓ ସ୍ୱେଚ୍ଛାଚାରିତା ସ୍ପଷ୍ଟ ହୋଇଛି। ଜନଦରବାରରେ ଏହା ଉଭୟ ପୁଲିସ ଓ ସରକାରକୁ ବ୍ୟାକଫୁଟ୍‌କୁ ନେଇଥିବା ବେଳେ ଅନ୍ଧାରୀ ଶାସନର ନମୂନା ହୋଇଛି ବୋଲି ସତୀଶ କହିଛନ୍ତି।

ମହାକାଳପଡ଼ା ବ୍ଲକ୍‌ର ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲିଙ୍କୁ ମୁର୍ମୁଷୁ ଅବସ୍ଥାରେ ସଙ୍ଗୀନ ଦଫାରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ଚରମ ଅମାନବିକତା। ଚାମେଲି ଜଣେ ବିଜେପି କର୍ମୀ ହୋଇଥିଲେ ମଧ୍ୟ ନିଜ ପଞ୍ଚାୟତର ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ଲଢ଼େଇ କରୁଥିଲେ। ସରପଞ୍ଚ ଭାବେ ବିଡିଓଙ୍କୁ ଭେଟି ନିଜ ପଞ୍ଚାୟତର ସମସ୍ୟା କହିବାକୁ ଦାବି କରିବା କିମ୍ବା ମୋବାଇଲରେ କୌଣସି ସରକାରୀ କାର୍ଯ୍ୟାଳୟର କାର୍ଯ୍ୟଧାରାକୁ ଶୁଟିଂ କରିବା କୌଣସି ଧର୍ତ୍ତବ୍ୟ ଅପରାଧ ନୁହେଁ । କିନ୍ତୁ ଜଣେ ଯୁବତୀଙ୍କୁ ବ୍ଲକ ପରିସରରେ ଯେଉଁଭଳି ଭାବେ କିଛି ଭଦ୍ରମୁଖା ଅସାମାଜିକ ଲୋକ ଘେରି ରହିବା, ତାଙ୍କର ମୋବାଇଲ ଛଡ଼ାଇବା ଆଲୋଡ଼ନ ସୃଷ୍ଟି କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ଥାନା ଅଧୀନରେ ପାହାଡ଼ ପର୍ବତଗୁଡ଼ିକରୁ ଦୈନିକ ବହୁ କୋଟି ଟଙ୍କାର କଳାପଥର ଲୁଟ ହେଉଛି ଓ ସେ ଏହାର ବିରୋଧ କରୁଛନ୍ତି। ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହି ଲୁଟ୍ ସମସ୍ତ ସୀମା ଲଂଘିଛି । ଚାଷୀ ଓ ମହିଳାଙ୍କ ଅନୁରୋଧ କ୍ରମେ ସେ ବିଛାଖଣ୍ଡି ପାହାଡ଼ରୁ ବେଆଇନ କଳାପଥର ଲୁଟ୍ ନେଇ କ୍ଷେତ୍ର ପରିଦର୍ଶନରେ ଯାଇଥିବା ବେଳେ ତାଙ୍କ ଉପରେ ମରଣାତ୍ମକ ଆକ୍ରମଣ ହେବା ସହ ତାଙ୍କର କାର୍‌କୁ ଭାଙ୍ଗି ଦିଆଯାଇଥିଲା। ତାଙ୍କ ବିରୋଧରେ ୪ଟି ମିଛ କେସ୍ କରି ଗିରଫ ପାଇଁ ପୁଲିସ ଚାଲ୍ ଆରମ୍ଭ ହୋଇଥିଲା। ଏ କ୍ଷେତ୍ରରେ ପୁଲିସ ସିଧାସଳଖ ଆକ୍ରମଣକାରୀ ଓ ପଥର ମାଫିଆଙ୍କୁ ସୁରକ୍ଷା ଦେଉଛି ବୋଲି ସେ ଅଭିଯୋଗ କରିଛନ୍ତି।

## ୧୫ରୁ ୨୧ ସମ୍ବଲପୁରରେ ଶୀତଳଷଷ୍ଠୀ

**ସମ୍ବଲପୁର, ୧୩।୬ (ସଂଚାର ବ୍ୟୁରୋ):** ପାଖେଇ ଆସୁଛି ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା। ଜୁନ ୧୫ରୁ ୨୧ ଯାଏ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହେବ । ୧୬ ତାରିଖରେ ପତର ପେଣ୍ଡି ବା ମାତା ପାର୍ବତୀଙ୍କ ନିର୍ବନ୍ଧ ଉତ୍ସବ ଅନୁଷ୍ଠିତ ହେବ। ଜୁନ ୧୯ ମଧ୍ୟରାତ୍ରରେ ହେବ ବିବାହ। ମହାଦେବଙ୍କ ବିବାହ ପାଇଁ ମାଆ ପାର୍ବତୀଙ୍କ ଘର ଉତ୍ସବମୁଖର । ମୋତିପଡ଼ା ଜାଗେଶ୍ୱର ବାବାଙ୍କ ଶ୍ୱଶୁର ଘର ଲୋକଙ୍କ ବିବାହ ପ୍ରସ୍ତୁତି ପର୍ବ ଅନ୍ତିମ ପର୍ଯ୍ୟାୟରେ । ଝିଅକୁ ଦେବା ପାଇଁ ସମସ୍ତ ଘର କରଣା ସାମଗ୍ରୀ କିଣା ସରିଛି । ଏଥର କନ୍ୟା ପିତାମାତା ରୂପରେ ସମ୍ବଲପୁର କୁମ୍ଭାରପଡ଼ାର ସୋନି ପରିବାର ଏହି ଦାୟିତ୍ୱ ତୁଲାଉଛନ୍ତି । ସୋନି ପରିବାରର କୌଣସି ଝିଅ ନାହିଁ ଫଳରେ ମାଆ ପାର୍ବତୀଙ୍କ ବିବାହ ହେଉଛି ଏହି ପରିବାର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ଗ୍ୟାସ ଗାଡ଼ି ସହ ପିକଅପ୍ ଭ୍ୟାନ୍ ଧକ୍କା, ୧ ମୃତ



**କୋଲକାତା, ୧୩।୬ (ସଂଚାର ବ୍ୟୁରୋ):** ନଦିଆର କୃଷ୍ଣନଗରର ପାଲପଡା ମୋଡ ନିକଟରେ ଜାତୀୟ ରାଜପଥରେ ଏକ ଗୁରୁତର ଦୁର୍ଘଟଣା ଘଟିଛି। ଶନିବାର ସକାଳେ ୧୨ ନମ୍ବର ଜାତୀୟ ରାଜପଥରେ ମାଛ ବୋଝେଇ ଏକ ପିକଅପ୍ ଭ୍ୟାନ ଗ୍ୟାସ୍ ସିଲିଣ୍ଡର ବୋଝେଇ ଗାଡ଼ିର ପଛପଟେ ଜୋରରେ ଧକ୍କା ଦେଇଥିଲା। ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଶକ୍ତିନଗର ଜିଲ୍ଲା ହସ୍ପିଟାଲକୁ ନିଆଯାଇଛି। ସ୍ଥାନୀୟ ଏବଂ ପୁଲିସ ସୂତ୍ର ଅନୁଯାୟୀ, କୃଷ୍ଣନଗର କୋତୱାଲି ଥାନା ଅନ୍ତର୍ଗତ ପାଲପଡା ମୋଡରେ ୧୨ ନମ୍ବର ଜାତୀୟ ରାଜପଥରେ ଏହି ଘଟଣା ଘଟିଛି। ମାଛ ବୋଝେଇ ଏକ ପିକଅପ୍ ଭ୍ୟାନ୍ ନିୟନ୍ତ୍ରଣ ହରାଇ ଗ୍ୟାସ୍ ସିଲିଣ୍ଡର ବୋଝେଇ ଗାଡ଼ିର ପଛପଟେ ଜୋରରେ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଜଣଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନିଆଯାଇଥିଲା ଏବଂ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଅନ୍ୟ ଅନେକ ଆହତ ହୋଇଛନ୍ତି। ଦୁର୍ଘଟଣା ଫଳରେ ଅଞ୍ଚଳରେ ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଥିଲା, ଯାହା ଫଳରେ ୧୨ ନମ୍ବର ଜାତୀୟ ରାଜପଥ ବାଧାପ୍ରାପ୍ତ ହୋଇଥିଲା। ପରେ କୋତୱାଲି ଥାନାର ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଜାଣିବାକୁ ମିଳିଛି ଯେ ପିକଅପ୍ ଭ୍ୟାନ୍ ମାଛରେ ପରିପୂର୍ଣ୍ଣ ଥିଲା। ଏହା ବୀରଭୂମରୁ ନୈହାଟିକୁ ମାଛ ସଂଗ୍ରହ କରିବାକୁ ଯାତ୍ରା କରୁଥିଲା ଏବଂ ଫେରିବା ସମୟରେ ଏହି ଘଟଣା ଘଟିଥିଲା। କୃଷ୍ଣନଗର କୋତୱାଲି ଥାନାର ପୁଲିସ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଆରମ୍ଭ କରିଛି।

## ତୃଣମୂଳ ନେତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋଲକାତା, ୧୩।୬ (ସଂଚାର ବ୍ୟୁରୋ):** ଶିଲିଗୁଡ଼ି ମହକୁମା ପରିଷଦର କୃଷି କର୍ମାଧ୍ୟକ୍ଷ ମହମ୍ମଦ ଆଇନୁଲ ହକ୍‌ଙ୍କର ଅପ୍ରାକୃତିକ ମୃତ୍ୟୁ ହୋଇଛି। ଶନିବାର ସକାଳେ ପୁଲିସ ତାଙ୍କ ଘରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ଉତ୍ତରବଙ୍ଗ ମେଡିକାଲ କଲେଜକୁ ପଠାଯାଇଛି। ଆଇନୁଲ ଶିଲିଗୁଡ଼ି ମହକୁମାର ଫାନସିଦେୱାରୁ ଆସିଥିଲେ। ସେ ମହକୁମାରେ ତୃଣମୂଳ କଂଗ୍ରେସର ଜଣେ ପ୍ରମୁଖ ନେତା ଥିଲେ ଏବଂ ଦଳର ଦାର୍ଜିଲିଂ ଜିଲ୍ଲା (ସମାନ୍ତର) କୋର କମିଟିର ସଦସ୍ୟ ଭାବରେ କାର୍ଯ୍ୟ କରୁଥିଲେ। ଯଦିଓ ସେ ଏକ ସମୟରେ କଂଗ୍ରେସ ସହିତ ଜଡିତ ଥିଲେ, ପରେ ସେ ତୃଣମୂଳରେ ଯୋଗ ଦେଇଥିଲେ। ସୂତ୍ର ଅନୁଯାୟୀ ଆଇନୁଲ ହକ୍ ତାଙ୍କ ରାଜନୈତିକ କ୍ୟାରିୟରର ପ୍ରାରମ୍ଭରେ ଗ୍ରାମ ପଞ୍ଚାୟତ ପ୍ରଧାନ ଭାବରେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ମହକୁମା ପରିଷଦର ପଞ୍ଚାୟତ ସମିତି ସଭାପତି ଏବଂ ସହକାରୀ ସଭାପତି ପଦବୀରେ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁ ସମୟରେ ଏହି ପ୍ରବୀଣ ରାଜନେତା ମହକୁମା ପରିଷଦର କୃଷି ବିଭାଗର କର୍ମାଧ୍ୟକ୍ଷ (ପ୍ରଭାରୀ) ଭାବରେ କାର୍ଯ୍ୟ କରୁଥିଲେ।

# କମିଶନ ରିପୋର୍ଟ, ହଜିବା କିଛି ନୂଆ କଥା ନୁହେଁ

**ଭୁବନେଶ୍ୱର, ୧୩।୬:** ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଏକ ଗୁରୁତ୍ୱପୂର୍ଣ୍ଣ କମିଶନ ରିପୋର୍ଟ ହଜିବା ଘଟଣାରେ ଏବେ ପୁଲିସ ତଦନ୍ତ ଚାଲୁଥିବା ବେଳେ କମିଶନ ରିପୋର୍ଟ ହଜିବା କିଛି ନୂଆ କଥା ନୁହେଁ ବୋଲି ଜଣାପଡ଼ିଛି। ଅତୀତରେ ଏଭଳି ଏକ କମିଶନ ରିପୋର୍ଟ ହଜିବା ପରେ ତା'ର ତଦନ୍ତ ଦାୟିତ୍ୱ ଅନ୍ୟ ଏକ କମିଶନକୁ ଦିଆଯାଇଥିଲା। ରାଜ୍ୟରେ ଯେତେସବୁ କମିଶନ ଓ କମିଟି ବିଭିନ୍ନ ସମ୍ବେଦନଶୀଳ ଘଟଣାର ତଦନ୍ତ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବସାଯାଇଛି, ସେଥିରୁ ଅନେକ ତଦନ୍ତ ରିପୋର୍ଟ ସାର୍ବଜନୀନ ହେବା ତ ଦୂରର କଥା, ବିଧାନସଭାରେ ମଧ୍ୟ ଉପସ୍ଥାପିତ ହୋଇନାହିଁ।

ଏଠାରେ ଉଲ୍ଲେଖନୀୟ ଯେ କନ୍ଧମାଳ ଜିଲ୍ଲାର ଜଳେଶପଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ଅନ୍ୟ ୪ ଜଣଙ୍କୁ ୨୦୦୮ ଅଗଷ୍ଟ ୨୩ ତାରିଖରେ ହତ୍ୟା କରାଯାଇଥିଲା। ଏହି ଜଘନ୍ୟ ହତ୍ୟାକାଣ୍ଡ ପରେ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଅବିଭକ୍ତ ଫୁଲବାଣୀ ଜିଲ୍ଲାରେ ମଧ୍ୟ ବ୍ୟାପକ ଦଙ୍ଗାଗୋଳ ଘଟିଥିଲା। ଏହି ହତ୍ୟାକାଣ୍ଡ ପରେ ମିଳିତ ମନ୍ତ୍ରିମଣ୍ଡଳରୁ ବିଜେପି ଓହରି ଯାଇଥିଲା।

୨୦୦୮ ସେପ୍ଟେମ୍ବର ୩ ତାରିଖରେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଏହି ଘଟଣାର ତଦନ୍ତ କମିଶନ ଭାବେ ନିଯୁକ୍ତ କରାଯାଇଥିଲା। ତେବେ ଜଷ୍ଟିସ ମହାପାତ୍ରଙ୍କର ଅସୁସ୍ଥତା ଓ ପରେ ଦେହାନ୍ତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ୨୦୧୨ ସେପ୍ଟେମ୍ବର ୨୪ ତାରିଖରେ ଅନ୍ୟତମ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଏ.ଏସ୍. ନାଇଡୁଙ୍କୁ ତଦନ୍ତ କମିଶନ ଦାୟିତ୍ୱ ଦିଆଯାଇଥିଲା। ଏହି କମିଶନ ପାଇଁ ରାଜ୍ୟ ରାଜକୋଷରୁ ୧,୭୧,୭୮,୪୩୬ ଟଙ୍କା ଖର୍ଚ୍ଚ ହୋଇଥିଲା ବୋଲି ସରକାରୀ ସୂତ୍ରରୁ ପ୍ରକାଶ। କମିଶନ ତାଙ୍କ ରିପୋର୍ଟ ରାଜ୍ୟ ସରକାରଙ୍କୁ ଠିକଣା ସମୟରେ ପ୍ରଦାନ କରିଥିଲେ ମଧ୍ୟ ପ୍ରାୟ ୧୧ ବର୍ଷ ଧରି ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ କିମ୍ବା ଉକ୍ତ ରିପୋର୍ଟ ଆଇନ୍ ଅନୁଯାୟୀ ବିଧାନସଭାରେ ଉପସ୍ଥାପନ କରାଯାଇନାହିଁ।

ପୂର୍ବରୁ ବିରୋଧୀ ଦଳରେ ଥିବା ବେଳେ ବିଜେପି ବାରମ୍ବାର ଏହି କମିଶନ୍‌ଙ୍କ ରିପୋର୍ଟ ସାର୍ବଜନୀନ କରିବାକୁ ଦାବି କରୁଥିଲା। ଏବେ ରାଜ୍ୟରେ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ପୂର୍ବରୁ ଏହି ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ହଜିଯାଇଥିବା ଘେନି ପ୍ରକାଶ ପାଇବା ପରେ ଗୃହ ବିଭାଗ ଏଥି ଘେନି ଥାନାରେ ଏତଲା ଦେଇଛି ଓ ତଦନୁଯାୟୀ ତଦନ୍ତ ଚାଲିଛି। ଅତୀତରେ ୧୯୯୩ରେ ଶ୍ରୀମନ୍ଦିରରେ ନାଗାର୍ଜୁନ ବେଶ ଅବସରରେ ହୋଇଥିବା ଦଳାଚକଟା ଦୁର୍ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ଜଷ୍ଟିସ ଜୀବନ ମୋହନ ମହାପାତ୍ର କମିଶନ ବସାଇଥିଲେ। ଜଷ୍ଟିସ ମହାପାତ୍ର ୧୯୯୫ ଅଗଷ୍ଟ ୩୧ରେ ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ କମିଶନ ରିପୋର୍ଟ ପ୍ରଦାନ କରିଥିବାରୁ ସମାଚାର ଫଟୋ ସହ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ୨୦୦୬ ନଭେମ୍ବର ୪ରେ ଶ୍ରୀମନ୍ଦିରରେ ପୁଣି ଏକ ଦଳାଚକଟା ଦୁର୍ଘଟଣା ଘଟିବାରୁ ଜଷ୍ଟିସ ମହାପାତ୍ରଙ୍କ କମିଶନ ରିପୋର୍ଟ ଖୋଜାଗଲା। ସେତେବେଳେ ଜଣାପଡ଼ିଲା ଯେ ଉକ୍ତ ରିପୋର୍ଟ କୁଆଡ଼େ ହଜିଯାଇଛି।

୨୦୦୬ ଦୁର୍ଘଟଣା ପାଇଁ ଓଡ଼ିଶା ସରକାର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ପିକେ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଉ ଏକ କମିଶନ ବସାଇଥିଲେ। ଜଷ୍ଟିସ ମହାନ୍ତି କମିଶନଙ୍କୁ ଦାୟିତ୍ୱ ଦିଆଯାଇଥିଲା ଜଷ୍ଟିସ ମହାପାତ୍ରଙ୍କ କମିଶନ ରିପୋର୍ଟ ଖୋଜିବା ସମ୍ପର୍କରେ ତଦନ୍ତ କରିବା ଲାଗି।

ଜଷ୍ଟିସ ମହାନ୍ତି କମିଶନ ୨୦୦୯ରେ ତାଙ୍କ ରିପୋର୍ଟ ଦେଇଥିଲେ ମଧ୍ୟ ଏଯାବତ୍ ଜଷ୍ଟିସ ମହାପାତ୍ର କମିଶନ ରିପୋର୍ଟ ମିଳୁନାହିଁ। ସେହିଭଳି ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ଲାଗି ଜଷ୍ଟିସ ରଘୁବୀର ଦାସ କମିଶନ ବସାଯାଇଥିଲା। ହାଇକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଏଯାବତ୍ କମିଶନଙ୍କ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହୋଇନାହିଁ। ଆଞ୍ଚଳିକ ବୈଷମ୍ୟ କମିଶନ, କୃଷକ କମିଶନ ଆଦି ରିପୋର୍ଟର ବି ସମାନ ଅବସ୍ଥା। ଏହିଭଳି ଭାବେ ବହୁ ବିଚାର ବିଭାଗୀୟ କମିଶନ ଓ ପ୍ରଶାସନିକ ଅଧିକାରୀଙ୍କ ତଦନ୍ତ ରିପୋର୍ଟ ଉପରେ ପ୍ରଶ୍ନବାଚୀ ରହିଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇଜ୍ଜତ ଦିଅ ନ...

କରାଗଲା। କିନ୍ତୁ ଗୁରୁତର ଥିବାରୁ ତରବରିଆ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ତାଙ୍କୁ କଟକ ଏସସିବି ସ୍ଥାନାନ୍ତର କରାଯାଇଛି। ଏହା ଜିଲ୍ଲା ପୁଲିସର କି ପ୍ରକାର ନୀତି, ସେନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଅଭିଯୋଗ ହେଉଛି, ବୋଧହୁଏ ପୁଲିସ ମଧ୍ୟ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ସ୍ୱରରେ ସ୍ୱର ମିଶାଇ 'ଇଜ୍ଜତ ଦିଅ ନହେଲେ ଆରେଷ୍ଟ' ନୀତିରେ କାମ କରୁଛି। ଚାମେଲି ଓଝା ସରପଞ୍ଚ ଭାବେ ନିଜ ଅଞ୍ଚଳର କାମ ନେଇ ବିଡିଓଙ୍କ ନିକଟରେ ଦାବି ରଖିବାରେ ତ୍ରୁଟି କେଉଁଠି ବୋଲି ପ୍ରଶ୍ନ ଉଠୁଛି। ସେ ବିଡିଓ କାର୍ଯ୍ୟାଳୟରେ ଭିଡିଓ ଶୁଟ୍ କରି ଲାଇଭ କରିବା ସେଭଳି ଧର୍ତ୍ତବ୍ୟ ଅପରାଧ ନୁହେଁ। କିନ୍ତୁ ଏଥିପାଇଁ ତାଙ୍କୁ କିଛି ଭଦ୍ରମୁଖାପିନ୍ଧା ବିଜେପି ନେତା ଆକ୍ରମଣ କରିବା ଏବଂ ପରେ ତାଙ୍କୁ ଓ ତାଙ୍କ ଭାଇଙ୍କୁ ପୁଲିସ ବଳପୂର୍ବକ ଉଠାଇ ନେବା କେଉଁ ଆଇନ ସମ୍ମତଃ ବୋଲି ଜିଲ୍ଲାର ବୁଦ୍ଧିଜୀବୀମାନେ ପ୍ରଶ୍ନ କରୁଛନ୍ତି। ଆକ୍ରମଣର ଶିକାର ହୋଇଥିବା ଚାମେଲିଙ୍କ ଅଭିଯୋଗ ପରେ ତରବରିଆ ଭାବେ ପୁଲିସ ତାଙ୍କ ବିରୋଧରେ ପାଲଟା ଅଭିଯୋଗ କଲା। ଉଦ୍‌ବେଗର କଥା ଯେ ବିଧାୟକ ତାଙ୍କୁ ଇଜ୍ଜତ ମାଗୁଥିବା ନେଇ ଚାମେଲି ଯେଉଁ ଅଭିଯୋଗ କରିଥିଲେ, ତା'ର ୨୪ ଘଣ୍ଟା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ କି ତଦନ୍ତ ନିର୍ଦ୍ଦେଶ ହେଲାନାହିଁ। ଅଥଚ ମହିଳା ସରପଞ୍ଚଙ୍କୁ ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଗିରଫ କରାଯାଇଛି। ସେପଟେ ଚାମେଲି ନିଜ ଏଫଆଇଆରରେ ଯେଉଁମାନଙ୍କ ବିରୋଧରେ ଲେଖିଥିଲେ ସେମାନଙ୍କ ବିରୋଧରେ ବି ଏଯାଏଁ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏହି ଘଟଣାରେ ବିଜେପି ନେତା ସୌଭାଗ୍ୟ ପରିଡ଼ା ମଧ୍ୟ ଆଜି ମହାକାଳପଡ଼ା ଥାନା ଘେରାଉ କରି ଚାମେଲିଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦ କରିଛନ୍ତି। ପୂର୍ବରୁ ମଧ୍ୟ ମହାକାଳପଡ଼ା ବିଧାୟକ ଶ୍ରୀ ନାୟକ ଜଣେ ମହିଳା ବିଡିଓଙ୍କ କାର୍ଯାଳୟରେ ପ୍ରବେଶ କରି ଉତ୍ପାତ କରିଥିଲେ। ବିଧାୟକଙ୍କ ଉପସ୍ଥିତିରେ ତାଙ୍କ ସହଯୋଗୀମାନେ ବିଡିଓଙ୍କ ଉପରକୁ ଲ୍ୟାପଟପ ଫିଙ୍ଗିବାକୁ ଉଦ୍ୟମ କରିଥିଲେ। ଏହି ଘଟଣାରେ ବିଧାୟକଙ୍କ ବିରୋଧରେ ସେ ସମୟରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ବରଂ ବିଡିଓଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ବିଡିଓଙ୍କ କାର୍ଯ୍ୟାଳୟ ଭିତରେ ବିଧାୟକଙ୍କ ଦାଦାଗିରି କ'ଣ ବେଆଇନ ନ ଥିଲା ? ଯଦି ଦୁଇ ମାସ ତଳର ଏହି ଘଟଣା ଆଇନସମ୍ମତ ଥିଲା, ତେବେ ଚାମେଲି ବିଡିଓଙ୍କ ସହ କଥାବାର୍ତ୍ତାର ଭିଡିଓ ରେକର୍ଡିଂ ବେଆଇନ ହେଲା କେମିତି ? ଉଦ୍‌ବେଗର ବିଷୟ ହେଉଛି, ମହାକାଳପଡ଼ା ବିଡିଓ ବାରମ୍ବାର ଏଭଳି ଆଇନକୁ ହାତକୁ ନେଉଥିବା ବେଳେ ରାଜ୍ୟ ବିଜେପିର ମୁଖିଆମାନେ ନିରବଦ୍ରଷ୍ଟା ସାଜିଛନ୍ତି।

### ବାୟୁସେନା ବିମାନ...

୫ ଜଣ ସେନା କର୍ମଚାରୀଙ୍କ ମୃତ୍ୟୁରେ ଗଭୀର ଶୋକ ବ୍ୟକ୍ତ କରିଛି। ଏଥିସହ ଏ ଦୁଃଖଦ ସମୟରେ ସେନା ସେମାନଙ୍କ ପରିବାର ସହ ରହିଛି ବୋଲି ମଧ୍ୟ ଆଶ୍ୱାସନା ଦେଇଛି। ସୂଚନାଯୋଗ୍ୟ ଯେ ଗତ ୧୦ ବର୍ଷ ମଧ୍ୟରେ ଏହା ହେଉଛି ଏଏନ୍-୩୨ର ତୃତୀୟ ବଡ଼ ଦୁର୍ଘଟଣା। ସୋଭିଏତ୍ ସଂଘଠାରୁ ୧୯୮୪ରେ ଏହାକୁ କିଣାଯିବା ପରଠାରୁ ଏହା ଭାରତୀୟ ବାୟୁସେନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଲଢୁଆ-ଅଶ୍ୱ ପରି କାମ କରିଆସିଛି। ତେବେ ଗତ ୨୦୧୬ ପରଠାରୁ ଏହା ଦୁଇ ଥର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ୪୨ ଜଣଙ୍କର ମୃତ୍ୟୁ ହୋଇସାରିଛି। ଚଳିତ ବର୍ଷ ମାର୍ଚ୍ଚ ୬ ତାରିଖରେ ସୁଖୋଇ-୩୦-ଏମ୍‌କେଆଇ ଲଢୁଆ ବିମାନ ଜୋରହାଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଯେଉଁଥିରେ ବିମାନର ପାଇଲଟ୍, ସ୍କ୍ୱାଡ୍ରନ ଲିଡରଙ୍କ ସମେତ ମୋଟ ୪ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହି ଘଟଣାର ମାତ୍ର ୩ ମାସ ପରେ ପୁଣି ଏକ ବାୟୁସେନା ବିମାନ ଜୋରହାଟ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାକୁ ନେଇ ବିଭିନ୍ନ ମହଲରେ ଚିନ୍ତା ସୃଷ୍ଟି ହୋଇଛି।

### ଆଜି ଭାରତ-ପାକ୍...

ମାଟିରେ ସିରିଜ୍ ଜିତିପାରିଛି। ଦଳ ଅଷ୍ଟ୍ରେଲିଆକୁ ୨-୧ରେ ଓ ଇଂଲଣ୍ଡକୁ ୩-୨ରେ ପରାସ୍ତ କରିଥିବା ବେଳେ ଶ୍ରୀଲଙ୍କାକୁ ଘରୋଇ ମାଟିରେ ୫-୦ରେ ପରାସ୍ତ କରି ବିଦେଶ ହେଉ କି ଘରୋଇ ମାଟି ସବୁଠି ଦଳ ବିଜୟ ହାସଲ କରିବାର ଦମ୍ ରଖେ ବୋଲି ପ୍ରମାଣିତ କରିଛି। ପାକିସ୍ତାନ ବିପକ୍ଷରେ ଭଲ ରେକର୍ଡକୁ କାଏମ ରଖିବାକୁ ହେଲେ ଭାରତର ଉପଅଧିନାୟିକା ସ୍ମୃତି ମନ୍ଧାନାକୁ ଫର୍ମକୁ ଫେରିବାକୁ ପଡ଼ିବ। ତାଙ୍କ ଯୋଡ଼ିଦାର ଶେଫାଳୀ ବର୍ମା ମଧ୍ୟ ସମାନ ଫର୍ମ ଦେଇ ଗତି କରୁଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ଅଧିନାୟିକା ଫାତିମା ସାନା ଚମତ୍କାର ଫର୍ମ ଦେଇ ଗତି କରୁଛନ୍ତି। ନିକଟରେ ସେ ଜିମ୍ବାୱେ ବିପକ୍ଷରେ କରାଚୀଠାରେ ମାତ୍ର ୧୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରି ରେକର୍ଡ ବୁକ୍‌ରେ ନିଜ ନାମ ଦରଜ କରିଛନ୍ତି। ମ୍ୟାଚ୍‌ଟି ଭାରତୀୟ ସମୟ ସନ୍ଧ୍ୟା ୭ଟା ସମୟରେ ଆରମ୍ଭ ହେବ।

### ଏଣିକି ଘର...

ଦାୟିତ୍ୱ ଓ ବିବାଦ ସମାଧାନ ପାଇଁ ବ୍ୟାପକ ବ୍ୟବସ୍ଥା ରହିଛି। ସରକାର ଏକ ଅନଲାଇନ୍ ପୋର୍ଟାଲ୍ ଖୋଲିବେ, ଯେଉଁଠାରେ ସମସ୍ତ ଭଡ଼ା ଚୁକ୍ତି ପଞ୍ଜୀକୃତ ହେବ। ପ୍ରତ୍ୟେକ ଚୁକ୍ତିକୁ ଏକ ୟୁନିକ୍ ଆଇଡି ନମ୍ବର ମିଳିବ। ଏହାଦ୍ୱାରା ଭଡ଼ା ସମ୍ପର୍କିତ ବିବାଦରେ ତଥ୍ୟ ଯାଞ୍ଚ୍ ସହଜ ହେବ। ଏହି ଆଇନ ରାଜ୍ୟରେ ଲାଗୁ କରିବା ପୂର୍ବରୁ ଲୋକଙ୍କଠାରୁ ମତାମତ ଓ ଆପତ୍ତି ଅଭିଯୋଗ ଆହ୍ୱାନ କରିଛି ଗୃହ ଓ ନଗର ଉନ୍ନୟନ ବିଭାଗ।

### ଡିଜି ପାହ୍ୟାକୁ...

ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହେବେ। କେନ୍ଦ୍ରୀୟ ଡେପୁଟେସନ୍ ପାଇଁ ଏହି ଏମ୍ପାନେଲମେଣ୍ଟକୁ ଜଣେ ଆଇପିଏସ୍ ଅଧିକାରୀଙ୍କ କ୍ୟାରିୟରର ଏକ ବଡ଼ ମାଇଲଖୁଣ୍ଟ ବୋଲି ଧରାଯାଏ। ଏହା ମାଧ୍ୟମରେ ସିଆରପିଏଫ୍, ବିଏସଏଫ୍, ସିଆଇଏସଏଫ୍, ଆଇଟିବିପି ସମେତ ବିଭିନ୍ନ କେନ୍ଦ୍ରୀୟ ସୁରକ୍ଷା ଓ ଗୁଇନ୍ଦା ସଂସ୍ଥାରେ ଉଚ୍ଚପଦବୀରେ କାର୍ଯ୍ୟ କରିବାର ସୁଯୋଗ ମିଳିଥାଏ। ସୂଚନାଯୋଗ୍ୟ ଯେ ଡଃ ସୁଧାଂଶୁ ଷଡ଼ଙ୍ଗୀ ରାଜ୍ୟର ପରବର୍ତ୍ତୀ ଡିଜିପି ଦୌଡ଼ରେ ମଧ୍ୟ ଅଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ୧୨ ବର୍ଷର...

ଯୋଜନା, ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା, ଲକ୍ଷପତି ଦିଦି, ପିଏମ କିଷାନ ସମ୍ମାନ ନିଧି, ଆୟୁଷ୍ମାନ ଭାରତ ଓ ଷ୍ଟାର୍ଟଅପ୍ ଇଣ୍ଡିଆ ଭଳି ଅନେକ ଐତିହାସିକ ପଦକ୍ଷେପ ନିଆଯାଇଛି। ଆଜି ମହିଳା ନେତୃତ୍ୱାଧୀନ ବିକାଶ ଭାବନା ସହ ଦେଶର ନାରୀ ଶକ୍ତି କେବଳ ସହଭାଗୀ ନୁହେଁ, ବରଂ ପ୍ରଗତିର ଅଗ୍ରଣୀ ଶକ୍ତି ସାଜିଛନ୍ତି। 'ଆତ୍ମନିର୍ଭର ମହିଳା ସମ୍ମାନ' କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଲକ୍ଷପତି ଦିଦିଙ୍କ ସହ ଆଲୋଚନା କରିଥିଲେ। ସେ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ବୁଲି ଦେଖିବା ସହ ସେମାନଙ୍କ ପରିଶ୍ରମ, ପ୍ରତିଭା ଓ ଆତ୍ମବିଶ୍ୱାସକୁ ପ୍ରଶଂସା କରିଥିଲେ। ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ଆଜିର ନାରୀ ଶକ୍ତି ସ୍କିଲ ଓ ଇନୋଭେସନ ମାଧ୍ୟମରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି। ମନ୍ଦିରର ବର୍ଜ୍ୟବସ୍ତୁରୁ ପୁଣି ଥରେ ଯୋଗ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ସ୍ୱଚ୍ଛତା ଓ ଆତ୍ମନିର୍ଭରତାର ଏକ ପ୍ରେରଣାଦାୟୀ ଉଦାହରଣ। ସେହିପରି କେନ୍ଦ୍ର ସରକାରଙ୍କ 'ଗୋବର୍ଦ୍ଧନ ଯୋଜନା' ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରି ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରୁଛି। ଲକ୍ଷପତି ଦିଦିଙ୍କୁ ଶିକ୍ଷା ଏବଂ କୌଶଳର ଅଧିକ ସୁଯୋଗ ଯୋଗାଇଦେବା ପାଇଁ ଇନ୍ଦିରା ଗାନ୍ଧି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ସହ ମିଶି ନୂଆ ପ୍ରୟାସ ଆରମ୍ଭ କରାଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଘୋଷଣା କରିଛନ୍ତି। ଗସ୍ତ ସମୟରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡା. ମୋହନ ଯାଦବଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତକାର କରିଥିଲେ।

### ଭକ୍ତଙ୍କୁ ତାଗିଦ...

ଭାବେ ଦାୟିତ୍ୱ ନେବାର ପ୍ରାୟ ୨ ବର୍ଷ ପରେ ମଧ୍ୟ ଭକ୍ତ ଦଳର ସବୁ ନେତାଙ୍କୁ ସାଙ୍ଗରେ ନେଇପାରୁନାହାଁନ୍ତି। ଦଳର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ବୈଠକରେ ବରିଷ୍ଠ ନେତାମାନେ ଯୋଗ ଦେଉନାହାଁନ୍ତି। ଭକ୍ତଙ୍କ ଅହଂକାର ପାଇଁ କନିଷ୍ଠମାନେ କ୍ଷୁବ୍ଧ ଥିବା ଜଣାପଡ଼ିଛି। ରାଜ୍ୟ କଂଗ୍ରେସରେ ସବୁକିଛି ଠିକ୍ ଚାଲି ନ ଥିବାରୁ ରାହୁଲ୍ ଏବେ ଓଡ଼ିଶା ଗସ୍ତରେ ଆସିବେ ନାହିଁ ବୋଲି ରୋକଠୋକ ମନା କରିଦେଇଥିଲେ। ଏଥିସହ ଭକ୍ତଙ୍କୁ ମଧ୍ୟ ଅହଂକାର ଛାଡ଼ି ଦଳକୁ ଏକଜୁଟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେ ଯଦି ନିଜ ଅହଂଭାବରୁ ଉପରକୁ ନ ଉଠନ୍ତି, ତେବେ ଏଆଇସିସି ବିକଳ୍ପ ଚିନ୍ତା କରିବ ବୋଲି ମଧ୍ୟ ରାହୁଲ୍ ପରୋକ୍ଷ ଇଙ୍ଗୀତ ଦେଇଥିବା ଜଣାପଡ଼ିଛି। ତେବେ ଭକ୍ତ ବୈଠକ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଜିଲ୍ଲା ଓ ବ୍ଲକ ସଂଗଠନକୁ ଅଧିକ ମଜବୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ଅନୁସାରେ ଆଗକୁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ।

### ଦଳଡିଆଁ ସୂଚନା...

ତିନି ଜଣ ସାଂସଦ ଟିକେ ଡେଇଁବେ, ସେଥିପାଇଁ କସରତ ଚାଲିଛି। ତେଣୁ ହାରୁ ବିଧାୟକ ପ୍ରାର୍ଥୀମାନଙ୍କ ପାଇଁ ସେ ସମୟ ଦେଇପାରିବେ ନାହିଁ ବୋଲି ଜଣାଇ ଦେଇଥିଲେ। ଏତକ ଶୁଣିବା ପରେ ବହୁ ଆଶାରେ ଦିଲ୍ଲୀ ଯାଇଥିବା ଏହି ହାରୁନେତାମାନେ ମନମରା ହୋଇ ଓଡ଼ିଶା ଫେରିଲେ। ସେମାନେ ବୁଝିଗଲେ ଯେ ବିଜେପି ଏବେ ସେମାନଙ୍କୁ ଗ୍ରହଣ କରିବ ନାହିଁ। ଆଗକୁ ନିର୍ବାଚନ ନ ଥିବାରୁ ସେମାନେ କୌଣସି କାମରେ ଲାଗିବେ ନାହିଁ। ବରଂ ଦଳୀୟ ନେତାଙ୍କ ଉପରେ ବୋଝ ହେବେ। ତେବେ ହାରୁ ବିଧାୟକ ପ୍ରାର୍ଥୀମାନଙ୍କର ଏଭଳି ଦଳଡିଆଁ ଆଲୋଚନା ନବୀନଙ୍କ ନିକଟରେ ପହଞ୍ଚିବା ପରେ ଆସନ୍ନ ବିପଦ ଆଶଙ୍କାରେ ଦିଲ୍ଲୀରୁ ଫେରି ସେ ତୁରନ୍ତ ଏହି ନେତାମାନଙ୍କର ବୈଠକ ଡାକିଥିଲେ। ସେମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ତେବେ ଅସଲ କଥାଟିକୁ ଚାପି ରଖି ଏହା ଦଳୀୟ ଆଲୋଚନା ଓ ସଂଗଠନ ମଜବୁତ ପାଇଁ କସରତ ବୋଲି କୁହାଯାଇଥିଲା। ହାରୁ ନେତାମାନଙ୍କର ଏଭଳି ଆଲୋଚନା ପରେ ଏବେ ଉଭୟ ବିଜେଡି ଓ ବିଜେପି ଶିବିରରେ କମ୍ପନ ସୃଷ୍ଟି ହୋଇଛି। ବିଜେଡି ଶିବିରରେ ହେଉଥିବା ଆଲୋଚନା ଅନୁଯାୟୀ ଏମାନଙ୍କ ଏଭଳି ପଦକ୍ଷେପ ପଛରେ କେଉଁ କେଉଁ ନେତା ରହିଛନ୍ତି ତାହାର ଖୋଳତାଡ଼ ଚାଲିଛି। ସେମାନଙ୍କ ସଂକ୍ରାନ୍ତରେ ସଠିକ୍ ଜାଣିବା ପାଇଁ ଗୁଇନ୍ଦା ସୂଚନା ସଂଗ୍ରହ କରାଯାଉଛି। ସେହିଭଳି ବିଜେପି ଶିବିରରେ ଆଲୋଚନା ହେଉଛି ଯେ ହଠାତ୍ ୧୦/୧୨ ଜଣ ହାରୁ ବିଧାୟକ ପ୍ରାର୍ଥୀ ଦଳରେ ଯୋଗଦେଲେ ସେମାନେ ନିଜ ନିଜ ଅଞ୍ଚଳରେ ରାଜନୀତି ଆରମ୍ଭ କରିବା ସହ ବିଜେପି ନେତାଙ୍କ ପଛରେ ଲାଗିଯିବେ। ଏହା ଦଳକୁ କେବଳ ଅସ୍ଥିର କରିବ ନାହିଁ, ପଞ୍ଚାୟତ ଓ ପୌର ନିର୍ବାଚନରେ ମଧ୍ୟ ଅଡୁଆ ପରିସ୍ଥିତି ସୃଷ୍ଟି କରିବ।

## ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ 'ୱି କ୍ୟାନ୍ ବେକ୍' କାର୍ଯ୍ୟକ୍ରମ ଉଦ୍‌ଯାପିତ



ଭୁବନେଶ୍ୱର,୧୩।୬ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚଏମ୍) ପକ୍ଷରୁ ଆରମ୍ଭ ହୋଇଥିବା ୬ ଦିନିଆ ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ୱି କ୍ୟାନ୍ ବେକ୍' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ରାନ୍ଧଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଭାଗ ନେଇଥିବା ୨୦ ପ୍ରତିଯୋଗୀଙ୍କୁ ମିଲେଟ୍ କୁକିଜ୍, ୱାଲନଟ୍ ବ୍ରାଉନି, ନାନ୍ ଖଟାଇ, ସ୍ୱିସ୍ ରୋଲ୍, ରେଡ୍ ଭେଲଭେଟ୍ କେକ୍, ପେଟିସ୍ ଏବଂ ଇଟାଲୀୟାନ୍ ହୋମ୍ ମେଡ୍ ପିଜା ସହିତ ବେକରୀ ଖାଦ୍ୟ ପ୍ରସ୍ତୁତିର ପ୍ରଶିକ୍ଷଣ ଦିଆଯାଇଥିଲା। ଏସ୍‌ଏଚ୍‌ଏମ୍ ପ୍ରଫେସର ରଞ୍ଜନ କୁମାର ମଲ୍ଲିକ ପ୍ରତିଯୋଗୀମାନଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ଲକ୍ଷ୍ୟ ନେଇ ରୁଚିକର ଓ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ସେମାନେ ଏହାକୁ କିପରି ପରଷି ପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନଙ୍କୁ ମାନପାତ୍ର ପ୍ରଦାନ କରାଯାଇଥିଲା।

# ଅବଧି ସରିଯାଉଥିଲେ ବି ଉଠୁନି ଧାନ

### ରବି ମଣ୍ଡି ଅବ୍ୟବସ୍ଥା ନେଇ କାମତା ଲ୍ୟାମ୍ପ୍ସ ଘେରିଲେ ଚାଷୀ



ବୋରିଗୁମ୍ମା, ୧୩।୬ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କାମତା ଗ୍ରାମସ୍ଥିତ ଧାନମଣ୍ଡିରେ ଗତ ୨୬ ତାରିଖ ଠାରୁ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି ଧାନ ବି କଟା ସରି ମଣ୍ଡିକୁ ଆସିଛି, ହେଲେ ସପ୍ତାହ ସପ୍ତାହ ଧରି ମଣ୍ଡିରେ ପଡ଼ିରହିଲେବି ବିକ୍ରି କରିପାରୁନାହାନ୍ତି ଚାଷୀ । ମିଲର, ପ୍ରଶାସନ ଓ ଲ୍ୟାମ୍ପ୍ସ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଆଜି ଖୋଲା ଆକାଶ ତଳେ, ଖରା-ତରାରେ ପଡ଼ିରହିଛି ଚାଷୀର ସୁନା ଫସଲ । ଶେଷରେ ବର୍ଷା ଭୟରେ ବାଧ୍ୟ ହୋଇ ଚାଷୀ ଦଲାଲଙ୍କ ହାତରେ କମ୍ ଦରରେ ଧାନ ଟେକିଦେଉଛି ।

ଜିଲ୍ଲାରେ ଧାନ କିଣା ଆରମ୍ଭରୁ ମିଲରମାନେ ଧାନ ନ ଉଠାଇବାକୁ ଜିଦ ଧରିଥିଲେ। ଚାଷୀଙ୍କ ଅର୍ଥନୈତିକ ଅବରୋଧ ପରେ ଏବେ ପୋଡ଼ଶୀ ଜିଲ୍ଲାର ମିଲର ଧାନ ନେଉଛି। କିନ୍ତୁ ଏହାଭିତରେ ଅନେକ ସମସ୍ୟା ଏବେବି ରହିଛି। ଅମଳକୁ ମାସକରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଏଯାବତ ସମସ୍ତ ଚାଷୀଙ୍କୁ ଟୋକନ ମିଳିନାହିଁ। ସେହିପରି ଟୋକନ ପାଇଥିବା ଚାଷୀର ମିଲକୁ ଧାନ ନେଇଗଲାବେଳକୁ ମିଲର ୫ରୁ ୮ କେଜି କାଟି ଦେଉଛି।

କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ପଡ଼ାପଦର, କାମତା, ହେଉ କି ରଣସପୁର ସବୁଠି ମଣ୍ଡି ଗୁଡ଼ିକରେ ଗଦା ହୋଇଛି ଲକ୍ଷ ଲକ୍ଷ କ୍ୱିଣ୍ଟାଲ ଧାନ । ଅଭିଯୋଗ ହେଉଛି ଯେ, ମଣ୍ଡିକୁ ଗାଡ଼ି ପଠାଉ ନାହାନ୍ତି ମିଲର୍। ବଡ଼ବଡ଼ ମଣ୍ଡିକୁ ଦିନକୁ ଗୋଟିଏ କିମ୍ବା ୨ଟି ଗାଡ଼ି ମିଲରୁ ଆସୁଛି । ଛୋଟଛୋଟ ମଣ୍ଡିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଫଳରେ ଟୋକନ୍ ଅବଧି ସରିଯାଉଥିଲେ ବି ଉଠୁନି ଧାନ । କାମତା ଓ ପୋଡାପଦର ଅଞ୍ଚଳର ଅଧିକାଂଶ ମଣ୍ଡିରେ ସ୍ଥାୟୀ ଛାଉଣି ନାହିଁ। ଏବେ ମୌସୁମୀ ଓଡ଼ିଶା ଛୁଇଁଲାଣି । ସେଥିରେ ପୁଣି କାଳବୈଶାଖୀ ବର୍ଷା। ଧାନ ଗଜା ହୋଇ ସମ୍ପୂର୍ଣ୍ଣ ନଷ୍ଟ ହେବାର ଭୟ ଚାଷୀଙ୍କୁ ଘାରିଛି |

ପ୍ରଶାସନର ଢିଲାପଣର ସୁଯୋଗ ନେଉଛନ୍ତି ସ୍ଥାନୀୟ ଦଲାଲ୍ ଓ ଅସାଧୁ ବ୍ୟବସାୟୀ । ଚାଷୀ ବି ଧାନ ନଷ୍ଟ ହେବା ଭୟରେ ବାଧ୍ୟ ହୋଇ ଏମ୍‌ଏସ୍‌ପି ଠାରୁ ବହୁତ କମ୍ ଦରରେ ଦଲାଲଙ୍କୁ ଧାନ ଟେକିଦେଉଛି । ସରକାରଙ୍କ ଠିକ୍ ସମୟରେ ଧାନ କିଣିବା ଦାବି ଏବଂ ସବୁ ନିୟମ ସତେ ଯେମିତି ଫେଲ୍ ମାରିଛି ବୋରିଗୁମ୍ମା ବ୍ଲକ ଅଧିନସ୍ତ କାମତା ଲ୍ୟାମ୍ପ୍ସରେ ।

## ବଜ୍ରାଘାତରେ ନାବାଳିକା ଗୁରୁତର

ଫୁଲବାଣୀ, ୧୩।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଶୁକ୍ରବାର କାଳ ବୈଶାଖୀ ତାଣ୍ଡବ ରଚିଥିବା ବେଳେ ଏହି କାଳ ବୈଶାଖୀର ପ୍ରଭାବରେ ହୋଇଥିବା ବଜ୍ରାଘାତରେ ଜଣେ ନାବାଳିକା ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଘଟଣାଟି ଫିରିଙ୍ଗିଆ ଥାନା ପବିଙ୍ଗିଆ ପଂଚାୟତ ଅଧୀନରେ ଥିବା ଦଣୀ ଗାଁ ରେ ହୋଇଥିବା ବେଳେ ନାବାଳିକା ଜଣକ ଏହି ଫିରିଙ୍ଗିଆ ଥାନା ଅଧୀନରେ ଥିବା କେଳାପଡା ପଂଚାୟତ ଅଧୀନରେ ଥିବା କୁଇଲାରୀ ଗାଁର ବାଲେଶ୍ୱର ମଲିକଙ୍କ ଝିଅ ମାମୁନି ମଲିକ ୧୨ ବର୍ଷ ବୋଲି ଜଣାପଡିଛି। ନାବାଳିକା ଜଣକ ତାଙ୍କ ପରିବାର ଲୋକଙ୍କ ସହ ଦଣୀ ଗାଁକୁ ଏକ ଏକୋଇଶିଆ ଭୋଜି ଖାଇବାକୁ ଯାଇଥିବା ସମୟରେ ହଠାତ କାଳ ବୈଶାଖି ପ୍ରଭାବରେ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ହୋଇଥିଲା । ଫଳରେ ବିଜୁଳି ଆଘାତରେ ନାବାଳିକା ଜଣକ ଚେତା ଶୂନ୍ୟ ହୋଇ ପଡିଯାଇଥିଲେ। ପରିବାର ଲୋକ ତାଙ୍କୁ ପ୍ରଥମେ ଫିରିଙ୍ଗିଆ ଓ ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

## ନ୍ୟାୟ ପାଇଁ ଏସ୍‌ପି ଓ ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ମହିଳା



ଢେଙ୍କାନାଳ, ୧୩।୬ (ସଂଚାର ବ୍ୟୁରୋ): ସଦର ଥାନା ଅନ୍ତର୍ଗତ ସୋଗରପଶି ଗ୍ରାମର ରୁନୁ ନାଏକଙ୍କ ସାମୀ ବିଜୟ ନାଏକ ସେହି ଗ୍ରାମର ବଳରାମ ନାଏକଙ୍କ ଝିଅ ଶ୍ରାବଣୀ ନାଏକଙ୍କୁ ଗତ ୨୯ ତାରିଖରେ ବିବାହ କରିବା ନିମନ୍ତେ ନେଇ କେଉଁଆଡେ ପଳାଇ ଯାଇଛନ୍ତି । ଯାହା ଫଳରେ ଶ୍ରାବଣୀର ବାପା ବଳରାମ ନାଏକ, ମାଆ ସୁଷମା ନାଏକ ଓ ପୁଅଝିଅ ଏବଂ ବଡଭଉଣୀ କୌଶଲ୍ୟା ନାଏକ ମିଶି ରୁନୁ ନାଏକଙ୍କ ଘରଦ୍ୱାର ଭାଙ୍ଗି ଜୀବନରେ ମାରିଦେବାକୁ ଘର ଭିତରେ ପଶିଥିଲେ। ରୁନୁ ୧୧୨କୁ ଫୋନ୍ କରି ଡାକିବାରୁ ବାଡ ଭାଙ୍ଗି ଦୌଡି ପଳାଇଯାଇଥିଲେ। ଏହି ଘଟଣାର ଏକ ଲିଖିତ ଅଭିଯୋଗ ଗତ ୩୦ ତାରିଖରେ ସଦର ଥାନାରେ ଦେଇଥିଲେ। ସଦର ଥାନା ନ ବୁଝିବାରୁ ଢେଙ୍କାନାଳ ଏସ୍‌ପିଙ୍କୁ ମଧ୍ୟ ଏକ ଲିଖିତ ଅଭିଯୋଗ ଦେଇ ଗୁହାରି ଜଣାଇଥିଲେ। ପରେ ଗତ ୦୧ ରିଖରେ ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଥିଲେ ମଧ୍ୟ ଆଜି ସୁଦ୍ଧା କୌଣସି ଏ ବିଷୟରେ ପଦକ୍ଷେପ ନିଆଯାଇ ନାହିଁ। ରୁନୁ ଜଣେ ନିରୀହ ଓ ତାଙ୍କର ପିତାମାତା ଓ ଭାଇଭଉଣୀ କେହି ନହାଁନ୍ତି। ସାମୀ ନଥିବାରୁ ଘରେ ଛୋଟ ପିଲାକୁ ଧରି ଭୟ ବାତାବରଣରେ ରହୁଛନ୍ତି । ନ୍ୟାୟ ପାଇବା ପାଇଁ ଜିଲ୍ଲା ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି ।

## ବେଆଇନ ବାଲି ଗାଡ଼ି ଜବତ




ରାଇଘର, ୧୩।୬ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଚୋରା ବାଲି ବେପାରୀଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଥିବା ବେଳେ ଏହା ଉପରେ ଶକ୍ତ ପ୍ରହାର କରିଛନ୍ତି ରାଇଘର ତହସିଲଦାର। ବେଆଇନ ବାଲି ଉତ୍ତୋଳନ ଓ ଚୋରାଚାଲାଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପଡୋଶୀ ରାଜ୍ୟ ଛତିଶଗଡ଼ରୁ ବହୁ ମାତ୍ରାରେ ବାଲି ଆସୁଥିବା ବେଳେ ସୂଚନା ଅନୁସାରେ ରାଇଘର ତହସିଲଦାର ମନମୋହନ ସାହୁ ଶନିବାର ଅପରାହ୍ନ ୪ଟା ରେ ସମୟରେ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ବାଲି ବୋଝେଇ ଦୁଇଟି ହାଇୱା ଗାଡି ସିଜି ୨୭ ଏନ୍ ୪୪୩୫ ଓ ସିଜି ୦୪ ବିପି ୪୪୩୫ ନମ୍ବର ବିଶିଷ୍ଟ ହାଇୱା ଦୁଇଟି ବେଆଇନ ଭାବେ ବାଲି ଚାଲାଣ କରୁଥିବା ବେଳେ ଜବତ କରିଥିବା ଜଣାପଡିଛି। ଦୁଇଟା ହାଇୱା ଗାଡ଼ିକୁ ତିନି ଲକ୍ଷର ଫାଇନ ଲାଗିଥିବା ବେଳେ ହାଇୱା ଗାଡ଼ି ଦୁଇଟି ରାଇଘର ଥାନାରେ ଅଟକ ରହିଛି। ବାଲି ମାଫିଆ ମାନେ ଦିନ ରାତି ଛତିଶଗଡ ରୁ ଆଣି ଗଚ୍ଛିତ ଭାବରେ ରଖି ତାହାକୁ ଗରିବ ଖଟିଖିଆ ଲୋକ କୁ ଚଢା ଦରରେ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି। କେତେକ ସରକାରୀ କର୍ମଚାରୀ ମାନେ ମଧ୍ୟ ଏହି ବ୍ୟବସାୟରେ ଜଡିତ ଥିବା ସାଧାରଣ ରେ ଚର୍ଚ୍ଚା ଜୋର ଧରିଥିବା ଦେଖିବାକୁ ମିଳିଛି।

## ଟ୍ରେନ ଲାଇନ୍‌ରେ କଟି ଯୁବତୀ ମୃତ

ବାରିପଦା, ୧୩।୬ (ସଂଚାର ବ୍ୟୁରୋ): ଟାଟା ବାଦାମ ପାହାଡ଼ ରେଳପଥ ସାନପାଖଣାଠାରେ ଟ୍ରେନ ଲାଇନରେ କଟି ଯୁବତୀଙ୍କ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଆଜି ଅପରାହ୍ନ ୨.୨୦ଟା ସମୟରେ ଟାଟା ବାଦାମପାହାଡ ରେଳପଥର ରେଳପଥର ବିଦ୍ୟୁତ ଖୁଣ୍ଟ ମରାମତି ପାଇଁ ଇଲେକ୍ଟ୍ରିକ୍ ଟାୱାର କାର୍ ଅଁଳାଯୋଡିରୁ ରାଇରଙ୍ଗପୁର ଆସୁଥିବା ସମୟରେ ସାନପାଖଣାସ୍ଥ ଲେଭଲ କ୍ରସିଂ ୪୬ ନମ୍ବର ଗେଟ୍ ପାଖରୁ ୧୦୦ ମିଟର ଦୂରରେ ଏକ ଯୁବତୀ ସହ ଧକ୍କା ଫଳରେ ଘଟଣାସ୍ଥଳରେ ଯୁବତୀଙ୍କ ମୃତ୍ୟୁ ହୋଇଛି। ଯୁବତୀଙ୍କ ଖଣ୍ଡ ବିଖଣ୍ଡିତ ଶରୀର ଏଠି ସେଠି ପଡ଼ିଛି। ଯୁବତୀ ଜଣକ ବିହାର ରାଜ୍ୟର ସମସ୍ତିପୁର ଥାନା ଅନ୍ତର୍ଗତ ମନିପୁର ଗ୍ରାମର ନେହା କୁମାରୀ (୨୫)। ମୃତକ ପରିବାର ଲୋକେ ରାଇରଙ୍ଗପୁର ଆସି ଆଖପାଖ ଅଞ୍ଚଳରେ ଏଠି ଜଡ଼ିବୁଟି ବିକି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ରେଲୱ୍ୱ ପୁଲିସ ଶବ ଜବତ କରି ବ୍ୟବଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି ।

# ଦୁଇ ବର୍ଷରେ ବି ବଦଳିଲାନି ଅସ୍ତରଙ୍ଗର ଭାଗ୍ୟ

### ସାଂସଦଙ୍କ ପ୍ରତିନିଧି ଅଛନ୍ତି, ହେଲେ ଡାକ୍ତର-କର୍ମଚାରୀ ନାହାନ୍ତି




କାକଟପୁର/ଅସ୍ତରଙ୍ଗ, ୧୩।୬ (ସଂଚାର ବ୍ୟୁରୋ): ସରକାରକୁ ଦୁଇ ବର୍ଷ ପୂରିଗଲା, କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ବିକାଶ କୁଆଡେ ଗଲା ବୋଲି ଲୋକେ ପଚାରୁଛନ୍ତି। ଜଗତସିଂହପୁର ସାଂସଦଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗ ଓ କଲେଜରେ ମାଳ ମାଳ ପ୍ରତିନିଧି ନିଯୁକ୍ତ କରିଛନ୍ତି। ହେଲେ ସାଧାରଣ ଲୋକଙ୍କୁ ଆଖିଦୃଶିଆ କାର୍ଯ୍ୟ ଦେଖାଯାଉନାହିଁ। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ବ୍ଲକର ଅନ୍ୟ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ପେସାଲିଷ୍ଟ ଡାକ୍ତର ଓ କର୍ମଚାରୀଙ୍କ ଘୋର ଅଭାବ। ଦୁଇ ବର୍ଷ ହେଲା ସମସ୍ୟା ସୁଧୁରିଲାନି। ରୋଗୀ ସେବା ପାଇଁ ବାରମ୍ବାର ହଇରାଣ ହେଉଛନ୍ତି। ଜରୁରୀକାଳୀନ ସେବା ଠପ୍। ଗର୍ଭବତୀ ମହିଳାଙ୍କୁ ପ୍ରସବ ପାଇଁ ୪୦ କିମି ଦୂର ଯିବାକୁ ପଡୁଛି।

ଅନ୍ୟପଟେ ଶିକ୍ଷା କ୍ଷେତ୍ରରେ ବି ସମାନ ଦୃଶ୍ୟ। ଅଧ୍ୟାପକ ପଦବୀ ଖାଲି ପଡିଛି, ହେଲେ କଲେଜରେ ସାଂସଦଙ୍କ ପ୍ରତିନିଧି ବସିଛନ୍ତି। ସ୍ଥାନୀୟ ଯୁବକ କହିଛନ୍ତି, "ପ୍ରତିନିଧି କ'ଣ ପାଠ ପଢାଇବେ? ଆମକୁ ଡାକ୍ତର ଦରକାର, ଅଧ୍ୟାପକ ଦରକାର। ପ୍ରତିନିଧି ନୁହେଁ।"

ଲୋକେ ଉତ୍ତର ମାଗୁଛନ୍ତି - ଦୁଇ ବର୍ଷରେ ଅସ୍ତରଙ୍ଗରେ କେତୋଟି ଡାକ୍ତର ପଦବୀ ପୂରଣ ହେଲା? କେତେ ନୂଆ ପ୍ରକଳ୍ପ ଆସିଲା? କେବଳ ପ୍ରତିନିଧି ନିଯୁକ୍ତିକୁ କ'ଣ ବିକାଶ କୁହାଯିବ? ପ୍ରଶାସନ ଓ ସାଂସଦ ଏହାର ଜବାବ ଦେବେ କି?

## ନୀତେଶ ସମ୍ପାଦକ ଓ ଆଲୋକ କୋଷାଧ୍ୟକ୍ଷ ମନୋନୀତ



ହିଞ୍ଜିଳିକାଟୁ, ୧୩।୬ (ସଂଚାର ବ୍ୟୁରୋ): ତୃଣମୂଳ ସ୍ତରରେ ଅଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଭାରତୀୟ ଜନତା ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଆସିକା-ଘୁମୁସର ଜିଲ୍ଲା ସଭାପତି ବିଜୟ ସ୍ୱାଇଙ୍କ ଦ୍ୱାରା ନୂତନ ପଦାଧିକାରୀମାନଙ୍କ ନାମ ଘୋଷଣା କରାଯାଇଛି। ଏହି କ୍ରମରେ ଘୁମୁସର (ଆସ୍କା) ଜିଲ୍ଲା ସମ୍ପାଦକ ଭାବେ ନୀତେଶ ପଣ୍ଡା ଓ ଜିଲ୍ଲା କୋଷାଧକ୍ଷ ଭାବେ ଆଲୋକ କୁମାର ନାୟକଙ୍କୁ ମନୋନୀତ କରାଯାଇଛି | ଦୁଇ ଜଣକ କାର୍ଯ୍ୟଦକ୍ଷତା, ସଂଗଠନ ପ୍ରତି ନିଷ୍ଠା ଓ ନେତୃତ୍ୱ କ୍ଷମତାକୁ ମନେରଖି ଦଳୀୟ ନେତୃତ୍ୱ ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ କରିଛନ୍ତି।

● ଘର ଉପରେ ଗଛ ପଡ଼ିବାକୁ ନେଇ ମାଡ଼ପିଟ ଘଟଣା

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଆହତ ସୁବାସିନୀଙ୍କ ପରିବାର

ନୀଳଗିରି, ୧୩।୬ (ସଂଚାର ବ୍ୟୁରୋ): ଗତ ୧୦ ତାରିଖ ଅପରାହ୍ନ ୫ଟା ସମୟରେନୀଳ ଗିରିରେ ହଠାତ୍ ପ୍ରବଳ ବେଗରେ ପବନ ସହ ବର୍ଷା ହୋଇଥିଲା। ଫଳରେ ପ୍ରତାପଡ଼ା ଗ୍ରାମର ମଙ୍ଗ ଓରଫ ମନୋରଞ୍ଜନମହାନ୍ତିଙ୍କ ନିଦ୍ରାବତି ଗଛଟି ଶ୍ରୀଧର ରାଉତଙ୍କ ଛାତ ଉପରେ ଉପାଡି ପଡ଼ିଥିଲା। ଏହାକୁ ନେଇ ମଙ୍ଗୁ ଓ ଶ୍ରୀଧରଙ୍କ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ହୋଇ ମାର ପିଟିହୋଇ ଥିଲା। ଏହା ଦେଖି ଶ୍ରୀଧର ରାଉତଙ୍କ ସ୍ତ୍ରୀ ସୁବାସିନୀ ଛଡାଉ ଥିବା ବେଳେ ଅଭିଯୁକ୍ତ ମଙ୍ଗୁ ଓରଫ ମନୋରଞ୍ଜନ ମହାନ୍ତି,ତାଙ୍କ ପୁତ୍ର ବାପୁଜି ମାଡ଼ମାରିବାରୁ ଡ଼ାହାଣ ହାତ ଆଙ୍ଗୁଳି ଓ ପିଠିରେ ଗଭୀର କ୍ଷତହୋଇ ଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ନୀଳଗିରି ଥାନାରେ ପକ୍ଷରୁ ୨୬୨/୨୬୩ରେ ୨ଟି ମାମଲା ରୁଜୁ ହୋଇଥିଲା। ପୁଲିସ ମଙ୍ଗୁ ଓରଫ ମନୋରଞ୍ଜନ ମହାନ୍ତି ଅଭିଯୋଗ ଅନୁସାରେ ସୁବା ଶିନିଙ୍କ ୨ପୁତ୍ର ରତିକାନ୍ତ, ଲକ୍ଷ୍ମୀକାନ୍ତ ଓ ସୁବାସିନୀଙ୍କ ପୁତୁରା ଦିବ୍ୟଜ୍ୟୋତି ୩ ଅଭିଯୁକ୍ତଙ୍କୁ ୧୧ତାରିଖ ଦିନ କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷରେ ଶ୍ରୀଧରଙ୍କ ସ୍ତ୍ରୀ ସୁବାସିନୀଙ୍କୁ ମନୋରଞ୍ଜନ ଅଶ୍ଳୀଳଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରି ଫଟାଇ ଦେଇଥିଲେ ସୁଦ୍ଧା ପୁଲିସ ଏକ ତରଫା ଭାବେ କାର୍ଯ୍ୟନୁଷ୍ଠାନ ନେଇଥିବାକୁ ବିରୋଧ କରିବା ସହିତ ମିଛରେ ଅଭିନୟ କରୁଥିବା ମନୋରଞ୍ଜନ ମହାନ୍ତି ଓ ତାଙ୍କ ପୁତ୍ର ସିଦ୍ଧାର୍ଥ ଶଙ୍କର ମହାନ୍ତି ଗାଁରେ ବାଇକ ଯୋଗେ ବୁଲୁଥିବା ବେଳେ ରେମୁଣା ମେଡ଼ିକାଲ କଲେଜରେ ଚିକିତ୍ସା ହେଉଥିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳ କଳ୍ପିତ ବୋଲି ସୁବସିନୀ ଅଭିଯୋଗ କରିଛନ୍ତି। ସୁବାସିନୀଙ୍କ ଏଭଳି ପଦକ୍ଷେପକୁ କଂଗ୍ରେସ, ସିପିଆଇ, ସିପିଏମ ବିରୋଧୀ ଦଳ ବିଜେଡି ସମର୍ଥନ ଜଣାଇ ଧାରଣାରେ ବସିବା କଥା ବାହାରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି ।

### କୋରାପୁଟ ଓ ନବରଙ୍ଗପୁରରେ ବେଆଇନ ଗୋ ଚାଲାଣ ରୋକିବାକୁ କଡ଼ା ପଦକ୍ଷେପ

# ଗୋ-ମାଫିଆଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ




କୋରାପୁଟ, ୧୩।୬ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ସଫଳ ଦୁଇ ବର୍ଷ ପୂର୍ତ୍ତି ଅବସରେ ଆଜି କୋରାପୁଟ ସର୍କିଟ୍ ହାଉସ୍‌ଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଏମଏସଏମଇ ବିଭାଗର ରାଷ୍ଟ୍ର ମନ୍ତ୍ରୀ ମାନ୍ୟବର ଗୋକୁଳାନ୍ଦ ମଲ୍ଲିକ ଗତ ଦୁଇ ବର୍ଷରେ କୋରାପୁଟର ହୋଇଥିବା ବ୍ୟାପକ ବିକାଶର ହିସାବ ଉପସ୍ଥାପନ କରିଥିଲେ। ସଡ଼କ ଯୋଗାଯୋଗରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଜୀବିକା ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରେ କୋରାପୁଟ କେମିତି ନୂଆ ଉଚ୍ଚତା ଛୁଇଁଛି ସେ ସମ୍ପର୍କରେ ସେ ବିସ୍ତୃତ ଆଲୋକପାତ କରିଥିଲେ। ଏହାଛଡ଼ା କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ବେଆଇନ ଗୋ ଚାଲାଣ ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଏହି କାରବାରରେ ସମ୍ପୃକ୍ତ ଗୋ ମାଫିଆ ଓ ରାକେଟ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଗୋକୁଳାନନ୍ଦ ମଲିକ୍ କହିଛନ୍ତି।

ଏହାସହ ରାଜ୍ୟ ସରକାର ଗୋପାଳନ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଚାଷୀଙ୍କୁ ସହାୟତା ଯୋଗାଇ ଆସୁଛନ୍ତି। ବିଶେଷକରି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଜରିଆରେ ଗ୍ରାମାଞ୍ଚଳରେ ଗୋପାଳନକୁ ପ୍ରୋତ୍ସାହନ ଦିଆଯାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୨୪୮ ଜଣ ହିତାଧିକାରୀ ୨.୭୫ କୋଟି ଟଙ୍କାରୁ ଅଧିକ ସହାୟତା ପାଇଥିବା ବେଳେ, ୨୦୨୫-୨୬ ବର୍ଷରେ ୬୭ ଜଣ ହିତାଧିକାରୀ ୫୫.୬୩ ଲକ୍ଷ ଟଙ୍କା ପାଇ ଉପକୃତ ହୋଇଛନ୍ତି। ଓଡ଼ିଶାରେ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ସଫଳତା ସମ୍ପର୍କରେ ମନ୍ତ୍ରୀ ସୂଚନା ଦେଇଥିଲେ।

ସମ୍ମିଳନୀରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ମାଛ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

### ଦୀର୍ଘ ମାସ ଅପେକ୍ଷାର ଅନ୍ତ

## ଉତ୍କଳମଣି ଗୋପବନ୍ଧୁ ନୋଡାଲ ହାଇସ୍କୁଲରେ ସ୍ଥାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଯୋଗଦାନ

ଗୋପ, ୧୩।୬ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାର ଗୋପ ବ୍ଲକ ଶିକ୍ଷା ମଣ୍ଡଳ ଅଧୀନସ୍ଥ ଉତ୍କଳମଣି ଗୋପବନ୍ଧୁ ନୋଡାଲ ହାଇସ୍କୁଲ, ଓଲଣ୍ଡିରେ ଦୀର୍ଘ ଦିନ ଧରି ସ୍ଥାୟୀ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ପଦବୀ ଖାଲି ପଡ଼ିଥିବା ବେଳେ ଅବଶେଷରେ ଏହାର ଅନ୍ତ ଘଟିଛି। ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷୟିତ୍ରୀ ଭାବେ ବୈଶାଳିନୀ ମହାପାତ୍ର ଯୋଗଦାନ କରିଛନ୍ତି। ତାଙ୍କ ଯୋଗଦାନକୁ ନେଇ ଅଭିଭାବକ ଓ ସ୍ଥାନୀୟ ଶିକ୍ଷାପ୍ରେମୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଶ୍ରୀମତୀ ମହାପାତ୍ର ଏହା ପୂର୍ବରୁ ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ଶିକ୍ଷା କ୍ଷେତ୍ରରେ ତାଙ୍କର ଦକ୍ଷତା, କର୍ମନିଷ୍ଠା ଓ ଦାୟିତ୍ୱବୋଧ ପାଇଁ ସେ ପୁରୀ ଜିଲ୍ଲାରେ ଜଣେ ସଫଳ ଓ ପ୍ରଶଂସିତ ଶିକ୍ଷୟିତ୍ରୀ ଭାବେ ପରିଚିତ। ଦୀର୍ଘ ଦିନ ଧରି ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଥିବାରୁ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ, ଯୋଜନାବଦ୍ଧ ବିକାଶ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରଭାବିତ ହେଉଥିଲା। ଶିକ୍ଷୟିତ୍ରୀଙ୍କ ଯୋଗଦାନ ପରେ ବିଦ୍ୟାଳୟରେ ଏକ ନୂଆ ଆଶା ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି।

## ମଦ ଦୋକାନ ସ୍ଥାନାନ୍ତର ଦାବିରେ ଗର୍ଜିଲେ ମହିଳା




ମାଲକାନାଗିରି, ୧୩।୬ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ସାଲବାଗାନ ସ୍ଥିତ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବୀରେ ମହିଳାଙ୍କ ବିକ୍ଷୋଭ । ଏହି ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବା ଦାବୀରେ ସ୍ଥାନୀୟ ମହିଳାମାନେ ଗଣବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମଦ ଦୋକାନ ଯୋଗୁଁ ସ୍ଥାନୀୟ ଅଞ୍ଚଳର ଶାନ୍ତି ଶୃଙ୍ଖଳା ନଷ୍ଟ ହେବା ସହ ମହିଳା ଓ ଯୁବତୀମାନେ ନିଜକୁ ଅସୁରକ୍ଷିତ ମଣୁଥିବା ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁଯାୟୀ, ଗାଁ ମୁଣ୍ଡରେ ମଦ ଦୋକାନ ଖୋଲିବା ଦିନଠାରୁ ସ୍ଥାନୀୟ ଅଞ୍ଚଳରେ ଅସାମାଜିକ ଗତିବିଧି ବୃଦ୍ଧି ପାଇଛି । ମଦ ଦୋକାନଟି ଜନବସତି ନିକଟରେ ଥିବାରୁ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଏଠାରେ ଅସାମାଜିକ ବ୍ୟକ୍ତି ଓ ମଦୁଆଙ୍କ ଆଡ୍ଡା ଜମୁଛି । ଫଳରେ ସ୍ଥାନୀୟ ମହିଳା, ସ୍କୁଲ-କଲେଜ ଯାଉଥିବା ଛାତ୍ରୀମାନେ ଏହି ରାସ୍ତାରେ ଯାତାୟାତ କରିବା ସମୟରେ ଅଶ୍ଳୀଳ ମନ୍ତବ୍ୟ ଓ ନିର୍ଯାତନାର ଶିକାର ହେଉଛନ୍ତି । ଏହି କାରଣରୁ ନିଜ ଘର ପାଖରେ ମଧ୍ୟ ମହିଳାମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ମନେ କରୁଛନ୍ତି। ଏହାସହ ମଦ୍ୟପମାନେ ମଦ ପିଇବା ପରେ ଖାଲି କାଚ ବୋତଲଗୁଡ଼ିକୁ ପାଖରେ ଥିବା ଚାଷ ଜମି ଏବଂ ହିଡ଼ ଉପରକୁ ଫିଙ୍ଗି ଦେଉଛନ୍ତି । ସେଗୁଡ଼ିକ ଭାଙ୍ଗି ଜମିରେ ମିଶିଯାଉଥିବାରୁ ଚାଷ କାର୍ଯ୍ୟ କରିବା ଅସମ୍ଭବ ହୋଇପଡ଼ିଛି । ବୋତଲ କାଚ ବାଜି ଅନେକ ଚାଷୀ ଓ ଗୋରୁଗାଈ ଆହତ ହେଉଛନ୍ତି ଏବଂ ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହେଉଥିବା ସେମାନେ କହିଛନ୍ତି ।

ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଗୁହାରି କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଶନିବାର ମହିଳାମାନେ ବାଧ୍ୟ ହୋଇ ମଦ ଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାପଡ଼ିଛି । ଯଦି ଆଗାମୀ ଦିନରେ ଏହି ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କିମ୍ବା ବନ୍ଦ କରାନଯାଏ, ତେବେ ଆନ୍ଦୋଳନ ଆହୁରି ତୀବ୍ର ରୂପ ନେବ ବୋଲି ମହିଳା ମାନେ ଚେତାବନୀ ଦେଇଛନ୍ତି ।

## ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଯୁବଗୋଷ୍ଠୀଙ୍କ ସହ ଏସ୍‌ପିଙ୍କ ଆଲୋଚନା



ଫୁଲବାଣୀ, ୧୩।୬ (ସଂଚାର ବ୍ୟୁରୋ): ଶୁକ୍ରବାର ନୂତନ ଆରକ୍ଷୀ ଅଧିକ୍ଷକ ରମେନ୍ଦ୍ର ପ୍ରସାଦ ନିଜେ ବାଇକରେ ବୁଲି ସହରରେ ପାଟ୍ରୋଲିଂ କରିଥିଲେ। ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ବୁଲିବା ସହିତ ବିଭିନ୍ନ ବର୍ଗର ଲୋକଙ୍କ ସହିତ ସହରର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଆଲୋଚନା କରିଥିଲେ। ଏ ଅବସରରେ ସ୍ଥାନୀୟ କେନ୍ଦୁପଦର ବିଡିଏସ ଖେଳ ପଡିଆରେ ଚାଲି ଥିବା ପ୍ରଥମ କେନ୍ଦୁପଦର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜକ ଯୁବକ ମାନଙ୍କ ସହିତ ବିଭିନ୍ନ ବିଷୟରେ କଥାବାର୍ତ୍ତା କରିଥିଲେ। କମିଟି ସଭାପତି ଦେବରାଜ ସାହୁ ଓ ଉପସଭାପତି ଶ୍ରୀତମ ବେହେରାଙ୍କ ସହିତ ସ୍ଥାନୀୟ ଅଞ୍ଚଳର ପରିସ୍ଥିତି ନେଇ ବିଶେଷ ଭାବେ ଆଲୋଚନା କରିଥିଲେ ଏସପି। ଉପସ୍ଥିତ ଯୁବକ ମାନେ ଏସପିଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ପ୍ରତିକ୍ରିୟାରେ ଯେ କୌଣସି ସମସ୍ୟା ନେଇ ସୂଚନା ଦେବା ପାଇଁ ପରାମର୍ଶ ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଯୁବଗୋଷ୍ଠୀଙ୍କ ସହଯୋଗ କାମନା କରିଥିଲେ ଏସପି। ଆଲୋଚନା ବେଳେ କମିଟି ସଦସ୍ୟ ଉତ୍ତମ ଦିଗାଲ, ଶ୍ରୀବନ୍ତ ବକ୍ସି, ଅବିନାଶ ଭୋଇ, ବିଶ୍ୱଜିତ ନାୟକ, ଅଭିଷେକ ଦିଗାଲ ପ୍ରମୂଖ ଉପସ୍ଥିତ ଥିଲେ।

**ରକ୍ତର ସମ୍ପର୍କ**

# ପିଙ୍କନଙ୍କ ୧୦୦+ ରକ୍ତଦାନରେ ବଞ୍ଚିଲାଣି ଶହ ଶହ ଜୀବନ

### ବିଶ୍ୱ ରକ୍ତଦାତା ଦିବସରେ ସରପଞ୍ଚ ଓ ବିଜେପି ନେତାଙ୍କ ଶୁଭେଚ୍ଛା

### ମାଣ୍ଡୁକି ପଞ୍ଚାୟତର ଚକ୍ରପଡା ଗାଁରୁ ମାନବିକତାର ଉଦାହରଣ



କାକଟପୁର /ଅସ୍ତରଙ୍ଗ, ୧୩।୬ (ସଂଚାର ବ୍ୟୁରୋ): ଆଜି ବିଶ୍ୱ ରକ୍ତଦାତା ଦିବସ। 'ରକ୍ତ ଦିଅ, ଜୀବନ ବଞ୍ଚାଅ' ବାର୍ତ୍ତା ନେଇ ସାରା ବିଶ୍ୱରେ ପାଳିତ ହେଉଛି ଏହି ଦିବସ। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରୁ ଆସିଛି ମାନବିକତାର ଏକ ଉଜ୍ଜ୍ୱଳ ଉଦାହରଣ। ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମାଣ୍ଡୁକି ପଞ୍ଚାୟତ ଅଧୀନ ଚକ୍ରପଡା(ଚକରପଡା) ଗ୍ରାମର ପିଙ୍କନ ପରିଡା ଦୀର୍ଘ ବର୍ଷ ଧରି ନିରନ୍ତର ରକ୍ତଦାନ କରି ୧୦୦ରୁ ଅଧିକ ଥର ରକ୍ତଦାନର ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି।

କେବଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ନୁହେଁ, ଯେତେବେଳେ ବି କାହାର ଜରୁରୀ ରକ୍ତ ଆବଶ୍ୟକ ହୁଏ, ଗୋଟିଏ ଫୋନ୍ କଲରେ ପିଙ୍କନ ମେଡିକାଲରେ ପହଞ୍ଚି ଯାଆନ୍ତି। ରାତି ହେଉ କି ଦିନ, ବର୍ଷା ହେଉ କି ଖରା, ପିଙ୍କନଙ୍କ ପାଇଁ ମାନବ ସେବା ହିଁ ସବୁଠାରୁ ବଡ। ତାଙ୍କ ଏହି ନିସ୍ୱାର୍ଥ ସେବା ଯୋଗୁଁ ଅସ୍ତରଙ୍ଗ, କାକଟପୁର, ନିମାପଡା, ଏପରିକି ପୁରୀ ଓ କଟକ,ଭୁବନେଶ୍ୱର ମେଡିକାଲରେ ଅନେକ ରୋଗୀଙ୍କ ଜୀବନ ବଞ୍ଚିଛି।

ପିଙ୍କନ ପରିଡା କୁହନ୍ତି, "ରକ୍ତଦାନ ମହତ ଦାନ। ମୋ ଶରୀରରେ ରକ୍ତ ଥିବା ଯାଏଁ ମୁଁ ଦାନ କରିଚାଲିବି। ମୋର ଗୋଟିଏ ୟୁନିଟ୍ ରକ୍ତରେ ଯଦି କାହାର ଜୀବନ ବଞ୍ଚେ, ତା'ଠାରୁ ବଡ ଖୁସି ଆଉ କ'ଣ ହୋଇପାରେ? ସମସ୍ତେ ନିୟମିତ ରକ୍ତଦାନ କରନ୍ତୁ।"ପିଙ୍କନଙ୍କ ଏହି ମହାନ କାର୍ଯ୍ୟ ପାଇଁ ତାଙ୍କୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ସୁଅ ଛୁଟୁଛି।

ବିଶ୍ୱ ରକ୍ତଦାତା ଦିବସ ପୂର୍ବରୁ ମାଣ୍ଡୁକି ପଞ୍ଚାୟତର ସରପଞ୍ଚ ରୋଜିନା ଜେନା ଓ ଅସ୍ତରଙ୍ଗ ମଣ୍ଡଳ ୧ ବିଜେପି ସଭାପତି ଇନ୍ଦ୍ରମଣୀ ଜେନା ପିଙ୍କନଙ୍କୁ ଭେଟି ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି। ସରପଞ୍ଚ ରୋଜିନା ଜେନା କହିଛନ୍ତି, "ପିଙ୍କନ ଭାଇ ଆମ ପଞ୍ଚାୟତ ପାଇଁ ନୁହଁନ୍ତି, ସମଗ୍ର ଅସ୍ତରଙ୍ଗ ବ୍ଲକ ପାଇଁ ଗର୍ବ। ତାଙ୍କ ପରି ଲୋକଙ୍କ ପାଇଁ ସମାଜ ଆଜି ବି ବଞ୍ଚିଛି। ଯୁବପିଢି ତାଙ୍କଠାରୁ ପ୍ରେରଣା ନିଅନ୍ତୁ।"

ବିଜେପି ୧ନମ୍ବର ମଣ୍ଡଳ ସଭାପତି ଇନ୍ଦ୍ରମଣୀ ଜେନା କହିଛନ୍ତି, "୧୦୦ରୁ ଅଧିକ ଥର ରକ୍ତଦାନ ସାମାନ୍ୟ କଥା ନୁହେଁ। ପିଙ୍କନ ପରିଡା ଜଣେ ପ୍ରକୃତ 'ରକ୍ତବୀର'। ସରକାର ତାଙ୍କୁ ରାଜ୍ୟସ୍ତର ଓ ଜିଲ୍ଲାସ୍ତରରେ ସମ୍ମାନିତ କରିବା ଉଚିତ।"ବିଶ୍ୱ ରକ୍ତଦାତା ଦିବସରେ ଆସନ୍ତୁ ସଂକଳ୍ପ ନେବା - "ରକ୍ତ ଦାନ କରିବା, ଜୀବନ ବଞ୍ଚାଇବା"।

● ଗୋତସ୍କର ଓ ନିଶାବେପାରୀଙ୍କ ଘରେ ପୁଲିସର ଚଢ଼ାଉ

## ୩ କାର ସହ ରୁପା, ସୁନା ଓ ଟଙ୍କା ଜବତ



ବାରିପଦା, ୧୩।୬ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାରେ ଗୋ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ପୁଲିସର ଦୃଢ କାର୍ଯ୍ୟାନୁଷ୍ଠାନକୁ ଗୋମାଫିଆଙ୍କ ଫୁ। ଯାହାକୁ ନେଇ ମୟୂରଭଂଜ ପୁଲିସ କଠୋର ହୋଇଛି। ଆଜି ଶନିବାର ଭୋର ସକାଳୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କେନ୍ଦ୍ରାଇ ଗ୍ରାମରେ ଗୋତସ୍କର ଓ ନିଶାବେପାରୀଙ୍କ ଘରେ ଅତର୍କିତ ଭାବେ ମୟୂରଭଂଜ ପୁଲିସ ଚଢ଼ାଉ କରିଛି। କେନ୍ଦ୍ରାଇ ଗ୍ରାମର ସେକ୍ ଟକରା ଏବଂ ସେଟ୍ ତବରେଜ ଘରେ ଅତର୍କିତ ରେଡ୍ କରିଛି ପୁଲିସ ବିଭାଗର ମିଳିତ ଟିମ୍।ତେବେ ଚଢ଼ାଉରେ ସେକ୍ ଟକରାଙ୍କ ଘରୁ ଗୋଟିଏ ଥାର ଗାଡି, ଗୋଟିଏ ଆର୍ଟିକା କାର ,ଗୋଟିଏ ଅଲ୍ଟୋ କାର ଜବତ କରାଯାଇଥିବା ବେଳେ ସେକ୍ ତବରେଜ ଘରୁ ମଧ୍ୟ ଦାସ୍ତାବେଜ ଜବତ କରିଛି ପୁଲିସ । ଏହା ବ୍ୟତୀତ ୪୨୨ଗ୍ରାମ ରୁପା,୨୬ ଗ୍ରାମ ସୁନା ଏବଂ ଚାରି ହଜାରରୁ ଅଧିକେ ଟଙ୍କା ଜବତ କରିଛି। ଏହାକୁ ନେଇ ବାଦାମପାହାଡ଼ ଥାନାରେ ୭୬/୨୬ ଏକ ମାମଲା କରିଛି ପୁଲିସ। ପୁଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ନେଇ ନିଶାବେପାରୀ ଏବଂ ଗୋମାଫିଆଙ୍କ ନିଦ ହଜିଯିବା ସହ କୋକୁଆ ଭୟ ସୃଷ୍ଟି ହୋଇଛି ।

# ରାଜସ୍ୱ ସେବା ଲୋକଙ୍କ ସାଥେ, ଏବେ ସବୁରି ହାତେ

ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ): ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଆଜି ବିଭାଗର ଦୁଇ ବର୍ଷର ସଫଳତା ପୁସ୍ତିକା ଏବଂ ଭିଡିଓର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ପୁସ୍ତିକା ଉନ୍ମୋଚନ କରି ବିଭାଗୀୟ ମନ୍ତ୍ରୀ



## ଲୋକ ସେବାକୁ ସହଜ ଓ ସୁନିଶ୍ଚିତ କରିବାକୁ ଗୁରୁତ୍ୱ

ତହସିଲରୁ ନେଇ ରାଜ୍ୟ ପର୍ଯ୍ୟନ୍ତ ବିଭାଗର ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠା ତଥା ନିରବଚ୍ଛିନ୍ନ ପ୍ରୟାସକୁ ସାଧୁବାଦ ଜଣାଇବା ସହ ବିଗତ ଦୁଇ ବର୍ଷର ସଫଳତା ଓ ଉପଲବ୍ଧିକୁ ପାଥେୟ କରି ଆଗାମୀ ଦିନରେ ରାଜସ୍ୱ ବିଭାଗ ଲୋକଙ୍କ ଦ୍ୱାରରେ ଶୀର୍ଷ ସୋପାନରେ ପହଞ୍ଚିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ଶୀର୍ଷକ ରହିଛି ବିକାଶର ଧାରା, ଓଡ଼ିଶା ସାରା। ଏହି ପରିପ୍ରେକ୍ଷୀରେ ଉନ୍ମୋଚିତ ସଫଳତା ପୁସ୍ତିକାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ସଂସ୍କାରମୂଳକ ପଦକ୍ଷେପ, ଲୋକାଭିମୁଖୀ ଯୋଜନା ଓ ସେବାଗୁଡ଼ିକର ସଫଳ କାର୍ଯ୍ୟକାରିତା ତଥା ଆଗାମୀ ଦିନରେ ବିଭାଗର ନୂତନ କାର୍ଯ୍ୟପନ୍ଥା ସଂକଳିତ ହୋଇଛି। କଲମ୍ ୨ ବା ପ୍ରଜା ଖାତା ୨ ଖାନା ସଂଶୋଧନ, ଓଆରସିପିଏସ୍ ଅଧୀନରେ ୨.୫ କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ସେବା ପ୍ରଦାନ, ଜମିର କିସମ ହ୍ରାସ, ଶ୍ରୀଜଗନ୍ନାଥ ମହାପ୍ରଭୁ ଲ୍ୟାଣ୍ଡ ସେଲ୍ ପ୍ରତିଷ୍ଠା, ୧୦୮ ନୂତନ ସବ୍‌ରେଜିଷ୍ଟ୍ରାର୍ କାର୍ଯ୍ୟାଳୟ, ଜମିଜମା ମାମଲାର ସରଳ ଓ ଶୀଘ୍ର ସମାଧାନ, ଜନଗଣନା, ବିଭିନ୍ନ ବିପର୍ଯ୍ୟୟଜନିତ କ୍ଷତିପୂରଣ ପ୍ରଦାନ, ବାତ୍ୟା ଦାନା ଓ ମନ୍ଥାରେ ଜିରୋ କାଜୁଆଲିଟି ସହ ସଫଳ ପରିଚାଳନା ପରି ଉଲ୍ଲେଖନୀୟ ସଫଳତା ରାଜସ୍ୱ ବିଭାଗକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇଛି। ସେହିପରି ଆଗାମୀ ଦିନରେ ଆମ ଗାଁରେ ଆମ ତହସିଲ୍ କାର୍ଯ୍ୟକ୍ରମ, ବିପର୍ଯ୍ୟୟ ପରିଚାଳନାକୁ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ବିପର୍ଯ୍ୟୟ ପ୍ରତିରୋଧୀ ପ୍ରତିଷ୍ଠାନ ସ୍ଥାପନା, ନୂତନ ପୁନର୍ବାସ ଓ ଥଇଥାନ ଆଇନ ଆଦି ଅନେକ ପଦକ୍ଷେପମାନ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଲୋକସେବାକୁ ସହଜଲବ୍ଧ ଓ ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ବିଭାଗର ନିରବଚ୍ଛିନ୍ନ ଉଦ୍ୟମ ଅବ୍ୟାହତ ରହିବ ବୋଲି ରାଜସ୍ୱ ମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେହିପରି ବ୍ରିଟିଶ୍ ଅମଳରୁ ପ୍ରଚଳିତ ଓଡ଼ିଆ ସ୍ଥାନନାମଗୁଡ଼ିକର ଇଂରାଜୀ ଉଚ୍ଚାରଣ ଅନୁଯାୟୀ ଭୁଲ୍ ବନାନମାନଙ୍କର ସଂଶୋଧନ ରାଜସ୍ୱ ବିଭାଗର ଅନ୍ୟତମ ସଫଳତା ବୋଲି ସେ କହିଛନ୍ତି। ରାଜ୍ୟ କ୍ୟାବିନେଟ୍ ବୈଠକରେ ରାଜ୍ୟର ୬୪ଟି ସ୍ଥାନର ଓଡ଼ିଆ ନାମର ବନାନ ସଂଶୋଧନ ଅନୁମୋଦିତ ହୋଇଛି। ସେହିପରି ଚଳିତ ବର୍ଷ ଏଲ୍-ନିନୋ ପ୍ରଭାବକୁ ପ୍ରତିହତ କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

● ଜଷ୍ଟିସ ନାଇଡୁ କମିଶନ ରିପୋର୍ଟ ହଜିବା ଘଟଣା

# କମିଶନ ରିପୋର୍ଟ ହଜିବା କଥା ମିଛ

■ ସିବିଆଇ ତଦନ୍ତ ଦାବି କଲା ଭିଏଚପି

ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାରେ ଜଷ୍ଟିସ ଏଏସ୍ ନାଇଡୁ ତଦନ୍ତ କମିସନ ତତ୍କାଳୀନ ରାଜ୍ୟ ସରକାରଙ୍କୁ ରିପୋର୍ଟ



ପ୍ରଦାନ କରିଥିଲେ। କମିସନ ରିପୋର୍ଟଟି ଏବେ ମିଳୁନାହିଁ ତେଣୁ ତଦନ୍ତ କମିସନ ରିପୋର୍ଟ ହଜିବା ଦାବି କରିଛି ବିଶ୍ୱ ହିନ୍ଦୁ ପରିଷଦ। ପରିଷଦର ପୂର୍ବ ଶାଖା ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ମହେଶ କୁମାର ସାହୁ କହିଛନ୍ତି ଯେ ସ୍ୱାମୀଜୀଙ୍କ ହତ୍ୟା ଏକ ସାଧାରଣ ଘଟଣା ନୁହେଁ। ତଦନ୍ତ କମିସନ ରିପୋର୍ଟ ପ୍ରଦାନ ପରଠାରୁ ଏହାକୁ ସାର୍ବଜନୀନ କରିବା ଲାଗି ପରିଷଦ ପକ୍ଷରୁ ଦାବି ହୋଇଆସୁଛି। ମାତ୍ର ତତ୍କାଳୀନ ସରକାର ଏହାକୁ ସାର୍ବଜନୀନ କଲେନାହିଁ। ବର୍ତ୍ତମାନ ସରକାର ବଦଳିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ବିଭିନ୍ନ ଦାବି ଭିତରେ ନାଇଡୁ କମିସନଙ୍କ ରିପୋର୍ଟକୁ ସାର୍ବଜନୀନ ଲାଗି ମଧ୍ୟ ଦାବି ରହିଥିଲା। ଯଦିଓ ଏହା ଭିତରେ ୨ ବର୍ଷ ବିତିଗଲାଣି, ତଥାପି ରାଜ୍ୟ ସରକାର ବିଳମ୍ବରେ ହେଲେ ମଧ୍ୟ ଏହି ରିପୋର୍ଟକୁ ଖୋଜିବା ଆରମ୍ଭ କରିଥିଲେ। ମାତ୍ର ରିପୋର୍ଟଟି ହଜିଯିବା ଆହୁରି ଆଶ୍ଚର୍ଯ୍ୟ କରିଛି।

ରିପୋର୍ଟ ହଜିବା ଘଟଣାରେ ରାଜ୍ୟ ସରକାର ଏଯାଏଁଆଉ ଦେଉଛନ୍ତି। ସରକାର ଏବିଷୟରେ ଚୁପ୍ ନ ବସି ସିବିଆଇ ତଦନ୍ତ ପାଇଁ ଚିଠି ଲେଖନ୍ତୁ। ଦୈନନ୍ଦିନ ଏହା ଉପରେ ଯେଉଁ ତଥ୍ୟ ସାମନାକୁ ଆସୁଛି, ତାହାକୁ ତଦାରଖ କରନ୍ତୁ। ସେ ଆହୁରି ମଧ୍ୟ କହିଥିଲେ ଯେ ପୂର୍ବ ବିଜେଡି ସରକାର ସମୟରେ ଭୁବନେଶ୍ୱରରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ନାମରେ ନାମିତ ରାସ୍ତାର ନାମ ବଦଳାଯାଇଥିଲା। ବର୍ତ୍ତମାନର ସରକାର ଏହି ତ୍ରୁଟିର ସଂଶୋଧନ କରନ୍ତୁ ଓ ରାସ୍ତାର ପୂର୍ବ ନାଁରେ ଏହାକୁ ନାମିତ କରନ୍ତୁ। ସେହିପରି ପୂର୍ବ ପ୍ରାନ୍ତ ସଭାପତି ପ୍ରଫେସର ପ୍ରଫୁଲ୍ଲ ମିଶ୍ର କହିଲେ ଯେ କମିସନ ରିପୋର୍ଟ ଦାଖଲ ସମୟରେ ଚାରି କପି ଗୋଟିଏ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଅନ୍ୟଟି ଗୃହ ବିଭାଗରେ ରହିଥାଏ। ଏ ଦୃଷ୍ଟିରୁ ତଦନ୍ତ କମିସନ ରିପୋର୍ଟ ହଜିବା କଥା ମିଛ। ଗୃହ ବିଭାଗକୁ ଯାଇଥିବା କପିଟି କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଏହା ଉପରେ

## ଚାମେଲିଙ୍କ ଜୀବନ ପ୍ରତି ବଡ଼ ବିପଦ ଆଶଙ୍କା: ଭକ୍ତ

## ଅସୁସ୍ଥତା ସତ୍ତ୍ୱେ ଜେଲ ପଠାଇବା ଦୁର୍ଭାଗ୍ୟଜନକ

କେନ୍ଦ୍ରାପଡ଼ା,୧୩।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଡିହିରୀ ପଞ୍ଚାୟତର ବହୁଚର୍ଚ୍ଚିତ ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ପୁଲିସ ପ୍ରଶାସନର ଦୋଷାରୋପ କାର୍ଯ୍ୟାନୁଷ୍ଠାନ ତଥା ଶାରୀରିକ ନିର୍ଯାତନାରେ ପୀଡ଼ିତ ହୋଇ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ଓ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ପହଞ୍ଚିଥିଲେ। ସରପଞ୍ଚ ଚାମେଲିଙ୍କୁ ସାକ୍ଷାତ କରିବା ପରେ ଗଣମାଧ୍ୟମକୁ ପିସିସି ସଭାପତି କହିଛନ୍ତି ଯେ ଆମେ ଏଠାକୁ ଭେଟିବାକୁ ଆସିଥିଲୁ, ଚାମେଲି ଅସୁସ୍ଥ ଅଛନ୍ତି କିନ୍ତୁ ତାଙ୍କଠାରେ ସାଲାଇନ ଲାଗିଥିବା ସତ୍ତ୍ୱେ ତାହା କାଢ଼ି ତରବରିଆ ଭାବେ ପୁଣି ଜେଲକୁ ପଠାଇଦିଆଗଲା। ତାଙ୍କ ଦେହରେ ରକ୍ତଛିଟ ପଡ଼ିଥିବା ମଧ୍ୟ ଦେଖିଲୁ। ଏପରି ସ୍ଥିତିରେ ଆମେ ସନ୍ଦେହ କରୁଛୁ, ଏଥିରେ କିଛି ଷଡ଼ଯନ୍ତ୍ର ଅଛି। ନଚେତ୍ ଏକ ସାଧାରଣ କେସରେ ଜାମିନବିହୀନ ଧାରା କେମିତି ଲଗାଗଲା? କ'ଣ ସେ କାହାକୁ ଜୀବନରେ ମାରିବାକୁ ଧମକ ଦେଇଥିଲେ କି? ଅଦ୍ୟାବଧି ଯେତିକି ବି ଭିଡିଓ ସାମ୍ନାକୁ ଆସିଛି, ସେଥିରେ ସେଭଳି କିଛି ନାହିଁ। ଯଦି ବିଡିଓ ଧୈର୍ଯ୍ୟର ସହ ଶୁଣିପାରିଲେ ନାହିଁ, ତେବେ



ସେ ଚାମେଲିଙ୍କୁ ସମ୍ମାନର ସହ ଫେରାଇ ଦେଇପାରିଥାନ୍ତେ। ନ୍ୟାୟ ନ ମିଳିଲେ କଂଗ୍ରେସ ଆଗାମୀ ଦିନରେ ଏହା ପ୍ରତିବାଦରେ ରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

## ଭିଜିଲାନ୍ସ ହାବୁଡ଼ରେ ଏଏସ୍‌ଆଇ

● ୮ ହଜାର ଲାଞ୍ଚ ନେଉଥିଲେ



ଅନୁଗୋଳ,୧୩।୬(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ଅନୁଗୋଳ ଜରପଡ଼ା ଥାନା ଏଏସ୍‌ଆଇ ସୀତା ନାୟକ। ୮ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏକ ମାମଲାର ଚୂଡ଼ାନ୍ତ ରିପୋର୍ଟ ଦେବା ସକାଶେ ସେ ଜଣେ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ପ୍ରମାଣ ସହ ଗିରଫ କରିଛନ୍ତି। ଅଭିଯୋଗକାରୀ ବିମଳବେଡ଼ାର ଲକ୍ଷ୍ମୀଧର ସାହୁଙ୍କଠାରୁ ସେ ଲାଞ୍ଚ ଟଙ୍କା ନେଉଥିଲେ। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ସହ ଜଡ଼ିତ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଉଛି। ଢେଙ୍କାନାଳ ଭୁବନ ବ୍ଲକ୍ ଅଧୀନସ୍ଥ ଅଁଳାପାଳ ଗାଁରେ ଥିବା ଶାଶୂଘର, ଜରପଡାସ୍ଥିତ ଭଡ଼ାଘର, ଥାନା କାର୍ଯ୍ୟାଳୟରେ ଚଢ଼ାଉ ଚାଲିଛି। ଚଢ଼ାଉରେ ଅନୁଗୋଳ ଭିଜିଲାନ୍ସ ଟିମ୍ ସହ ଢେଙ୍କାନାଳ ଓ କଟକ ଟିମ୍ ସାମିଲ ରହିଛି। ସୀତାଙ୍କୁ ଅନୁଗୋଳସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ଅଣାଯାଇ ଅଧିକ ପଚରାଉଚରା କରାଯାଉଛି। ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ର ଧାରା ୭ ଅନୁଯାୟୀ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

● ବାଏପାସରେ ମର୍ମନ୍ତୁଦ ଦୁର୍ଘଟଣା

## ହାଇୱାକୁ ପିଟିଲା ବିଏମ୍‌ଡବ୍ଲ୍ୟୁ: ୨ ମୃତ



ଭବାନୀପାଟଣା,୧୩।୬(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବାଏପାସ୍ ରାସ୍ତାରେ ଗତକାଲି ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ହାଇୱାକୁ ଦ୍ରୁତ ଗତିରେ ଆସୁଥିବା ବିଏମ୍‌ଡବ୍ଲ୍ୟୁ କାର୍ ଧକ୍କା ଦେବାରୁ ଏଥିରେ ଘଟଣାସ୍ଥଳରେ ହିଁ ୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତିଦ୍ୱୟ ହେଲେ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ର ପିଣ୍ଟୁ ବାଗ ଓ ଧର୍ମଗଡ଼ ଅଞ୍ଚଳର ଗୌତମ ନାଏକ। ଏଥିସହ ଦୁର୍ଘଟଣାରେ ବିଏମ୍‌ଡବ୍ଲ୍ୟୁ କାର୍‌ଟି ସମ୍ପୂର୍ଣ୍ଣ ଚୂର୍ମାର ହୋଇଯାଇଛି। ଅପରପକ୍ଷରେ ଭବାନୀପାଟଣା ସଦର ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ବାଲି ବୋଝେଇ ଟ୍ରକ୍ ଧକ୍କାରେ ଜଣେ ମୃତ



ମୟୂରଭଞ୍ଜ,୧୩।୬(ସଂଚାର ବ୍ୟୁରୋ): ବାଇକ୍‌କୁ ଧକ୍କା ଦେଲା ବାଲି ବୋଝେଇ ଗାଡ଼ି। ମୟୂରଭଞ୍ଜ ବୈଶିଙ୍ଗା ଥାନା ଅଧୀନସ୍ଥ ବାଲକାଠାରେ ଘଟିଛି ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଘଟଣାସ୍ଥଳରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ବାଇକ୍ ଆରୋହୀ ଗୁରୁତର ଭାବେ ଆହତ ହୋଇଛନ୍ତି। ଅପରାହ୍ନ ୫ଟା ସମୟରେ ବୁଢ଼ାବଳଙ୍ଗ ନଦୀରୁ ଏକ ଟ୍ରକ୍ ବାଲି ବୋଝେଇ କରି ଦ୍ରୁତ ଗତିରେ ଆସି ବାଇକ୍‌କୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ବୈଶିଙ୍ଗା ପୁଲିସ ପହଞ୍ଚି ଟ୍ରକ୍‌କୁ ଜବତ କରିଛି। ତେବେ ଟ୍ରକ୍ ଚାଳକ ଫେରାର୍ ହୋଇଯାଇଛି। ଆହତମାନଙ୍କୁ ବୈଶିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି।

## ମାଛ ନେବାକୁ କେନ୍ଦ୍ର କରି ଗାଁ ଦାଣ୍ଡରେ ମାଡ଼, ଯୁବକ ଆହତ

ଖୋର୍ଦ୍ଧା,୧୩।୬(ସଂଚାର ବ୍ୟୁରୋ): ମାଛ ନେବାକୁ କେନ୍ଦ୍ର କରି ଗାଁଦାଣ୍ଡରେ ଯୁବକଙ୍କୁ ମାଡ଼ ଅଭିଯୋଗ। ଖୋର୍ଦ୍ଧା ଗମ୍ଭାରୀମୁଣ୍ଡା ପଞ୍ଚାୟତର ଖଜୁରିଆ ଗାଁରେ ଦେଖିବାକୁ ମିଳିଛି ଏଭଳି ଏକ ଅଭାବନୀୟ ଘଟଣା। ଆହତ ଯୁବକ ବିଭୁତି ପରିଡ଼ାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଗାଁ ପୋଖରୀରୁ ମାଛ ଧରାହୋଇ ବଣ୍ଟା ଚାଲିଥିଲା। ତେବେ ବିଭୁତିଙ୍କ ପାଳି ଆସିବା ବେଳେ ଅନ୍ୟ ଜଣେ ଯୁବକଙ୍କୁ ମାଛ ଦିଆଯାଇଥିଲା। ନମ୍ବର ନ ଥାଇ କ'ଣ ପାଇଁ ତାଙ୍କୁ ମାଛ ଦିଆଗଲା ବୋଲି ବିଭୁତି ପ୍ରଶ୍ନ କରିବାରୁ ଉତ୍କ୍ଷିପ୍ତ ହୋଇ ଯୁବକ ଜଣଙ୍କ ବିଭୁତିଙ୍କୁ ମାଡ଼ ମାରିଚାଲିଥିଲେ। ବିଭୁତିଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ନାଚୁଣୀ ଥାନାରେ ଉଭୟଙ୍କ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି ପୁଲିସ୍।

● ପେନ୍‌ସନ ନ ମିଳିବା ମାମଲା

## ଦୁଇ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୩।୬(ସଂଚାର ବୁ୍ୟରୋ): ଅବସର ଗ୍ରହଣ କରିବାର ଦୀର୍ଘ ୧୪ ବର୍ଷ ବିତିଯାଇଥିଲେ ମଧ୍ୟ ଜଣେ କର୍ମଚାରୀଙ୍କୁ ପେନ୍‌ସନ ଓ ଅନ୍ୟ ଅବସର ସୁବିଧା ନ ମିଳିବା ଘଟଣାରେ ଓଡ଼ିଶା ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ସୁରେନ୍ଦ୍ର କୁମାର ଚୌବେ ନାମକ ଉକ୍ତ ବ୍ୟକ୍ତିଙ୍କ ଦ୍ୱାରା ଦାଏର ହୋଇଥିବା ଏକ ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଦୁଇ ଜଣ ସରକାରୀ ଅଧିକାରୀଙ୍କ ଦରମା ବନ୍ଦ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର



ପରବର୍ତ୍ତୀ ଶୁଣାଣି ସମୟରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ହାଜର କରାଇବାକୁ କଳାହାଣ୍ଡି ଏସପିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆବେଦନକାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ନିର୍ଦ୍ଦେଶକ ଓ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଦରମା ପ୍ରଦାନ କରାଯିବ ନାହିଁ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଉକ୍ତ ଅଧିକାରୀମାନେ ଆବେଦନକାରୀଙ୍କ ପେନସନ ମଞ୍ଜୁର ହୋଇଥିବାର ଠିକ୍ କାଗଜପତ୍ର କୋର୍ଟରେ ଦାଖଲ କରିବେ, ତେବେ ଯାଇ ସେମାନେ ଦରମା ବନ୍ଦ ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ଆବେଦନ କରିପାରିବେ ବୋଲି ଅଦାଲତ କହିଛନ୍ତି।

## ଫିଟିଲା ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତ୍ୟୁ ଗୁମର

■ ଭୀମସେନଙ୍କ ଯୋଗୁଁ ମୃତ୍ୟୁବରଣ କରିଛନ୍ତି ■

ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ଭଞ୍ଜବାଳା ହେମ୍ବ୍ରମ୍‌ଙ୍କ ମୃତ୍ୟୁ ଘଟଣାରେ ପର୍ଦ୍ଦାଫାସ୍ ହୋଇଛି। ଭୀମସେନଙ୍କ ପାଇଁ ଚନ୍ଦ୍ରିକାଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ତଥ୍ୟ ମିଳିଛି ବୋଲି ଡିସିପି ସୂଚନା ଦେଇଛନ୍ତି। ଡିସିପି କହିଛନ୍ତି ଯେ ଲ୍ୟାପଟପ୍ ଓ ଟାବଲେଟ ଆଦି ଜବତ ହୋଇଛି। ହ୍ୱାଟସଆପ ତଥ୍ୟ ବି ମିଳିଛି। ମୃତ୍ୟୁ ପୂର୍ବରୁ ଚନ୍ଦ୍ରିକା ଭୀମସେନଙ୍କୁ ଫୋନ୍ କରିଥିଲେ, କିନ୍ତୁ ଭୀମସେନ ଫୋନ୍ ଉଠାଇ ନ ଥିଲେ। ପରେ ଚନ୍ଦ୍ରିକା ଅନ୍ୟ ଜଣଙ୍କ ନମ୍ବରରୁ ବି ଫୋନ୍ କରିଥିଲେ ମଧ୍ୟ ଭୀମସେନ ଏହାର ଜବାବ ଦେଇନଥିଲେ। ତେବେ ମାମଲାରେ ଆବଶ୍ୟକ ହେଲେ ଭୀମସେନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଡିସିପି କହିଛନ୍ତି।

ସୂଚନାଯୋଗ୍ୟ ଯେ ଫେରାର ଥିବା ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ଭୀମସେନ ଟୁଡୁଙ୍କୁ ଗତକାଲି କମିଶନରେଟ୍ ପୁଲିସ ମୟୂରଭଞ୍ଜରୁ ଗିରଫ କରିଛି। ମୟୂରଭଞ୍ଜ ଜିଲ୍ଲାର ବିଶୋଇ ଥାନାରେ ଭୀମସେନ ପ୍ରଥମେ ଆତ୍ମସମର୍ପଣ କରିଥିଲେ। ପରେ କମିଶନରେଟ୍ ପୁଲିସ ତାଙ୍କୁ ଗିରଫ କରିଛି। ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ଭୀମସେନ ଦାୟୀ ବୋଲି ଚନ୍ଦ୍ରିକାଙ୍କ ମା' ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଭୀମସେନଙ୍କୁ ଗିରଫ କରିବା ପାଇଁ ଖୋଜୁଥିଲେ ହେଁ ତାଙ୍କୁ ପାଉ ନ ଥିଲା। ସେହି ସମୟରେ ଭୀମସେନ ଆଗୁଆ ଜାମିନ ପାଇବାକୁ



ହାଇକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ।

ଅନ୍ୟପକ୍ଷରେ ଭୀମସେନ ଓଏଏସ୍ ପ୍ରଶିକ୍ଷଣ ନେଉଥିବା ମଧୁସୂଦନ ଏକାଡେମୀର ୪ ଅଧିକାରୀଙ୍କୁ ଗତକାଲି ପୁଲିସ ବାରଙ୍ଗ ଥାନାକୁ ଡକାଇ ଜେରା କରିଛି। ପୁଲିସ ସେମାନଙ୍କୁ ବିଭିନ୍ନ ଦିଗରୁ ପଚରାଉଚରା କରିଛି। ସେମାନଙ୍କ ମଧ୍ୟରେ ଜଣେ ଭୀମସେନଙ୍କ ବନ୍ଧୁ ଥିବା ଜଣାପଡ଼ିଛି। ଭୀମସେନ ଏକାଡେମୀ ଛାଡ଼ିବା ପୂର୍ବରୁ ସେ ବ୍ୟବହାର କରୁଥିବା ଲ୍ୟାପ୍‌ଟପ୍, ଟାବ୍‌ଲେଟ, ଜରୁରୀ କାଗଜପତ୍ର ଆଦିକୁ ଅଫିସ୍‌ରେ ଜମା କରିଥିଲେ। ପୁଲିସ ଏହିସବୁ ସାମଗ୍ରୀକୁ ଜବତ କରି ଥାନାକୁ ଆଣି ଯାଞ୍ଚ କରୁଛି। ଏସବୁରୁ ଅନେକ କିଛି ତଥ୍ୟ ମିଳିପାରିବ ବୋଲି ପୁଲିସ ଆଶା ରଖିଛି।

## ଚୂନ ପ୍ଲାଣ୍ଟରେ ପଡ଼ି ଦୁଇ ଶ୍ରମିକ ଗୁରୁତର




ବାସୁଦେବପୁର,୧୩।୬(ସଂଚାର ବ୍ୟୁରୋ): ଚୂନ ପ୍ଲାଣ୍ଟରେ ପଡ଼ି ଦୁଇ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ବ୍ରାହ୍ମଣ ଗାଁ ପଞ୍ଚାୟତ ଚାରି ଛକି କେନାଲ ନିକଟସ୍ଥ ଇଟା ଫ୍ୟାକ୍ଟ୍ରିରେ ଘଟିଛି ଏଭଳି ଅଘଟଣ। କାମ କରୁଥିବା ସମୟରେ ଚୂନ ଟାଙ୍କିରେ ପଡ଼ି ଜଣେ ମହିଳା ଶ୍ରମିକ ଅର୍ଦ୍ଧଦଗ୍ଧ ହୋଇଛନ୍ତି। ଉକ୍ତ ମହିଳାଙ୍କୁ ଉଦ୍ଧାର କରିବାକୁ ଯାଇ ଜଣେ ପୁରୁଷ ଶ୍ରମିକ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ମହିଳା ଶ୍ରମିକଙ୍କ ନାମ ପୂଜା ବେହେରା ହୋଇଥିବା ବେଳେ ତାଙ୍କ ପୂଜାଙ୍କ ଘର ବାଲେଶ୍ୱର ଜିଲ୍ଲାର ରୁପସା ଗାଁରେ ବୋଲି ଜଣାପଡ଼ିଛି। ସେହିପରି ଗୁରୁତର ଆହତ ହୋଇଥିବା ଶ୍ରମିକ ଜଣଙ୍କ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ତୁଳସୀବାଣୀ ଗାଁରେ। ପୂଜା ଇଟା ଫ୍ୟାକ୍ଟ୍ରିରେ ପାଣିକୁଣ୍ଡରେ ଚୂନ ପକାଉଥିବା ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ପଡ଼ିଯାଇଥିଲେ। ସେହି କୁଣ୍ଡରେ ଭର୍ତ୍ତି ଚୂନ ଗରମ ପାଣିରେ ପଡ଼ି ସେ ବଞ୍ଚାଅ ବଞ୍ଚାଅ ବୋଲି ଚିତ୍କାର କରିଥିଲେ। ପାଖରେ ଥିବା ଶ୍ରମିକ କୈଳାଶ ପୂଜାଙ୍କୁ ଉଦ୍ଧାର କରିବା ସକାଶେ ଟାଙ୍କିକୁ ଡେଇଁପଡ଼ିଥିଲେ। ପୂଜାକୁ ଉଦ୍ଧାର କରିଥିଲେ ବି ନିଜେ ଗୁରତର ଭାବେ ଆହତ ହୋଇଥିଲେ। କୈଳାସଙ୍କ ଆଖିରେ ଆଘାତ ଲାଗିଛି। ସାଥୀ ଶ୍ରମିକମାନେ ଦୁଇ ଜଣଙ୍କୁ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ମହିଳା ଶ୍ରମିକଙ୍କ ଶରୀରର ୮୦ ଭାଗ ପୋଡ଼ିଯାଇଛି। ତେବେ ଦୁଇ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଥିବା ହେଁ ଉକ୍ତ ଫ୍ୟାକ୍ଟ୍ରିର ମାଲିକ ବିଟୁ ରଣା କୌଣସି ପଦକ୍ଷେପ ନ ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

## କୋଟିଆରେ ହାତୀ ଆତଙ୍କ

● ଲୋକଙ୍କୁ ସତର୍କ କରାଇଲା ବନ ବିଭାଗ



କୋରାପୁଟ,୧୩।୬(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାର କୋଟିଆ ଅଞ୍ଚଳରେ ଦେଖାଦେଇଛି ହାତୀ ଆତଙ୍କ। ସୀମାନ୍ତ କୋଟିଆର ନେରେଡ଼ିୱାଲସା ଗାଁ ନିକଟରେ ହାତୀପଲ ଦେଖାଦେବା ପରେ ଗ୍ରାମବାସୀ ଏକପ୍ରକାର ଭୟଭୀତ ହୋଇପଡ଼ିଛନ୍ତି। ଏକକାଳୀନ ୪/୫ଟି ହାତୀ ରାସ୍ତା ଉପରେ ଯାଉଥିବା ବେଳେ ଏହା ସ୍ଥାନୀୟ ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତେବେ ବନ ବିଭାଗ ପକ୍ଷରୁ ଅଞ୍ଚଳରେ ନଜର ରଖାଯାଇଥିବା ବେଳେ ଏକ ୨୯ଜଣିଆ ଟିମ୍ ଘଟଣାସ୍ଥଳରେ ରହି ନଜର ରଖିଥିବା ଜଣାପଡ଼ିଛି। କୋରାପୁଟ ଡିଏଫ୍‌ଓ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ସହ ବିଶେଷକରି ରାତିରେ କେହି ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି।

# 'ମିଠା ମିଠା ଗପ'ରେ ରଜର ମଉଜ



ଭୁବନେଶ୍ୱର,୧୩।୬(ସଂଚାର ବ୍ୟୁରୋ): ରଜର ଆଗମନ ସହ ସାରା ପରିବେଶରେ ଖେଳିଯାଇଛି ଉତ୍ସବର ମହକ। ସେହି ରଜ ମଉଜକୁ ଆଉ ଅଧିକ ସଜୀବ କରିଥିଲା ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ 'ମିଠା ମିଠା ଗପ' କାର୍ଯ୍ୟକ୍ରମ। ଇଣ୍ଟରନ୍ୟାସନାଲ୍ ଟ୍ରେଡ଼୍ ଫେୟାର ମଞ୍ଚରେ ଗୁରୁବାର ସନ୍ଧ୍ୟାରେ ଜମିଥିଲା ଗପର ଆସର। ଗପ, ହସ, ସ୍ମୃତି ଓ ରଜର ମଉଜରେ ସାରା ପରିବେଶ ହୋଇଉଠିଥିଲା ସଜୀବ ଓ ଆକର୍ଷଣୀୟ।

ଓଡ଼ିଶା ଷ୍ଟୋରି ଟେଲର୍ସ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମରେ ଏକାଠି ହୋଇଥିଲେ ଅନେକ କଥାକାର ଓ ଶ୍ରୋତା। ଡିଜିଟାଲ୍ ଦୁନିଆର ଚାକଚକ୍ୟ ଭିତରେ ହଜିଯାଉଥିବା ଗପ କହିବା ପରମ୍ପରାକୁ ପୁଣିଥରେ ଜୀବନ୍ତ କରିବାର ଏକ ସୁନ୍ଦର ପ୍ରୟାସ ଥିଲା ଏହି ଆୟୋଜନ। ମଞ୍ଚ ପାଖରେ ଛୋଟ ଛୋଟ ପିଲାଙ୍କୁ ନେଇ ବୟସ୍କ ପର୍ଯ୍ୟନ୍ତ ଅନେକ ଶ୍ରୋତା ଗପ ଶୁଣିବାକୁ ଏକାଠି ହୋଇଥିଲେ। ଗପ ଆଗକୁ ବଢ଼ିବା ସହ ଶ୍ରୋତାଙ୍କ ଭିଡ଼ ମଧ୍ୟ ବଢ଼ିଥିଲା ଏବଂ ସମସ୍ତେ ମଜ୍ଜିଯାଇଥିଲେ ଗପର ଦୁନିଆରେ।

ଷ୍ଟୋରି ଟେଲର୍ସ ଅନୀତା, ତପସ୍ୱିନୀ, ପ୍ରତ୍ୟୁଷା, ବିଦ୍ୟୁତଲତା, ଅନୂଜ ଓ ଶିଶୁ କଥାକାର ଆନ୍ୱୀ ନିଜ ନିଜ ଶୈଳୀରେ ରଜକୁ ନେଇ ଶ୍ରୋତାଙ୍କ ମନରେ ଆଙ୍କିଥିଲେ ସୁନ୍ଦର ଚିତ୍ର। କେଉଁଠି ଥିଲା ଗାଁ ଦାଣ୍ଡର ଦୋଳି ତ ଆଉ କେଉଁଠି ପୋଡ଼ ପିଠାର ବାସ୍ନା, ଆଉ କେଉଁଠି ଥିଲା ରଜପାନର ମିଠା ସ୍ୱାଦ। ଗପ ଭିତରେ ଜୀବନ୍ତ ହୋଇଉଠିଥିଲା ଓଡ଼ିଆ ଘରର ରଜ ପର୍ବର ଆତ୍ମୀୟତା ଓ ଉତ୍ସାହ। ଗାଁ ତୋଟାର ଦୋଳି, ସଜବାଜ, ସାଙ୍ଗସାଥୀଙ୍କ ହସଖୁସି ଓ ପର୍ବର ପାରମ୍ପରିକ ରଙ୍ଗ ଗପ ମାଧ୍ୟମରେ ଶ୍ରୋତାଙ୍କୁ ନେଇଯାଉଥିଲା ସ୍ମୃତିର ଗାଁକୁ।

ଏଥିସହ ଶିଶୁ କଥାକାରଙ୍କ ଗ୍ରୁପ୍ ଷ୍ଟୋରି ଟେଲିଂ, ପିଲାମାନଙ୍କ ସରଳ ଉପସ୍ଥାପନା, ନିର୍ମଳ ଅଭିବ୍ୟକ୍ତି ଓ ଗପ କହିବାର ଭଙ୍ଗୀ ଶ୍ରୋତାଙ୍କୁ ବେଶ ଆକୃଷ୍ଟ କରିଥିଲା। ଏହି କାର୍ଯ୍ୟକ୍ରମ କେବଳ ମନୋରଞ୍ଜନରେ ସୀମିତ ନ ଥାଇ ପିଲାମାନଙ୍କ ମଧ୍ୟରେ ପଢ଼ିବା, ଲେଖିବା ଓ ସୃଜନଶୀଳ ଚିନ୍ତାଧାରା ବିକଶିତ କରିବାର ଏକ ସୁନ୍ଦର ପ୍ରୟାସ ହୋଇଥିଲା। ରଜ ପର୍ବକୁ ନିଆରା ଢଙ୍ଗରେ ପାଳନ କରିବା ସହ ଓଡ଼ିଶାର ଲୋକସଂସ୍କୃତି ଓ ଗପ କହିବା ପରମ୍ପରାକୁ ନୂଆ ପିଢ଼ି ସହ ଯୋଡ଼ିବା ଦିଗରେ ଏହି ଆୟୋଜନ ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଥିଲା।

## ସଜନା ଛୁଇଁ ପାଇଁ ହତ୍ୟାକାଣ୍ଡ, ୫ ଗିରଫ

ରାଜନଗର, ୧୩।୬ (ସଂଚାର ବ୍ୟୁରୋ) : କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଇଶାଣୀପଲ୍ଲୀ ଗାଁରେ ସଜନା ତୋଳିବାକୁ ନେଇ ହତ୍ୟାକାଣ୍ଡ। ଦୁଇ ସମ୍ପର୍କୀୟ ପରିବାର ଭିତରେ ପାଟିତୁଣ୍ଡରୁ ହଣାକଟା ହୋଇଥିଲା। ଗୋଟିଏ ପରିବାର ଗୁଣ୍ଡା ଲଗାଇ ଅନ୍ୟ ପରିବାର ଉପରେ ଆକ୍ରମଣ କରିଥିଲା । କିନ୍ତୁ ହଣାକଟାରେ ଜଣେ ଭଡ଼ାଟିଆ ଆକ୍ରମଣକାରୀଙ୍କ ଜୀବନ ଯାଇଛି । ଏହି ଘଟଣାରେ ରାଜନଗର ପୋଲିସ ୨ଟି ମାମଲା ରୁଜୁ କରିବା ସହ ଉଭୟ ପକ୍ଷର ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଆଉ କିଛି ଅଭିଯୁକ୍ତ ଫେରାର ଅଛନ୍ତି । ଅନ୍ୟ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବାନେଇ ରାଜନଗର ଆଇଆଇସି କହିଛନ୍ତି। ଜମିବାଡ଼ି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା ।

## ନିଶାରେ ଜ୍ୱାଇଁ ଗାଲକୁ କାମୁଡ଼ି ରକ୍ତାକ୍ତ କଲେ ଶ୍ୱଶୁର, ବାନ୍ଧିଲା ପୁଲିସ



ନୀଳଗିରି, ୧୩।୬ (ସଂଚାର ବ୍ୟୁରୋ) : ରଜ ଦୋଳି ବନ୍ଧାକୁ ନେଇ ହୋଇଛି ମହାଭାରତ । ନିଶାରେ ହିତାହିତ ଜ୍ଞାନ ଭୁଲି ଜଣେ ସମ୍ପର୍କୀୟ ଜ୍ୱାଇଁଙ୍କ ଗାଲକୁ କାମୁଡ଼ି ରକ୍ତାକ୍ତ କରିଛନ୍ତି ଶ୍ୱଶୁର । ବାଘମରା ଗ୍ରାମରେ ଜ୍ୱାଇଁ ଭଗବାନ ସିଂଙ୍କ ସହିତ ଶ୍ୱଶୁର କାହ୍ନୁ ସିଂ ବସି ଦୋଳି ବନ୍ଧା ନେଇ କଥା ହେଉଥିଲେ । ଜଣେ ଟାୟାରରେ ବାନ୍ଧିବା କଥା କହୁଥିଲେ, ଆଉ ଜଣେ ଦଉଡ଼ିରେ ବାନ୍ଧିବା କଥା କହୁଥିଲେ । ଏହା ପରେ ଉଭୟଙ୍କରେ ମଧ୍ୟରେ ଉଚ୍ଚବାଚ ହୋଇଥିଲା । ନିଶାରେ ଥିବାରୁ ଏ କଥା ଉଗ୍ରରୂପ ଧାରଣ କରିଥିଲା । ଧସ୍ତାଧସ୍ତି ହେବା ପରେ ଜ୍ୱାଇଁ ଗାଲକୁ କାମୁଡ଼ି ରକ୍ତାକ୍ତ କରିଥିଲେ କାହ୍ନୁ। ପ୍ରତିବାଦ କରିବାରୁ ଜ୍ୱାଇଁଙ୍କ ପୁତୁରା ପ୍ରଶାନ୍ତ ସିଂ ଓ ପଡ଼ୋଶୀ ରାଜେଶ ସିଂଙ୍କୁ ମଧ୍ୟ ବ୍ଲେଡ୍‌ରେ ଆକ୍ରମଣ କରି କ୍ଷତାକ୍ତ କରିଛନ୍ତି କାହ୍ନୁ । ଗୁରୁତର ଭଗବାନ, ପ୍ରଶାନ୍ତଙ୍କୁ ଗ୍ରାମବାସୀମାନେ ଉଦ୍ଧାର କରି ନୀଳଗିରି ମେଡିକାଲରେ ଭର୍ତ୍ତି କରିଛନ୍ତି। ନୀଳଗିରି ଥାନାରେ ଭଗବାନ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ପ୍ରତି ଆକ୍ରମଣରେ ଶ୍ୱଶୁର କାହ୍ନୁ ସିଂ ମଧ୍ୟ ଗୁରୁତର ହୋଇ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ନୀଳଗିରି ପୁଲିସ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଛି।

## ରାଜଧାନୀକୁ ସ୍ୱଚ୍ଛ ରଖିବା ପାଇଁ ବିଏମ୍‌ସି-କୋକାକୋଲା ଏମ୍‌ଓୟୁ

# ପିଇଟି ବୋତଲ ସଂଗ୍ରହ କରିବ ସ୍ୱତନ୍ତ୍ର ଗାଡ଼ି

ଭୁବନେଶ୍ୱର, ୧୩।୬ (ସଂଚାର ବ୍ୟୁରୋ) : ରାଜଧାନକୁ ସ୍ୱଚ୍ଛ ରଖିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି ) ପକ୍ଷରୁ ଆରମ୍ଭ ହୋଇଛି ଅଭିନବ ପ୍ରୟାସ । ପେଟ୍ (ପିଇଟି) ବୋତଲ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ବିଏମ୍‌ସି ଏବଂ ହିନ୍ଦୁସ୍ଥାନ କୋକା-କୋଲା ମଧ୍ୟରେ ଏ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ଶୁକ୍ରବାର ଜାଗମରାସ୍ଥିତ ଫୁଡ୍ କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍ ସି କମିଶନର ଚଞ୍ଚଳ ରାଣା, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ କର୍ପୋରେଟର ରାମଚନ୍ଦ୍ର ରଣସିଂହ, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ହିନ୍ଦୁସ୍ଥାନ କୋକା କୋଲା ରାଷ୍ଟ୍ରୀୟ ମୁଖ୍ୟ ତୁଷାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ହିନ୍ଦୁସ୍ଥାନ କୋକା-କୋଲା ବିଏମ୍‌ସି ସହିତ ମିଳିତ ଭାବରେ ସହରରୁ ପିଇଟି







ବୋତଲ ସଂଗ୍ରହ କରିବ । ଏନେଇ ଏକ ସ୍ୱତନ୍ତ୍ର ଯାନର ଶୁଭାରମ୍ଭ କରାଯାଇଛି । ଏହି ଯାନ ନିର୍ଦ୍ଦିଷ୍ଟ କେତେକ ଅଂଚଳରୁ ବ୍ୟବହୃତ ବୋତଲ ସଂଗ୍ରହ କରିବ । ପରବର୍ତ୍ତୀ ପର୍ଯ୍ୟାୟରେ ଭୁବନେଶ୍ୱର ବିଭିନ୍ନ ଅଂଚଳରୁ ମଧ୍ୟ ପିଇଟି ବୋତଲ ସଂଗ୍ରହ କରାଯିବ ବୋଲି କହିଛନ୍ତି ମେୟର। ପିଇଟି ବୋତଲ ସଂଗ୍ରହ କରିବାକୁ ବିଭିନ୍ନ ଖାଓ ଗଳି, ଖାଦ୍ୟ ଓ ପାନୀୟ ଦୋକାନ, ଭେଣ୍ଡିଂ ଜୋନ୍, ମଲ୍ ଆଦିରେ ସ୍ୱତନ୍ତ୍ର ବ୍ୟାଗ ରଖାଯିବ । ସେହି ବ୍ୟାଗରେ ବ୍ୟବହୃତ ପ୍ଲାଷ୍ଟିକ ବୋତଲ ରଖିବା ପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯିବ ବୋଲି କହିଛନ୍ତି ବିଏମ୍‌ସି କମିଶନର ଶ୍ରୀ ରାଣା । ବିଏମସି ଏହି ଉଦ୍ଦେଶ୍ୟରେ ଏକ ଇଭି ଏଲସିଭି ପ୍ରଦାନ କରିବ ଏବଂ କୋକା-କୋଲା ଦ୍ୱାରା ସଂଗ୍ରହ ଓ ପୁନଃଚକ୍ରଣ କାର୍ଯ୍ୟ ତଦାରଖ କରାଯିବ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଦରବୃଦ୍ଧି ପ୍ରଭାବ

# ମୋବାଇଲ୍ ଫୋନ୍ ବିକ୍ରି ୩୫% ହ୍ରାସ



ନୂଆଦିଲ୍ଲୀ, ୧୩।୬: ମୋବାଇଲ୍ ହ୍ୟାଣ୍ଡସେଟ୍‌ନିର୍ମାତାମାନେ ନିୟମିତ ଭାବେ ଦରବୃଦ୍ଧି କରିବାର ପ୍ରଭାବ ବଜାରରେ ଦେଖିବାକୁ ମିଳିଛି। ଗତ ମେ ମାସରେ ହ୍ୟାଣ୍ଡସେଟ୍ ବିକ୍ରି ୩୫ ପ୍ରତିଶତ ହ୍ରାସ ପାଇଛି। ମେମୋରି ଚିପ୍ ମହଙ୍ଗା ହେବା ପରେ ୨୦୨୫ ନଭେମ୍ବରଠାରୁ ନିୟମିତ ଭାବେ ଫୋନ୍ ଦାମ୍ ବଢ଼ୁଛି। ଫଳରେ କିଛି ଫୋନ୍‌ର ଦାମ୍ ଗ୍ରାହକ ଚାହୁଁଥିବା ଦରଠାରୁ ଅଧିକ ହୋଇଯାଇଛି। ସେହି ଫୋନ୍‌ଗୁଡ଼ିକର ବିକ୍ରି କମିଛି। ବର୍ତ୍ତମାନ ଦେଶରେ ୬୦ ପ୍ରତିଶତ ଫୋନ୍ ବିଭିନ୍ନ ଷ୍ଟୋର୍‌ରେ ଓ ଅବଶିଷ୍ଟ ୪୦ ପ୍ରତିଶତ ଫୋନ୍ ଅନ୍‌ଲାଇନ୍‌ରେ ବିକ୍ରି ହେଉଛି। ଉଭୟର ବିକ୍ରି କମ୍ ହୋଇଛି ବୋଲି କାଉଣ୍ଟର୍ ରିସର୍ଚ୍ଚର ରିପୋର୍ଟରୁ ଜଣାପଡ଼ିଛି। ରିପୋର୍ଟ ଅନୁସାରେ ୨୦୨୬ର ପ୍ରଥମ ତ୍ରୈମାସିକରେ ଫୋନ୍ ବିକ୍ରି ୩ ପ୍ରତିଶତ ହ୍ରାସପାଇଥିଲା। ଦ୍ୱିତୀୟ ତ୍ରୈମାସିକରେ ସେଥିରେ ୧୫ ପ୍ରତିଶତ ପାଖାପାଖି ହ୍ରାସ ଘଟିବା ଆଶଙ୍କା କରାଯାଉଛି। ଏହାର ପ୍ରମୁଖ କାରଣ ହେଉଛି ଫୋନ୍‌ର ଦରବୃଦ୍ଧି। ୨୦୨୫ରେ ସେଗୁଡ଼ିକର ଦାମ୍ ବଢ଼ିଥିଲା। ୨୦୨୬ର ମେ ସୁଦ୍ଧା ଫୋନ୍ ଦରରେ ୨୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। କିଛି ଫୋନ୍‌ର ଦାମ୍ ୪୫ ପ୍ରତିଶତ ବୃଦ୍ଧି ପାଇଛି। ସମାନ ସୁବିଧା ଥିବା ଫୋନ୍ କିଛି ମାସ ପୂର୍ବେ କମ୍ ଦାମ୍‌ରେ ମିଳୁଥିଲା। ଏବେ ହଠାତ୍ ସେଗୁଡ଼ିକର ଦାମ୍ ବଢ଼ିବା ଓ ସେଥିରେ କୌଣସି ଅତିରିକ୍ତ ସୁବିଧାସୁଯୋଗ ନଥିବାରୁ ଗ୍ରାହକମାନେ ଅଧିକ ଦାମ୍ ଦେଇ ସେହି ଫୋନ୍ କିଣିବାକୁ ଆଗ୍ରହ ଦେଖାଉନାହାନ୍ତି।

ସର୍ବଭାରତୀୟମୋବାଇଲ୍ ରିଟେଲର୍ ସଂଘ ତଥ୍ୟ ଅନୁସାରେ ଗତ ମେ ମାସରେ ଫୋନ୍ ବିକ୍ରିରେ ୩୦-୩୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟିଥିଲା। ଜୁନ ମାସରେ ମଧ୍ୟ ସେହି ହ୍ରାସର ଧାରା ଜାରି ରହିଛି। କାରଣ ବହୁ କମ୍ପାନି ଦରବୃଦ୍ଧିର ଧାରାକୁ ବଜାୟ ରଖିଛନ୍ତି। ସାମସଙ୍ଗ ଫୋନ୍‌ଗୁଡ଼ିକର ଦାମ୍ ୫.୫ ପ୍ରତିଶତ ପର୍ଯ୍ୟନ୍ତ, ଭିଭୋ ଦାମ୍ ୧୫ ପ୍ରତିଶତ ପର୍ଯ୍ୟନ୍ତ ଏବଂ ପୋକୋ ଫୋନ୍‌ଗୁଡ଼ିକର ଦାମ୍ ୧୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

କାଉଣ୍ଟରପଏଣ୍ଟ୍ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି ଯେ ଗ୍ରୀଷ୍ମ ଋତୁରେ ଫୋନ୍ ବିକ୍ରି ଯେଉଁଭଳି ରହିବା ଆଶା କରାଯାଉଥିଲା ତାହା ହୋଇନାହିଁ। ପ୍ରବଳ ଗ୍ରୀଷ୍ମପ୍ରବାହ, ଭୂରାଜନୈତିକ ସଙ୍କଟ, ଆମେରିକୀୟ ଡଲାର ତୁଳନାରେ ଟଙ୍କାର ଦୁର୍ବଳ ସ୍ଥିତି ଓ ପ୍ରଚାରପ୍ରସାରର ଅଭାବ ଯୋଗୁଁ ଫୋନ୍ ବିକ୍ରି କମିଛି। ଫୋନ୍ ନାମ କିଭଳି ସ୍ଥିର ରହିପାରିବ ସେ ନେଇ ରିଟେଲର୍ ସଂଘ ପକ୍ଷରୁ ନିର୍ମାତାମାନଙ୍କ ସହ ଆଲୋଚନା କରାଯାଉଛି। ବିନା ଚାର୍ଜର ପ୍ୟାକେଜିଂ ଜରିଆରେ ଦର କମ୍ କରିବାକୁ ମଧ୍ୟ ପ୍ରୟାସ କରାଯାଉଛି। ଏହାଦ୍ୱାରା କିଛି ମଡେଲ୍ ଦାମ୍‌ରେ ୨୦୦୦ ଟଙ୍କା ପର୍ଯ୍ୟନ୍ତର ହ୍ରାସ ହୋଇପାରିବ। ଏଥି ସହିତ ଫୋନ୍ ଉପରେ ଲଗାଯାଇଥିବା ୧୮ ପ୍ରତିଶତ ଜିଏସ୍‌ଟିକୁ ହ୍ରାସ କରି ୫ ପ୍ରତିଶତ କରିବାକୁ ମଧ୍ୟ ସଂଘ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି।





## ରୁଷରୁ ତେଲ କିଣିବା ପ୍ରସଙ୍ଗରେ ଭାରତକୁ ସମର୍ଥନ କଲା ଫିନଲାଣ୍ଡ

ନୂଆଦିଲ୍ଲୀ, ୧୩।୬: ରୁଷିଆ-ୟୁକ୍ରେନ ଯୁଦ୍ଧ ପରଠାରୁ ଭାରତ କ୍ରମାଗତ ଭାବେ ମସ୍କୋ ଠାରୁ ଅଶୋଧିତ ତୈଳ କିଣୁଛି। ଏହାକୁ ନେଇ ଅନେକ ସମୟରେ ପଶ୍ଚିମ ଦେଶଗୁଡ଼ିକ ସମାଲୋଚନା କରିଆସୁଥିଲେ ବି ଏବେ ଏହି ପ୍ରସଙ୍ଗରେ ଭାରତକୁ ଏକ ବଡ଼ ସମର୍ଥନ ମିଳିଛି। ଫିନଲାଣ୍ଡର ବୈଦେଶିକ ମନ୍ତ୍ରୀ ଏଲିନା ଭାଲଟୋନେନ୍ ସ୍ପଷ୍ଟ କରିଛନ୍ତି ଯେ, ଭାରତ ପଶ୍ଚିମ ଦେଶମାନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା 'ତୈଳ ମୂଲ୍ୟ ସୀମା' ମଧ୍ୟରେ ରହି ହିଁ ରୁଷିଆରୁ ତେଲ କିଣୁଛି।

ଫିନ୍ଲାଣ୍ଡରେ ଅନୁଷ୍ଠିତ 'କୁଲତାରାନ୍ତା ଟକ୍ସ' ପ୍ୟାନେଲ ଆଲୋଚନାରେ ଯୋଗଦେଇ ବୈଦେଶିକ ମନ୍ତ୍ରୀ ଏଲିନା ଭାଲଟୋନେନ୍ କହିଛନ୍ତି, "ପଶ୍ଚିମ ଦେଶମାନେ ଯେତେବେଳେ ତୈଳ ମୂଲ୍ୟ ସୀମା ଲାଗୁ କରିଥିଲେ, ସେତେବେଳେ ଏହାର ଉଦ୍ଦେଶ୍ୟ ରୁଷିଆ ତେଲ କିଣିବାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ନଥିଲା। ଏହାର ଲକ୍ଷ୍ୟ ଥିଲା ବିଶ୍ୱ ବଜାରରେ ତୈଳ ଯୋଗାଣ ସ୍ୱାଭାବିକ ରଖିବା ଏବଂ ରୁଷିଆକୁ ଅତ୍ୟଧିକ ଲାଭ କମାଇବାରୁ ରୋକିବା। ଭାରତ ଏହି ନିୟମ ଭିତରେ ରହି ହିଁ ତେଲ କିଣୁଛି, ଯାହା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ।" ଏହି ବୈଠକରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଓ ୟୁଏଇ ସହାୟକ ବୈଦେଶିକ ବ୍ୟାପାର ମନ୍ତ୍ରୀ ଲାନା ନୁସିବେ ମଧ୍ୟ ଯୋଗ ଦେଇଥିଲେ।

ଏହି ଆଲୋଚନାରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ଭାରତର ଶକ୍ତି ନୀତିକୁ ନେଇ କୌଣସି ପ୍ରକାର ସାଲିସ ନକରି ଦୃଢ଼ ଜବାବ ଦେଇଛନ୍ତି। ଜୟଶଙ୍କର କହିଛନ୍ତି, "ମୁଁ ମୋ ଦେଶ ପାଇଁ ତେଲ କିଣିବା ବେଳେ ମୂଲ୍ୟ ଏବଂ ଉପଲବ୍ଧତାକୁ ଗୁରୁତ୍ୱ ଦିଏ, ରାଜନୈତିକ ସମୀକରଣକୁ ନୁହେଁ। ଯୁଦ୍ଧ ସମୟରେ ୟୁରୋପୀୟ ଦେଶମାନେ ମଧ୍ୟପ୍ରାଚ୍ୟରୁ ତେଲ କିଣିବା ଆରମ୍ଭ କରିଦେବାରୁ, ଭାରତ ପାଇଁ ରୁଷିଆ ଏକ ମୁଖ୍ୟ ବିକଳ୍ପ ପାଲଟିଥିଲା।"

ସେ ଅତୀତର ଘଟଣା ମନେ ପକାଇ କହିଛନ୍ତି ଯେ, ଯେତେବେଳେ ବିଶ୍ୱ ବଜାରରେ ଅସ୍ଥିରତା ଥିଲା, ସେତେବେଳେ ଆମେରିକା ନିଜେ ଭାରତକୁ ରୁଷିଆରୁ ତେଲ କିଣିବାକୁ ପରାମର୍ଶ ଦେଇଥିଲା। ତେଣୁ ଏଥିରେ କୌଣସି ମୂଲ୍ୟବୋଧ ବା ନୀତିର ପ୍ରଶ୍ନ ଉଠିବା ଅଯୌକ୍ତିକ। ୟୁରୋପର ସମାଲୋଚନାକୁ ନେଇ ଜୟଶଙ୍କର ଅତ୍ୟନ୍ତ କଡ଼ା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, "ୟୁରୋପୀୟ ଦେଶମାନେ ଦୀର୍ଘ ବର୍ଷ ଧରି ଏପରି ଅସ୍ତ୍ରଶସ୍ତ୍ର ବିକ୍ରି କରି ଆସୁଛନ୍ତି ଯାହା ଭାରତ ଉପରେ ଆକ୍ରମଣ ପାଇଁ ବ୍ୟବହୃତ ହୋଇଛି। ଆମେ କେବେବି ୟୁରୋପ ପାଇଁ ବିପଦ ସୃଷ୍ଟି କରି ନାହୁଁ, ତେଣୁ ଭାରତକୁ ଜ୍ଞାନ ଦେବା ପୂର୍ବରୁ ଏହି କଥା ମନେ ରଖିବା ଉଚିତ୍।" ଭାରତର ଶକ୍ତି ବଜାର ସମ୍ପର୍କରେ ଜୟଶଙ୍କର କହିଛନ୍ତି, ଭାରତ ଏବେ ନିଜର ଶକ୍ତି ସ୍ୱାର୍ଥ ପାଇଁ କାହା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ନୁହେଁ। ବର୍ତ୍ତମାନ ରୁଷିଆ ଭାରତର ସବୁଠାରୁ ବଡ଼ ତୈଳ ଯୋଗାଣକାରୀ ହୋଇଥିବାବେଳେ, ପ୍ରାକୃତିକ ଗ୍ୟାସ ପାଇଁ ଭାରତ ଆମେରିକା ଉପରେ ନିର୍ଭର କରୁଛି। ମୋଟାମୋଟି ଭାବେ, ଫିନ୍ଲାଣ୍ଡ ମନ୍ତ୍ରୀଙ୍କ ଏହି ବୟାନ ଭାରତର ସ୍ୱାଧୀନ ବୈଦେଶିକ ନୀତିକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପ୍ରଦାନ କରିଥିବା କୁହାଯାଇପାରେ।

## ଚୀନ ଶ୍ରମିକଙ୍କଠାରୁ ଅଧିକ ଉତ୍ପାଦନ କରିପାରୁ ନାହାନ୍ତି ଭାରତୀୟ ଶ୍ରମିକ

ନୂଆଦିଲ୍ଲୀ, ୧୩।୬: ଦେଶର ଅର୍ଥନୀତି ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବଢ଼ୁଥିବା ଅର୍ଥନୀତି ମଧ୍ୟରେ ରହିଛି। ଆଗାମୀ କିଛି ବର୍ଷ ମଧ୍ୟରେ ଭାରତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ ବୋଲି ଆକଳନ କରାଯାଉଛି। ଏହି ଦ୍ରୁତ ଅଭିବୃଦ୍ଧି ସତ୍ତ୍ୱେ ଭାରତୀୟ ଶ୍ରମିକଙ୍କ ଉତ୍ପାଦନଶୀଳତା ଚୀନ୍ ତୁଳନାରେ କିନ୍ତୁ ଅନେକ ପଛରେ ରହିଛି। ଦୁର୍ଭାଗ୍ୟର କଥା ହେଲା ଗତ ୨୫ ବର୍ଷ ମଧ୍ୟରେ ଏହି ବ୍ୟବଧାନ କମିବା ପରିବର୍ତ୍ତେ ଆହୁରି ବଢ଼ିଛି। ଇକ୍ୱିରସ୍ ସିକ୍ୟୁରିଟିଜ୍ର ପକ୍ଷରୁ ଜାରି ଏକ ନୂଆ ରିପୋର୍ଟ ଯେଉଁ ତଥ୍ୟ ଦେଇଛି ତାହା ଖୁବ୍ ଚିନ୍ତାଜନକ। ପଢ଼ନ୍ତୁ ସ୍ପେଶାଲ ରିପୋର୍ଟ- ଏବେ ବି ପଛରେ ଭାରତ। ଭାରତର ଜିଡିପି ବଢ଼ୁଛି, ବିଦେଶୀ ନିବେଶ ବଢ଼ୁଛି, ଡିଜିଟାଲ ଅର୍ଥନୀତି ମଧ୍ୟ ବିସ୍ତାର ହେଉଛି। କିନ୍ତୁ ଦେଶର ଜଣେ ଶ୍ରମିକ କେତେ ଉତ୍ପାଦନ କରୁଛନ୍ତି, ସେହି ମାପଦଣ୍ଡରେ ଭାରତ ଏବେ ବି ଚୀନ୍‌ଠାରୁ ବହୁ ଦୂରରେ ରହିଛି। ଇକ୍ୱିରସ୍ ସିକ୍ୟୁରିଟିଜ୍‌ର "ଲେବର୍ ପ୍ରଡକ୍ଟିଭିଟି ଇନ୍ ଇମର୍ଜିଂ ଇକୋନୋମିଜ୍" ରିପୋର୍ଟ ଅନୁସାରେ, ୨୦୦୦ ମସିହାରୁ ଭାରତ ଓ ଚୀନ୍ ମଧ୍ୟରେ ପ୍ରତି ଶ୍ରମିକ ଉତ୍ପାଦନଶୀଳତାର ବ୍ୟବଧାନ ୩୦ ହଜାର ଡଲାରରୁ ଅଧିକ ବୃଦ୍ଧି ପାଇଛି। ଆଜି ଭାରତ ଓ ବାଂଲାଦେଶର ଶ୍ରମ ଉତ୍ପାଦନଶୀଳତା ପ୍ରାୟ ସମାନ ସ୍ତରରେ ଥିବାବେଳେ ଚୀନ୍ ଏହି କ୍ଷେତ୍ରରେ ବହୁ ଆଗକୁ ଚାଲିଯାଇଛି। ୧୯୯୫ ପରଠାରୁ ଭାରତର ପ୍ରତି ଶ୍ରମିକ ଜିଡିପି ତିନି ଗୁଣରୁ ଅଧିକ ବଢ଼ିଥିଲେ ମଧ୍ୟ ଚୀନ୍, ଦକ୍ଷିଣ କୋରିଆ ଓ ଭିଏତନାମ ଭଳି ଦେଶ ଯେପରି ଶିଳ୍ପ ଭିତ୍ତିକ ଅଭିବୃଦ୍ଧି ମାଧ୍ୟମରେ ଉତ୍ପାଦନଶୀଳତାରେ ବିପ୍ଲବ ଆଣିଛନ୍ତି, ଭାରତ ସେହି ଲକ୍ଷ୍ୟ ହାସଲ କରିପାରିନାହିଁ।

ବିଶେଷଜ୍ଞଙ୍କ ମତରେ, ଚୀନ୍‌ର ସଫଳତା ପଛରେ ଥିଲା ଉତ୍ପାଦନ କ୍ଷେତ୍ରର ଦ୍ରୁତ ବିସ୍ତାର। ଆମେରିକା ଫେଡେରାଲ ରିଜର୍ଭର ଏକ ବିଶ୍ଳେଷଣ ଅନୁଯାୟୀ, ଚୀନ୍, ଜାପାନ ଓ ଦକ୍ଷିଣ କୋରିଆର ଉଚ୍ଚ ଅଭିବୃଦ୍ଧି ସମୟରେ ଉତ୍ପାଦନ କ୍ଷେତ୍ର ଜିଡିପିର ପ୍ରାୟ ଏକ ଚତୁର୍ଥାଂଶରୁ ଏକ ତୃତୀୟାଂଶ ପର୍ଯ୍ୟନ୍ତ ଅଂଶୀଦାରିତା ରଖୁଥିଲା। କିନ୍ତୁ ଭାରତରେ ଉତ୍ପାଦନ କ୍ଷେତ୍ରର ଅଂଶ ଏବେ ବି ସେହି ସ୍ତରରେ ପହଞ୍ଚିପାରି ନାହିଁ। ୨୦୦୦ ମସିହାରୁ ଆଇଟି ଏବଂ ସେବା କ୍ଷେତ୍ରର ଦ୍ରୁତ ଅଭିବୃଦ୍ଧି ଯୋଗୁ ଭାରତର ଶ୍ରମ ଉତ୍ପାଦନଶୀଳତା ବାର୍ଷିକ ୫.୩ ପ୍ରତିଶତ ହାରରେ ବଢ଼ିଥିଲା। କିନ୍ତୁ ୨୦୧୦ ପରେ ଏହା ୩.୪ ପ୍ରତିଶତକୁ ଖସି ଆସିଥିଲା। ବିମୁଦ୍ରୀକରଣ, ଜିଏସଟି ଲାଗୁ କରିବାରେ ବାଧା ଏବଂ ଏନବିଏଫସି ସଙ୍କଟ ଭଳି ଅର୍ଥନୈତିକ ବାଧକ ଅଣସଂଗଠିତ କ୍ଷେତ୍ରକୁ ପ୍ରଭାବିତ କରିଥିଲା। ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ କୋଭିଡ୍ ମହାମାରୀ ଭାରତର ଉତ୍ପାଦନଶୀଳତାକୁ ଭାରି ଆଘାତ ଦେଇଥିଲା। ୨୦୨୦ରେ ଉତ୍ପାଦନଶୀଳତା ୧୨.୩ ପ୍ରତିଶତ ହ୍ରାସ ପାଇଥିଲା, ଯାହା ଅଧ୍ୟୟନରେ ସାମିଲ ଦେଶମାନଙ୍କ ମଧ୍ୟରେ ସବୁଠାରୁ ଖରାପ ପ୍ରଦର୍ଶନ ଥିଲା।



## ମାତ୍ର ୫ଟଙ୍କାରେ ଯାତ୍ରା କରିପାରିବେ ୬୦କିମି

ନୂଆଦିଲ୍ଲୀ, ୧୩।୬: ବର୍ତ୍ତମାନ ସମୟରେ ଇଲେକ୍ଟ୍ରିକ୍ କାରର ଡିମାଣ୍ଡ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ବଡ଼ ବଡ଼ ଅଟୋମୋବାଇଲ୍ କମ୍ପାନୀମାନେ ନୂଆ ଇଲେକ୍ଟ୍ରିକ୍ କାର ଲଞ୍ଚ କରୁଛନ୍ତି। କିନ୍ତୁ କେରଳର ଜଣେ ବ୍ୟକ୍ତି ଏମିତି କିଛି କରିଦେଖାଇଛନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେ କୌଣସି କମ୍ପାନୀର କାର କିଣିବା ପରିବର୍ତ୍ତେ ନିଜ ଆବଶ୍ୟକତା ଅନୁଯାୟୀ ନିଜେ ଏକ ଛୋଟ ଇଲେକ୍ଟ୍ରିକ୍ କାର ତିଆରି କରିଛନ୍ତି। ଏହି କାର କେବଳ ରାସ୍ତାରେ ଚାଲୁନାହିଁ ବରଂ ସେ ପ୍ରତିଦିନ ନିଜ କାର୍ଯ୍ୟସ୍ଥଳକୁ ଯିବା ଆସିବା ପାଇଁ ମଧ୍ୟ ଏହାକୁ ବ୍ୟବହାର କରୁଛନ୍ତି। ପେଟ୍ରୋଲ୍ ଓ ଡିଜେଲ୍ ଦର ବୃଦ୍ଧି ସହିତ ଇଲେକ୍ଟ୍ରିକ୍ କାରର ଅଧିକ ମୂଲ୍ୟକୁ ଦୃଷ୍ଟିରେ ରଖି ସେ ନିଜେ ଏକ ଛୋଟ ଇଲେକ୍ଟ୍ରିକ୍ କାର ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି କାରଟି ସାଧାରଣ କାର ତୁଳନାରେ ଆକାରରେ ବହୁତ ଛୋଟ। ପ୍ରଥମ ଏହାକୁ ଦେଖିଲେ ଏକ ମିନି କାର କିମ୍ବା ଗଲ୍ଫ କାର୍ଟ ଭଳି ଲାଗେ। ତେବେ ଆକାରରେ ଛୋଟ ହୋଇଥିଲେ ମଧ୍ୟ ଚାଳକଙ୍କ ପାଇଁ ଆବଶ୍ୟକ ସମସ୍ତ ସୁବିଧା ଏଥିରେ ରହିଛି। କାରରେ ସିଟ୍, ଷ୍ଟିୟରିଂ, ଇଲେକ୍ଟ୍ରିକ୍ ମୋଟର, ବ୍ୟାଟେରି ପ୍ୟାକ୍ ଏବଂ ବେସିକ୍ କଣ୍ଟ୍ରୋଲ୍ ସିଷ୍ଟମ୍ ଲଗାଯାଇଛି। ଏହାର ଡିଜାଇନ୍ ଲକ୍ସରି କିମ୍ବା ଷ୍ଟାଇଲ୍‌କୁ ନୁହେଁ ବରଂ ୟୁଜର୍ସଙ୍କ ଦୈନନ୍ଦିନ ଆବଶ୍ୟକତା ଓ ସୁବିଧାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି।

ଏହି DIY (ଡୁ ଇଟ୍ ୟୋରସେଲ୍ଫ) ଇଲେକ୍ଟ୍ରିକ୍ କାରର ସବୁଠାରୁ ବଡ଼ ବିଶେଷତା ହେଉଛି ଏହାର କମ୍ ଖର୍ଚ୍ଚ। ବଜାରରେ ଉପଲବ୍ଧ ନୂଆ ଇଲେକ୍ଟ୍ରିକ୍ କାରଗୁଡ଼ିକର ଦାମ ଲକ୍ଷାଧିକ ଟଙ୍କା ହୋଇଥିବାବେଳେ, ଏହି ବ୍ୟକ୍ତି ଅତ୍ୟନ୍ତ କମ୍ ଖର୍ଚ୍ଚରେ ନିଜର କାର ତିଆରି କରିଛନ୍ତି। ଏହା ସହିତ କାରକୁ ଚାର୍ଜ କରିବାର ଖର୍ଚ୍ଚ ମଧ୍ୟ ବହୁତ କମ୍, ଯାହା ଫଳରେ ଦୈନନ୍ଦିନ ଯାତ୍ରାର ଖର୍ଚ୍ଚ ମଧ୍ୟ କମିଯିବ। ଯଦି ଆପଣ ୬୦ କିଲୋମିଟର ଯାତ୍ରା କରନ୍ତି, ତେବେ ଏଥିପାଇଁ ମାତ୍ର ୫ ଟଙ୍କା ଖର୍ଚ୍ଚ ହେବ। କାରରେ ବ୍ୟବହୃତ ଇଲେକ୍ଟ୍ରିକ୍ ମୋଟର ଓ ବ୍ୟାଟେରି ସିଷ୍ଟମ୍ ଏହାକୁ କମ୍ ଦୂରତାର ଯାତ୍ରା ପାଇଁ ଉପଯୁକ୍ତ ହେବ। ଏହାର ବ୍ୟବହାର ଘରରୁ ଅଫିସ୍ ଯିବା ଓ ଫେରିବା ପାଇଁ କରାଯିବ, ତେଣୁ ଏଥିରେ ଅତ୍ୟଧିକ ଗତି କିମ୍ବା ଦୀର୍ଘ ରେଞ୍ଜର ଆବଶ୍ୟକତା ନାହିଁ। ଏହି କାରଣରୁ କାରଟିକୁ ସରଳ ଭାବେ ପ୍ରସ୍ତୁତ କରାଯାଇଛି। ଏହା ସ୍ଥାନୀୟ ରାସ୍ତାରେ ସହଜରେ ଚଳାଚଳ କରିପାରେ ଏବଂ ଦୈନନ୍ଦିନ ଯାତ୍ରାକୁ ଅଧିକ ସୁବିଧାଜନକ କରିଥାଏ।



## ପାକିସ୍ତାନରେ ୪ଟଙ୍କା କମିଲା ପେଟ୍ରୋଲ ଦର

ନୂଆଦିଲ୍ଲୀ, ୧୩।୬: ପାକିସ୍ତାନ ସରକାର ପେଟ୍ରୋଲ ଏବଂ ଡିଜେଲ ଦରରେ କ୍ରମାଗତ ପଞ୍ଚମ ଥର ପାଇଁ ହ୍ରାସ କରିଛନ୍ତି। ଇନ୍ଧନ ମୂଲ୍ୟ କମିବା ଦ୍ୱାରା ସାଧାରଣ ଜନତା ଉପକୃତ ହେବେ ବୋଲି ଆଶା କରାଯାଉଛି। ଆସନ୍ତୁ ଜାଣିବା ପାକିସ୍ତାନରେ ପେଟ୍ରୋଲ ଏବଂ ଡିଜେଲର ନୂଆ ଦର ସମ୍ପର୍କରେ। ପାକିସ୍ତାନ ସରକାରଙ୍କ ସ୍ୱତନ୍ତ୍ର ନିଷ୍ପତ୍ତି ଅନୁଯାୟୀ, ପେଟ୍ରୋଲ ଏବଂ ଡିଜେଲ ଦର ପୁଣି ଥର କମାଇ ଦିଆଯାଇଛି। ଏହି ହ୍ରାସ ପରେ ପାକିସ୍ତାନରେ ପେଟ୍ରୋଲ ମୂଲ୍ୟ ପ୍ରତି ଲିଟର ପିଛା ୩୭୩.୭୮ ପାକିସ୍ତାନୀ ଟଙ୍କା ଏବଂ ଡିଜେଲ ମୂଲ୍ୟ ପ୍ରତି ଲିଟର ପିଛା ୩୭୮.୭୮ ପାକିସ୍ତାନୀ ଟଙ୍କା ହୋଇଯାଇଛି। ଜୁନ ୨୦୨୬ ଆରମ୍ଭରେ ମଧ୍ୟ ସରକାର ପେଟ୍ରୋଲ ଦର ପ୍ରତି ଲିଟର ପିଛା ପ୍ରାୟ ୪ ପାକିସ୍ତାନୀ ଟଙ୍କା କମାଇଥିଲେ। ଏହା ପୂର୍ବରୁ ମଧ୍ୟ ଅନେକ ଥର ମୂଲ୍ୟ ହ୍ରାସ କରାଯାଇ ସାରିଛି। ବିଶେଷଜ୍ଞଙ୍କ ଅନୁଯାୟୀ, ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ (Crude Oil) ମୂଲ୍ୟ ହ୍ରାସ ପାଇବା ଏବଂ ସରକାରଙ୍କ ଟ୍ୟାକ୍ସ ପଲିସିରେ ପରିବର୍ତ୍ତନ ଆସିବା ହିଁ ଇନ୍ଧନ ଦର କମିବାର ମୁଖ୍ୟ କାରଣ। ପାକିସ୍ତାନ ଆମଦାନୀ ହେଉଥିବା ତେଲ ଉପରେ ବହୁଳ ଭାବେ ନିର୍ଭରଶୀଳ, ତେଣୁ ଗ୍ଲୋବାଲ ମାର୍କେଟର ପ୍ରଭାବ ସିଧାସଳଖ ଘରୋଇ ବଜାର ଉପରେ ପଡ଼ିଥାଏ। ମାର୍ଚ୍ଚ ୨୦୨୬ ରେ ପଶ୍ଚିମ ଏସିଆରେ ଉତ୍ତେଜନା ବଢ଼ିବା ପରେ ପାକିସ୍ତାନ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ବଡ଼ ଧରଣର ବୃଦ୍ଧି କରିଥିଲା। ସେହି ସମୟରେ ସରକାର ଆନ୍ତର୍ଜାତୀୟ ତୈଳ ସଙ୍କଟର ଦୋଷ ଦେଇଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱ ପରିସ୍ଥିତିରେ ସୁଧାର ଆସିବା ସହ ଦରରେ କ୍ରମାଗତ ହ୍ରାସ ଘଟିବା ଆରମ୍ଭ ହୋଇଥିଲା।

ମୂଲ୍ୟରେ କ୍ରମାଗତ ହ୍ରାସ ସତ୍ତ୍ୱେ ପାକିସ୍ତାନରେ ପେଟ୍ରୋଲ ଏବଂ ଡିଜେଲ ଦରକୁ ଭାରତ ସହ ତୁଳନା କରାଯାଉଛି। ଭାରତୀୟ ମୁଦ୍ରା (INR) ହିସାବରେ ଦେଖିଲେ, ପାକିସ୍ତାନରେ ପେଟ୍ରୋଲର ମୂଲ୍ୟ ପ୍ରତି ଲିଟର ୧୨୭.୭୧ ଟଙ୍କା ଏବଂ ଡିଜେଲ ମୂଲ୍ୟ ପ୍ରତି ଲିଟର ୧୨୯.୪୨ ଟଙ୍କା ରହିଛି। ଅନ୍ୟପଟେ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୧୦୨.୧୨ ଟଙ୍କା ଏବଂ ଡିଜେଲ ମୂଲ୍ୟ ପ୍ରତି ଲିଟର ୯୫.୨୦ ଟଙ୍କା ରହିଛି। ଉଭୟ ଦେଶର ଟ୍ୟାକ୍ସ ବ୍ୟବସ୍ଥା, ଆମଦାନୀ ଖର୍ଚ୍ଚ ଏବଂ ସରକାରୀ ନୀତି ଭିନ୍ନ ହୋଇଥିବାରୁ ଇନ୍ଧନ ମୂଲ୍ୟରେ ଏହି ପାର୍ଥକ୍ୟ ଦେଖିବାକୁ ମିଳେ। ଏହି କାରଣରୁ ଉଭୟ ଦେଶର ମୂଲ୍ୟକୁ ସିଧାସଳଖ ତୁଳନା କରିବା ସବୁବେଳେ ସହଜ ହୋଇନଥାଏ।





## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୬୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୫୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୬୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୩,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୬୪୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୭,୭୯୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୨୮୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୬୪୦ ଓ ୨୨ କ୍ୟାରେଟମୂଲ୍ୟ ୧,୩୩,୫୦୦ଟଙ୍କାରହିଛି।ଅନ୍ୟପଟେରୁପାମୂଲ୍ୟକିଲୋପିଛା ୨,୫୦,୦୦୦ଟଙ୍କାହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୦ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। କୋଲକାତାରେ ପେଟ୍ରୋଲ ଦର ୧୧୩.୪୭ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୮୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୬ ପଇସା ରହିଛି। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

## ପହିଲି ରଜର ସ୍ମୃତିରେ ଗାଁ

# ଗଛ ଦୋଳିର ମଜାକୁ ମନେପକାଉଛି ପ୍ଲାଷ୍ଟିକ ଦୋଳି



**କାକଟପୁର/ଅସ୍ତରଙ୍ଗ,୧୩।୬ (ସଂଚାର ବ୍ୟୁରୋ):** ସରିଲା ସଜବାଜ, ଆଜି ପହିଲି ରଜ। ରଜ ଦୋଳି, ପିଠା ଓ ପାନ ସହ ମେହେନ୍ଦି ଓ ଅଳତା ଲଗାଇବାର ସୁଯୋଗ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ବିଭିନ୍ନ ଗ୍ରାମରେ ରଜ ଉତ୍ସାହ ସହ ମନକୁ ଆସୁଛି ଗୋଟେ ପ୍ରଶ୍ନ - ଆମ ପିଲାଦିନର ରଜ କୁଆଡେ ଗଲା? ଗ୍ରୀଷ୍ମ ଓ ବର୍ଷା ଋତୁର ସନ୍ଧିକ୍ଷଣରେ ଭିଜାମାଟିର ବାସ୍ନା ନେଇ ଆସେ ଓଡ଼ିଶାର ଗଣପର୍ବ ରଜ। ସତେ ଯେମିତି ଏହା ଧରିତ୍ରୀ ମାତା ଓ ମୌସୁମୀର ମିଳନ ପର୍ବ। ଦଶନ୍ଧି ତଳେ ପହିଲି ରଜ ପଡିଲେ ବଡ ବଡ ବରଗଛ, ଆମ୍ବଗଛରେ ବନ୍ଧାହେଉଥିଲା ବାଉଁଶ ଦୋଳି। ଝିଅମାନେ ନୂଆ ଶାଢ଼ୀ, ଅଳତା, ମେହେନ୍ଦୀ ଲଗାଇ ଦୋଳି ଖେଳୁଥିଲେ, ରଜଗୀତ ଗାଉଥିଲେ- 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ'। ଘରେ ଘରେ ପୋଡପିଠା, ମଣ୍ଡା, କାକରାର ବାସ୍ନା। ପୁଅମାନେ ତାସ, ଲୁଡୁ, ବାଗୁଡି, ପୁଚି ଖେଳରେ ମସଗୁଲ। ସଞ୍ଜବେଳେ ଦାଣ୍ଡ ଦୁଆରେ ଝୋଟି, ଚିତା ପକାଇ ରଜପାନର ଆୟୋଜନ।

କିନ୍ତୁ ଆଜି? ଗାଁରେ ବି ବରଗଛ କମିଗଲାଣି, ଦୋଳି ବାନ୍ଧିବା ଲୋକ ନାହାନ୍ତି। ତା' ବଦଳରେ ଆସିଛି ଘର ଭିତରେ ଲୁହା ଷ୍ଟାଣ୍ଡର ପ୍ଲାଷ୍ଟିକ ଦୋଳି। ରଜଗୀତ ଜାଗା ନେଇଛି ୟୁଟ୍ୟୁବ୍ ଡିଜେ। ପୋଡପିଠା ପାଇଁ ସମୟ କାହାର? ଅନଲାଇନରେ ଅର୍ଡର ହେଉଛି କେକ୍, ପିଜା, ମୋମୋ। ପୁଚି, ବାଗୁଡି ଛାଡି ପିଲା ଏବେ ମୋବାଇଲ ଗେମ୍, ରିଲସରେ ବ୍ୟସ୍ତ। ଏବେ ରଜ କେବଳ ତିନି ଦିନର ଛୁଟି ଓ ହ୍ୱାଟ୍ସଆପ୍ ଷ୍ଟାଟସରେ ସୀମିତ।

ଅସ୍ତରଙ୍ଗର ୭୦ ବର୍ଷୀୟା ସବିତା ମାଉସୀଙ୍କ ଆଖି ଛଳଛଳ ହୋଇଯାଏ, "ଆଗରୁ ରଜ ମାନେ ଥିଲା ମିଳନ। ସାତ ଗାଁର ଝିଅ ଏକାଠି ହୋଇ ଦୋଳି ଖେଳୁଥିଲୁ। ଏବେ ସମସ୍ତେ ନିଜ ନିଜ ଘରେ, ନିଜ ନିଜ ଫୋନରେ।"

ତଥାପି ଆଶା ମରିନି। ଆଜି ବି ଓଡିଆ ଘରେ ପହିଲି ରଜ ଦିନ ପୋଡପିଠା ପାଇଁ ଚାଉଳ ବଟା ହେଉଛି। ଝିଅମାନେ ନୂଆ ଡ୍ରେସ ପିନ୍ଧି ସେଲଫି ନେଉଛନ୍ତି। ସଂସ୍କୃତି ଗବେଷକ ତ୍ରିଲୋଚନ ମିଶ୍ର କୁହନ୍ତି, "ଦୋଳି ବାଉଁଶର ହେଉ କି ପ୍ଲାଷ୍ଟିକର, ରଜ ପାଳନର ଉଦ୍ଦେଶ୍ୟ - ପ୍ରକୃତିକୁ ପୂଜା ଓ କୃଷିକୁ ବିଶ୍ରାମ - ତାହା ଜୀବିତ ରହିବା କଥା।" ପ୍ଲାଷ୍ଟିକ ଦୋଳି ଭାଙ୍ଗିପାରେ, କିନ୍ତୁ ସଂସ୍କୃତି ନ ଭାଙ୍ଗୁ।

## ଭରସାରୁ ନୈରାଶ୍ୟ

## ଦୁଇ ବର୍ଷରେ ବି ଅସ୍ତରଙ୍ଗର ମୌଳିକ ସମସ୍ୟା ଅସମାହିତ




### ପଞ୍ଚାୟତ ଭୋଟରେ ପଡ଼ିପାରେ ପ୍ରଭାବ

**କାକଟପୁର/ଅସ୍ତରଙ୍ଗ,୧୩।୬ (ସଂଚାର ବ୍ୟୁରୋ):** ନୂଆ ସରକାର ଉପରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକବାସୀ ଯେଉଁ ଅଗାଧ ଭରସା କରିଥିଲେ, ଦୁଇ ବର୍ଷ ପରେ ତାହା ନୈରାଶ୍ୟରେ ପରିଣତ ହୋଇଛି। କାରଣ ଅଞ୍ଚଳର ଦୀର୍ଘ ଦିନର ଦାବି ଆଜି ବି ଅପୂର୍ଣ୍ଣ। ଅସ୍ତରଙ୍ଗ ବ୍ଲକ ଏକ କୃଷି ଓ ମତ୍ସ୍ୟଜୀବୀ ବହୁଳ ଅଞ୍ଚଳ। କିନ୍ତୁ ଏଠାରେ ନା ଅଛି ଶୀତଳ ଭଣ୍ଡାର, ନା ଅଛି ଫିସିଂ ହାର୍ବର। ଚାଷୀ ଓ ମତ୍ସ୍ୟଜୀବୀ ଦୁହେଁ କ୍ଷତିଗ୍ରସ୍ତ। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ଷ ବର୍ଷ ଧରି ଡାକ୍ତର ପଦବୀ ଖାଲି। ଦୁର୍ଘଟଣା କିମ୍ବା ଗୁରୁତର ରୋଗୀଙ୍କୁ 'ରେଫର' ସ୍ଲିପ ଧରାଇ କଟକ-ଭୁବନେଶ୍ୱର ପଠାଇଦିଆଯାଏ।ପାନୀୟ ଜଳ ସଙ୍କଟ ଏଠାରେ ଚିରସ୍ଥାୟୀ। ୧୨ କୋଟିର ମେଗା ପ୍ରକଳ୍ପ କାଗଜରେ ଚାଲିଛି, କିନ୍ତୁ ଶିଶୁଅ, ପୁଇଁଚାନ୍ଦିଆ, ଆଳସାହି, ତଣ୍ଡାହାର, ଛୁରାଆନା, ନଗର, ଝାଡ଼ଲିଙ୍ଗ ଆଦି ବିଭିନ୍ନ ଗ୍ରାମର ଲୋକେ ଆଜି ବି ନଳକୂପର ଦୂଷିତ ପାଣି ଉପରେ ନିର୍ଭର। ଅସ୍ତରଙ୍ଗ ବଜାରରେ ଗୋଟିଏ ସୁବ୍ୟବସ୍ଥିତ ନୂତନ ବସଷ୍ଟାଣ୍ଡ ନାହିଁ। ପ୍ରତିଟି ଅଭିଯୋଗରେ ଉତ୍ତର ମିଳେ 'ପ୍ରସ୍ତାବ ଅଛି, ଖୁବଶୀଘ୍ର ହେବ'। ହେଲେ ଦୁଇ ବର୍ଷ ବିତିଲାଣି। ଲୋକଙ୍କ ଧୈର୍ଯ୍ୟ ଭାଙ୍ଗିଗଲାଣି। ଆସନ୍ତା କିଛି ମାସ ପରେ ପଞ୍ଚାୟତ ନିର୍ବାଚନ। ତୃଣମୂଳ ସ୍ତରରେ ସରକାରଙ୍କ ଛବି ଏହି ନିର୍ବାଚନରେ ପରୀକ୍ଷା ଦେବ। ଯଦି ସରକାର ଆସନ୍ତା ୩-୪ ମାସ ମଧ୍ୟରେ ଅସ୍ତରଙ୍ଗର ଶୀତଳ ଭଣ୍ଡାର, ଡାକ୍ତର ନିଯୁକ୍ତି, ସ୍ୱଚ୍ଛ ପାଣି ଓ ହାର୍ବର କାମରେ ଦୃଶ୍ୟମାନ ଅଗ୍ରଗତି ନ ଦେଖାନ୍ତି, ତେବେ ଭୋଟରଙ୍କ ଅସନ୍ତୋଷ ବାଲାଟ ବାକ୍ସରେ ପ୍ରତିଫଳିତ ହେବା ସୁନିଶ୍ଚିତ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା।

## ବୁର୍ଲା ଏମ୍‌ସିଏଲ୍ ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା

## କ୍ୱାର୍ଟରରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ସମ୍ବଲପୁର,୧୩।୬ (ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ବୁର୍ଲା ଆନନ୍ଦ ବିହାର ସ୍ଥିତ ମହାନଦୀ କୋଲଫିଲ୍ଡସ ଲିମିଟେଡ(ଏମସିଏଲ)ର ଜଣେ ମହିଳା କର୍ମଚାରୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତା ମହିଳା କର୍ମଚାରୀ ଜଣଙ୍କ ଅନୁଗୁଳ ଜିଲ୍ଲା ତାଳଚେର ସହରର ୨୩ ବର୍ଷୀୟା ଆୟୁସ୍ମିତା ସାମଲ ବୋଲି କୁହାଯାଉଛି। ସେ ବୁର୍ଲା ଏମସିଏଲର ଫାଇନାନ୍ସ ଡିପାର୍ଟମେଣ୍ଟ(ଆକାଉଂଟସ ସେକ୍ସନ)ରେ କିରାଣୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ପିତା ସ୍ୱର୍ଗତ ସୁଦେଶ କୁମାର ସାମଲ ମଧ୍ୟ ଏମସିଏଲର ଜଣେ କର୍ମଚାରୀ ଥିଲେ ଏବଂ ତାଙ୍କ ଦେହାନ୍ତ ପରେ ଆୟୁସ୍ମିତାଙ୍କୁ ଏହି ଚାକିରି ମିଳିଥିଲା। ସେ ଏମସିଏଲ କଲୋନି ବିହାରରେ ୫ ନମ୍ବର ବ୍ଲକ, ଟାଇପ '୨' ୩୬ ନମ୍ବର କ୍ୱାର୍ଟରରେ ଏକୁଟିଆ ରହୁଥିଲେ।

ଆଜି ଡ୍ୟୁଟି ସମୟରେ ସେ ଅଫିସରେ ନପହଞ୍ଚିବାରୁ କିଛି ସହକର୍ମୀ ତାଙ୍କୁ ଫୋନ କରିଥିଲେ। ମାତ୍ର ବାରମ୍ବାର ଫୋନ କରିବା ସତ୍ତ୍ୱେ କୌଣସି ଉତ୍ତର ନମିଳିବାରୁ କିଛି ସହକର୍ମୀ ତାଙ୍କ କ୍ୱାର୍ଟରକୁ ଯାଇ କବାଟ ବାଡେଇଥିଲେ। ମାତ୍ର କବାଟ ନ ଖୋଲିବାରୁ ସେମାନେ ଏମ୍‌ସିଏଲ୍ ସିକ୍ୟୁରିଟି ଇନଚାର୍ଜଙ୍କୁ ଜଣାଇଥିଲେ। ପରେ ସିକ୍ୟୁରିଟି କର୍ମଚାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଝରକାରେ ଦେଖିବା ବେଳକୁ ଆୟୁସ୍ମିତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ପହଞ୍ଚିବା ପରେ ମୃତଦେହକୁ ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଯାଇଛି। ଏହି ରିପୋର୍ଟ ଲେଖାହେବା ଯାଏଁ ଆତ୍ମହତ୍ୟାର ସଠିକ୍ କାରଣ ଜଣାପଡ଼ିନାହିଁ, ପୋଲିସର ତଦନ୍ତ ଜାରି ରହିଛି।

## ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପ୍ରସ୍ତୁତି

### ଡେରାରେ ହେବ ସମ୍ବଲପୁରୀ ଚିତ୍ର କର୍ମଶାଳା

**ସମ୍ବଲପୁର,୧୩।୬ (ସଂଚାର ବ୍ୟୁରୋ):** ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ଏକ ଅବସରରେ ସମ୍ବଲପୁରରେ ୧୪ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ଭୂମିକା ଉପରେ ଆଲୋଚନା କରାଯାଇଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀଶ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ବଲପୁରୀ ଡେରାକୁ ସମ୍ବଲପୁରୀର ପ୍ରଦର୍ଶନ କେନ୍ଦ୍ର ହିସାବରେ ବିକଶିତ କରିବା ପାଇଁ ଯୋଜନା ରହିଛି।

ସମ୍ବଲପୁରୀ ଦିନ ଭଳି ପରିକଳ୍ପନା ସଫଳ ହେବାପରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ଦାୟିତ୍ୱ ବଢ଼ିଛି। ସମ୍ବଲପୁରୀ ପାଇଁ ସମର୍ପିତ ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କ ଫଟୋ ଡେରା ପରିସରରେ ଅଙ୍କାଯାଇ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏଥିପାଇଁ ଚିତ୍ରଶିଳ୍ପୀମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜନ କରାଯିବା ପାଇଁ ନିଷ୍ପତି ହୋଇଛି। ବୈଠକରେ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ଚିତ୍ରସେନ ଭୋଇ, ସ୍ୱରୁପ ସାହୁ, ଗୁରୁ ରଞ୍ଜିତ ସାହୁ, ଭାରତୀ ସମାଜ ମହାସଚିବ ଗୋପବନ୍ଧୁ ସେନାପତି, ଦଶରଥ ମେହେର, ରାହୁଲ ଗୁପ୍ତା, ସୁରେନ୍ଦ୍ର ବଗର୍ତି, ସୁବ୍ରତ ପ୍ରଧାନ, ଆଦିତ୍ୟ ସାହୁ, ରାଜେଶ ସ୍ୱାଇଁ, ପଙ୍କଜିନୀ ମେହେର, ଭୂମିସୁତା ମେହେର, ଯାମିନୀ ଠାକୁର, ଦୀପା ରାଉତ, ରୀତା ସ୍ୱାଇଁ, ଲଳିତା ଭୋଇ ପ୍ରମୁଖ ସାମିଲ ରହିଥିଲେ।

## କୃଷି କର୍ମଶାଳା ଅନୁଷ୍ଠିତ

**ଜୟପୁର,୧୩।୬ (ସଂଚାର ବ୍ୟୁରୋ):** କୃଷି ବିଜ୍ଞାନ କେନ୍ଦ୍ର, ସେମିଲିଗୁଡ଼ା ଠାରେ ଜୈବିକ କୃଷି କର୍ମଶାଳା-'ବିକାଶର ଧାରା ଓଡ଼ିଶା ସାରା' ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ଭବାନୀ ଶଙ୍କର ମହାପାତ୍ର, ମୁଖ୍ୟ କୃଷି ଜିଲ୍ଲା ଅଧିକାରୀ କୋରାପୁଟ, ଶ୍ରୀ ଜି.ଭି. ରେଡ୍ଡୀ, ଅବସରପ୍ରାପ୍ତ ମୁଖ୍ୟ କୃଷି ଜିଲ୍ଲା ଅଧିକାରୀ, ନବରଙ୍ଗପୁର, ଶ୍ରୀ ହେମନ୍ତ କୁମାର ପଢ଼ିହାରୀ କୃଷି ଜିଲ୍ଲା ଅଧିକାରୀ କୋରାପୁଟ୍, ଡ଼ା. ପର୍ଶୁରାମ ସିଆଲ, ମୁଖ୍ୟ ଗବେଷଣା ନିର୍ଦ୍ଦେଶକ, ସେମିଲିଗୁଡା, ଶ୍ରୀମତୀ ସୁନୀତା ଦଣ୍ଡସେନା ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, ସେମିଲିଗୁଡା, ଶ୍ରୀମତୀ ସୁଜାତା ନିଶାଙ୍କ କୃଷି ଜିଲ୍ଲା ଅଧିକାରୀ ନନ୍ଦପୁର, ଶ୍ରୀ ସତ୍ୟନାରାୟଣ ଦାସ ନିର୍ବାହୀ କୃଷି ଯନ୍ତ୍ରୀ, କୋରାପୁଟ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ ଜଣରୁ ଊର୍ଦ୍ଧ୍ୱ ଚାଷୀ କୋରାପୁଟ୍ ର ବିଭିନ୍ନ ବ୍ଲକରୁ ଯୋଗ ଦେଇଥିଲେ। ଏହି ଅବସରରେ ୨ଟି ଷ୍ଟଲ କରାଯାଇଥିଲା, ଯେଉଁଠି କି ଜୈବିକ ଚାଷ ପ୍ରଣାଳୀ ଏବଂ ଜିଲ୍ଲା ସାରା ଚାଷ ହୋଇଥିବା ଫସଲ ଗୁଡ଼ିକ ଉପରେ ଚାଷୀ ମାନଙ୍କୁ ଅବଗତ କରାଗଲା। ଏହି ଅବସରରେ, ପ୍ରଶିକ୍ଷଣ ମାଧ୍ୟମରେ ଚାଷୀ ମାନଙ୍କୁ ଜୈବିକ ଚାଷର ଉପକାରିତା ତା'ର କାର୍ଯ୍ୟ ପ୍ରଣାଳୀ, ସରକାର ଦ୍ୱାରା କାର୍ଯ୍ୟରତ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥିଲା ଏବଂ ବିଭିନ୍ନ ବ୍ଲକ ର ୧୦ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧନା ମଧ୍ୟ ପ୍ରଦାନ କରାଗଲା।

## ପାଟଣେଶ୍ୱର ମନ୍ଦିର ଗମ୍ଭିରା ଘର ଉନ୍ନତିକରଣ ପାଇଁ ବଲାଙ୍ଗୀର ବିଧାୟକଙ୍କୁ ଦାବିପତ୍ର

**ବଲାଙ୍ଗୀର,୧୩।୬ (ସଂଚାର ବ୍ୟୁରୋ):** ବଲାଙ୍ଗୀର ପାଟଣା ରାଜ୍ୟ ଇଷ୍ଟଦେବୀ ମା' ପାଟଣେଶ୍ୱରୀ ମନ୍ଦିର ୧୮୭୨ ମସିହାରେ ବଲାଙ୍ଗୀର ରାଜଧାନୀ ସ୍ଥାପନ ହୋଇଥିଲା। ମନ୍ଦିରକୁ ୧୫୩ ବର୍ଷ ପୂର୍ତ୍ତି ହୋଇଯାଇଛି। ୧୯୦୦ ମସିହାରେ ମହାରାଜ ଦଳଗଞ୍ଜନ ସିଂଦେଓ ମନ୍ଦିର ପୁନଃ ନିର୍ମାଣ କରିଥିଲେ। ରାଜ୍ୟର ଇଷ୍ଟଦେବୀ ରୂପେ ପୂଜା ପାଇ ଆସୁଥିବାବେଳେ ନୂଆଁଖାଇ, ଦଶହରା ସମୟରେ ବିଭିନ୍ନ ରାଜନୈତିକ ଦଳ ମନ୍ତ୍ରୀ ଠାରୁ ବିଧାୟକମାନେ ମା'ଙ୍କ ଆଶୀର୍ବାଦ ଲାଭ କରିଯାଆନ୍ତି। ବଲାଙ୍ଗୀରର ଦୀର୍ଘଦିନର ଭକ୍ତମାନଙ୍କ ଦାବିରେ ୨୦୨୩ରେ ପୂର୍ବତନ ସରକାର ୧ କୋଟି ୩୫ ଲକ୍ଷ ଟଙ୍କା ଅନୁଦାନ ମନ୍ଦିର ପ୍ରକଳ୍ପ ଓ ସୌନ୍ଦର୍ଯ୍ୟକରଣ ପାଇଁ ଅନୁଦାନ ଆସିଥିଲା। ଦୀର୍ଘ ୩ ବର୍ଷ ପରେ ଏହା ସମ୍ପୂର୍ଣ୍ଣ ହେବା ପାଇଁ ଯାଉଛି। ଭୋଗ ମଣ୍ଡପ, ରୋଷେଇ ଶାଳ, ଯଜ୍ଞ ମନ୍ଦିର, ଦୀପ ଘର, ସେବାୟତଙ୍କ ପାଇଁ ବିଶ୍ରାମଗାର ଓ ପରିକ୍ରମା ପ୍ରକଳ୍ପ ଡିପିଆର୍‌ରେ ସ୍ଥାନ ପାଇଥିଲା। ମୁଖ୍ୟଦ୍ୱାର ଖାଣ୍ଡୋଲାଇଟ ପଥର ଲଗେଇବା ଓ ପଥରର ସିଂହ ପାଇଁ ଡିପିଆର୍‌ରେ ପ୍ରସ୍ତାବ ଥିଲା। ଅନୁଦାନ କମି ଯାଇଥିବାରୁ ଏହା ରଙ୍ଗ ଓ ଚୁନ ପଥରରେ ନିର୍ମାଣ ହୋଇଛି ଏବଂ ମୁଖ୍ୟ ଦ୍ୱାରରେ ବର୍ଷ ନପୁରୁଣୁ ସିମେଣ୍ଟ ଚଟାଣ ଖସିଯାଇଥିବାରୁ ତଦାରଖ ପାଇଁ ଦାବି କରିଥିଲେ। ମା' ପାଟଣେଶ୍ୱରୀ ଦେବୀ ମୁଖ୍ୟ ଗମ୍ଭାର ଘର ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଗମ୍ବୁଜରୁ ବର୍ଷା ପାଣି ପ୍ରବେଶ ହେଉଛି ଏବଂ ମା'ଙ୍କ ପ୍ରତିମୂର୍ତ୍ତିରେ ଚୁନ ପଥର ଖସୁଛି।୧୯୯୨ ମସିହାରେ ନିର୍ମାଣ ହୋଇଥିବା ମା'ଙ୍କ ପରଭା ଭଗ୍ନ ଅବସ୍ଥାରେ ଅଛି ତାହାକୁ ନୂତନ ଭାବେ ନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଆଜି ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ଦେବାଳୟ ଐତିହ୍ୟ ସୁରକ୍ଷା କମିଟିର ନେତୃତ୍ୱମାନେ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ସମ୍ପାଦକ ପ୍ରଶାନ୍ତ ମହାକୁରଙ୍କ ନେତୃତ୍ୱରେ ଭବାନୀ ଶଙ୍କର ଭୋଇ, କୋଷାଧ୍ୟକ୍ଷ ରିଂଟୁ ସାହୁ, ସହ-ସମ୍ପାଦକ ଯୁଧିଷ୍ଠି ମେହେର, ବିଭୁ କଲ୍ୟାଣ ଗଡ଼ତ୍ୟା, ସ୍ୱୟଂ ଶେଖର ସାମଲ ସାମିଲ ଥିଲେ। ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି ରତ୍ନତତ୍ତ୍ୱ ବିଭାଗ ଏହାକୁ ତଦାରଖ କରିବେ ଏବଂ ପିଡବ୍ଲ୍ୟୁ ବିଭାଗ ଏଷ୍ଟିମେଟ କରି ସ୍ୱତନ୍ତ୍ର ଡବ୍ଲ୍ୟୁଡିସି ଫଣ୍ଡରୁ ଅନୁଦାନ ପ୍ରଦାନ କରିପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ବାଲନ୍ଦାପଡ଼ା ମେଡିକାଲରେ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ




**ଫୁଲବାଣୀ,୧୩।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ବାଲନ୍ଦାପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଅଭାବ ପାଇଁ ଅଂଚଳରେ ରୋଗୀସେବା ବିପର୍ଯ୍ୟସ୍ତ ହୋଉପଡ଼ିଛି। ଦୀର୍ଘ ଦିନ ଧରି ଏହି ମେଡ଼ିକାଲରେ ଡାକ୍ତର ନଥିବାରୁ ମେଡିକାଲଟି ଜଣେ ଫାର୍ମାସିଷ୍ଟଙ୍କ ଭରସାରେ ଚାଲିଛି। ଯାହା ପାଇଁ ଅଞ୍ଚଳର ଲୋକ ମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ଶୁକ୍ରବାର ଏହି ମେଡିକାଲ ରେ ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତି ଓ ଅନ୍ୟାନ୍ୟ ପଦବୀ ପୂରଣ ପାଇଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଅଂଚଳର କିଛି ସ୍ଥାନୀୟ ବାସିନ୍ଦାଙ୍କ ସହ ଜନ ପ୍ରତିନିଧି।

ସୂଚନା ଅନୁସାରେ ଏହି ବାଲନ୍ଦାପଡା ମେଡିକାଲ ଟି ହେଉଛି ଶହେ ବର୍ଷ ରୁ ଉର୍ଦ୍ଧ ଏକ ପୁରାତନ ଡାକ୍ତର ଖାନା ଏହି ଡାକ୍ତର ଖାନା ଉପରେ ଅଂଚଳର ପାଞ୍ଚ ଗୋଟି ପଂଚାୟତର ଲୋକ ନିର୍ଭର କରିଥାନ୍ତି। ଏହି ଡାକ୍ତର ଖାନରେ ଦୁଇଜଣ ଡାକ୍ତର ଙ୍କ ସହ ଦୁଇଜଣ ଫାର୍ମାସିଷ୍ଟ, ଦୁଇଜଣ ଷ୍ଟାପ ନର୍ସ, ଚାରି ଜଣ ମେଡିକାଲ ସହଯୋଗୀ ଦୁଇଜଣ ସୁଇପର ଙ୍କ ସହ ଜଣେ ରୋଷେଇଆ ରହିବା କଥା। କିନ୍ତୁ କିଛିବର୍ଷ ହେଲା ଡାକ୍ତର ଖାନରେ ଜଣେ ହେଲେ ଡାକ୍ତର ନଥିବା ବେଳେ ବିଭିନ୍ନ ପଦବୀ ଖାଲି ରହିଛି କେବଳ ଜଣେ ଫାର୍ମାସିଷ୍ଟଙ୍କ ଭରସାରେ ଡାକ୍ତର ଖାନାଟି ଚାଲିଛି। ଯାହାପାଇଁ ରୋଗୀ ଶେବା ସମ୍ପୂର୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଅଂଚଳର ରୋଗୀମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପଟେ ଏହି ମେଡିକାଲ ପରିସରରେ କୋଟିଏରୁ ଉର୍ଦ୍ଧ ଟଙ୍କା ବ୍ୟୟ ଅଟକଳରେ ଏକ ଶହେ ଶଯ୍ୟା ବିଶିଷ୍ଟ ମେଡିକାଲ କୋଠା ନିର୍ମାଣ କରାଯାଇଛି। ଦୀର୍ଘ ଦିନ ଧରି ମେଡିକାଲର କାମ ସମ୍ପୂର୍ଣ ହୋଇସାରିଥିଲେ ମଧ୍ୟ ବିବିଭାଗୀୟ ଅବହେଳା ପାଇଁ ମେଡିକାଲଟି ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ ଯାହାଫଳରେ ସ୍ଥାନୀୟ ଅଂଚଳରେ ଜନ ଅସନ୍ତୋଷ ଦେଖାଦେଇଛି। ଯଦି ଆଗାମୀ କହିଦିନ ମଧ୍ୟରେ ଯଦି ଏହି ମେଡ଼ିକାଲରେ ଡାକ୍ତର ନିଯୁକ୍ତି ଦିଆନଯାଏ ତାହେଲେ ସ୍ଥାନୀୟ ଜନସାଧାରଣ ବାଧ୍ୟ ହୋଇ ଆନ୍ଦୋଳନ କରିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି

## ବିଜେପିର ଜିଲ୍ଲା ପଦାଧିକାରୀମାନଙ୍କ ବୈଠକ




**ନବରଙ୍ଗପୁର,୧୩।୬ (ସଂଚାର ବ୍ୟୁରୋ):** ଆଜି ନବରଙ୍ଗପୁର ଜିଲ୍ଲା ଭାରତୀୟ ଜନତା ପାର୍ଟି ତରଫରୁ ସମସ୍ତ ଜିଲ୍ଲା ପଦାଧିକାରୀ, ମୋର୍ଚ୍ଚା ସଭାପତି ଓ ମଣ୍ଡଳ ପ୍ରଭାରୀ ମାନଙ୍କ ମାସିକ ବୈଠକ ଜିଲ୍ଲା ସଭାପତି ଶ୍ରୀ କୁଞ୍ଜବିହାରୀ ଦାଶ ଙ୍କ ସଭାପତିତ୍ୱ ରେ ନବରଙ୍ଗପୁର ସ୍ଥିତଭାରତୀୟ ଜନତା ପାର୍ଟି ର ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି,ଶ୍ରୀମତୀ ବାସନ୍ତୀ ମାଝୀ,ଅଧ୍ୟକ୍ଷ ସ୍ୱତନ୍ତ୍ର ଉନ୍ନୟନ ପରିଷଦ,ଉପାଧ୍ୟକ୍ଷ ଲିଙ୍ଗରାଜ ଭତ୍ରା,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗଦୀଶ ବିଷୋୟୀ, ଜିଲ୍ଲା ସାଧାରଣ ସମ୍ପାଦକ ଦେବଦାସ ମହାଙ୍କୁଡ,ଜ୍ୟୋତି ରଞ୍ଜନ କଂସ,ସୁରେଶ ଆଚାର୍ଯ୍ୟ,ଜିଲ୍ଲା ସମ୍ପାଦକ ସନ୍ତୋଷ ପାତ୍ର,ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ମନ୍ଦିରା ନାୟକ, କୃଷକ ମୋର୍ଚ୍ଚା ସଭାପତି ଜଗଦିଶ କଲାର,ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ବିରେନ୍ଦ୍ର ପୁଜାରୀ, ସଂଖ୍ୟା ଲଘୁମୋର୍ଚ୍ଚା ସଭାପତି ଶ୍ରୀ ପବିତ୍ର ଗରଡା,ଜିଲ୍ଲା ଉପସଭାପତି ସନାତନ ତ୍ରିପାଠୀ,ଜିଲ୍ଲା ଉପସଭାପତି ଅଚ୍ୟୁତାନନ୍ଦ ବିଷୋୟୀ, କୋଷାଧ୍ୟକ୍ଷ ଅନନ୍ତ ପଣ୍ଡା ,ମନୋହର ସେନା,ହରିମୋହନ ଶର୍ମା ଙ୍କ ସହ ଜିଲ୍ଲାର ସମସ୍ତ ପଦାଧିକାରୀ, ମୋର୍ଚ୍ଚା ସଭାପତି ଓ ମଣ୍ଡଳ ପ୍ରଭାରୀ ଉପସ୍ଥିତ ଥିଲେ। ଏହି ବୈଠକ ରେ କେନ୍ଦ୍ର ସରକାର ଙ୍କ ୧୨ ବର୍ଷ ର ଉପଲବ୍ଧି ଓ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ର ସଫଳ ରୂପାୟନ ସହ ସ୍ୱତନ୍ତ୍ର ସଘନ ସଂଶୋଧନ ଉପରେ ବିସ୍ତୃତ ଆଲୋଚନା କରାଯିବା ସହ ଆଗାମୀ ଦିନରେ କିଭଳି ଭାବରେ ସମାଜ ର ଅନ୍ତିମ ଧାଡି ରେ ଥିବା ଅନ୍ତିମ ଲୋକ ପର୍ଯ୍ୟନ୍ତ ସରକାର ଙ୍କ ଜନମଙ୍ଗଳ ଯୋଜନା ପହଞ୍ଚି ପାରିବ ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

## ବିକାଶର ଧାରା ଓଡ଼ିଶା ସାରା, ଦ୍ୱିତୀୟ ଦିବସରେ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା

**ଖୋର୍ଦ୍ଧା,୧୩।୬ (ସଂଚାର ବ୍ୟୁରୋ):** ଜିଲ୍ଲା ସଦର ମହକୁମା ଜୟୀ ରାଜଗୁରୁ ଟାଉନ୍ ହଲ୍ ଓ ସଦର ତହସିଲ ପରିସରରେ ଆରମ୍ଭ ହୋଇଥିବା ତିନିଦିନିଆ ବିକାଶର ଧାରା ଓଡ଼ିଶା ସାରା, ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ସମ୍ମିଳନୀ ଶନିବାର ଦ୍ୱିତୀୟ ଦିବସରେ ଟାଉନ୍ ହଲଠାରେ କୃଷି ଓ କୃଷକ ସଶକ୍ତ କରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଜୈବିକ କୃଷି କର୍ମଶାଳା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜୈବିକ କୃଷି ର ମୂଳ ଧାରଣ ଓ ଗୁରୁତ୍ୱ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜୈବିକ ସାର ଓ ଜୈବ କୀଟନାଶକ ବ୍ୟବହାର, ପ୍ରାକୃତିକ ଚାଷ ପ୍ରଣାଳୀ, ଜୈବିକ ପ୍ରମାଣୀକରଣ ଓ ବଜାର ସୁଯୋଗ ଏବଂ ସଫଳ ଚାଷୀଙ୍କ ଅନୁଭୂତି ବିନିମୟକୁ ନେଇ ଅନୁଷ୍ଠିତ ହୋଇଯାଇଥିଲା। ବିଦବର କର୍ମଶାଳାରେ ସହକାରୀ ନିର୍ଦ୍ଦେଶିକା, ଉଦ୍ୟାନ କୃଷି ଶ୍ରେୟା ଶାଶ୍ୱତୀ, ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ, , ସରୋଜିବ ମହାପାତ୍ର, ମୃତ୍ତିକା ସଂରକ୍ଷଣ ଅଧିକାରୀ, ଶ୍ରୁତି ନନ୍ଦ, କୃଷି ଜିଲ୍ଲା ଅଧିକାରୀ ସୁବ୍ରତ ରଥ, ସହକାରୀ ନିବନ୍ଧକ, ସମବାୟ ସମିତି, ବି ମହାରଣା, ବ୍ଲକ ପଶୁ ଚିକିତ୍ସା ଅଧିକାରୀ, ଡାକ୍ତର ପ୍ରଜ୍ଞା ହରିଚନ୍ଦନ ଯୋଗଦେଇ କୃଷି ଓ କୃଷକ ସଶକ୍ତିକରଣ କୁ ଖୋର୍ଦ୍ଧା ଜିଲ୍ଲାକୁ ସମଗ୍ର ରାଜ୍ୟରେ ଏକ ନମ୍ବର କରିବା ସହ ବିକଶିତ ଓଡ଼ିଶା ଗଠନ ୨୦୩୬କୁ ସାକାର କରିବା ପାଇଁ ଅତିଥିମାନେ ଚାଷୀ କୃଷକମାନଙ୍କୁ ଆଧୁନିକ ଯନ୍ତ୍ରପାତି ବ୍ୟବହାର ସହ ଜୈବ ବିବିଧତା ପଦ୍ଧତିରେ ଚାଷ କାର୍ଯ୍ୟ କରି ମାଟି ମା'ର ସୁରକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିଥିମାନେ କହିଥିଲେ ମାଟି ମା'ର ସୁରକ୍ଷା ହେଲେ କୃଷି ବଞ୍ଚିବ ସେହିପରି କୃଷିଜାତ ଦ୍ରବ୍ୟ ସାମଗ୍ରୀର ବଜାର ବିପଣନ ଦିଗରେ ଓଏମ୍ଫେଡ, ନାଫେଡର ସହଭାଗିତା ଏବଂ ସମବାୟ ବିଭାଗ କମନ୍ ସର୍ଭିସ୍ କେନ୍ଦ୍ରର ସୁବିଧା ନେବାକୁ ସମବାୟ ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନତା କରାଯାଇଥିଲା। ଉଦ୍ୟାନ କୃଷିର ସଫଳତା ବିଭିନ୍ନ ଚାଷ ଫୁଲ ଚାଷ, ପନିପରିବା ଚାଷ, ଛତୁ ଚାଷ, ଅମୃତ ଭଣ୍ଡା, କଦଳୀ ଚାଷ, ଜିଆଖତ ଟାଙ୍କି ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସବସିଡ ଓ ଏହାର ଫାଇଦା ନେବା ଦିଗରେ ସହକାରୀ ନିର୍ଦ୍ଦେଶିକା, ଉଦ୍ୟାନ କୃଷି ଶ୍ରେୟା ଶାଶ୍ୱତୀ ତଥ୍ୟ ପ୍ରଦାନ କରିଥିଲେ।



## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ୭ଦିନିଆ ପ୍ରାଥମିକ ପ୍ରଶିକ୍ଷଣ

**ବାଲିପାଟଣା,୧୩।୬ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ପକ୍ଷରୁ ୭ ଦିନିଆ ପ୍ରାଥମିକ ପ୍ରଶିକ୍ଷଣ ବର୍ଗ ବାଲିପାଟଣା ବ୍ଲକ୍ ର ଆଳିଶି ଶାସନସ୍ଥିତ ଆର୍ତ୍ତତ୍ରାଣ ବିଦ୍ୟାନିକେତନ ପରିସରରେ ଅନୁଷ୍ଠିତ ହୋଇ ଯାଇଅଛି।

ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ସ୍ୱୟଂସେବକ ଏଥିରେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ୭ ଦିନ ଧରି ପ୍ରତିଦିନ ପ୍ରଭାତ ୪ଟାରୁ ଆରମ୍ଭ ହେଉଥିବା ଏହି ପ୍ରଶିକ୍ଷଣରେ ସଂସ୍କୃତ ମନ୍ତ୍ରଉଚ୍ଚାରଣ ସହ ଯୋଗ ଶିକ୍ଷା, ଦଣ୍ଡଚାଳନା ଏବଂ ବିଭିନ୍ନ ଶାରୀରିକ କ୍ରୀଡ଼ାର ଅଭ୍ୟାସ ଓ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ବୌଦ୍ଧିକ ଅଧିବେଶନ ମାଧ୍ୟମରେ ଦେଶଭକ୍ତି,ମାତୃବନ୍ଦନା, ପରିବାର ଓ ସମାଜ ପ୍ରତି କର୍ତ୍ତବ୍ୟବୋଧ ଏବଂ ବିଶ୍ୱ କଲ୍ୟାଣ ପାଇଁ ନିଜକୁ ସମର୍ପିତ କରିବାର ମୂଲ୍ୟବୋଧ ସମ୍ପର୍କରେ ପ୍ରଶିକ୍ଷିତ ଗୁରୁମାନେ ଆଲୋଚନା କରିଥିଲେ।

ପ୍ରଶିକ୍ଷଣ ସମୟରେ ଭାରତର ଆଧ୍ୟାତ୍ମିକ ପରମ୍ପରା, ସ୍ୱୟଂସେବକ ଜୀବନରେ ତ୍ୟାଗ, ଶୃଙ୍ଖଳା ଓ ସେବାର ମହତ୍ତ୍ୱ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସ୍ୱଇଚ୍ଛାରେ ସମାଜ ଓ ରାଷ୍ଟ୍ର ସେବାରେ ନିଜକୁ ନିୟୋଜିତ କରିବା ହିଁ ସଂଘର ମୂଳ ମନ୍ତ୍ର ବୋଲି ପ୍ରଶିକ୍ଷାର୍ଥୀ ମାନଙ୍କୁ ଅବଗତ କରାଯାଇଥିଲା।ସମାରୋପ ଅବସରରେ ନୂତନ ସ୍ୱୟଂସେବକମାନେ ମାତୃଭୂମି, ସମାଜ ଓ ଜନସେବା ପ୍ରତି ନିରନ୍ତର ଭାବେ ବ୍ରତୀ ରହିବାକୁ ସଂକଳ୍ପ ଗ୍ରହଣ କରିଥିଲେ।

## ବଣ୍ଡା ଓ ଦିଦାୟୀ ଆଦିମ ଜନଜାତିଙ୍କୁ ଭୋଟର ତାଲିକାରେ ସାମିଲ ପାଇଁ ସଚେତନତା ଅଭିଯାନ



**ମାଲକାନଗିରି,୧୩।୬ (ସଂଚାର ବ୍ୟୁରୋ):** ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱିପ ଆନୁକୂଲ୍ୟରେ ଏକ ବ୍ୟାପକ ତଥା ମାରାଥନ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ (ଏସଆଇଆର-୨୦୨୬) ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସବୁଠାରୁ ଦୁର୍ଗମ ତଥା ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତି ସମ୍ପ୍ରଦାୟର ଶତପ୍ରତିଶତ ଯୋଗ୍ୟ ନାଗରିକଙ୍କୁ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବା ପାଇଁ ପ୍ରଶାସନ ଏହି ବଡ଼ ଧରଣର ଅଭିଯାନ ଆରମ୍ଭ କରିଛି। ବିଶେଷ କରି ସମାଜର ମୁଖ୍ୟ ସ୍ରୋତରୁ ଦୂରରେ ଥିବା ବଣ୍ଡା ଓ ଦିଦାୟୀ ଆଦିମ ଜନଜାତି ଏବଂ କୋୟା ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଭୋଟର ଅଧିକାର ବିଷୟରେ ସଚେତନ କରାଯାଇଛି। ଜିଲ୍ଲାର ଖଇରପୁଟ ଏବଂ ପଡ଼ିଆ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ଏହି ସ୍ୱତନ୍ତ୍ର ସଚେତନତା ଶିବିରମାନ ଆୟୋଜନ କରାଯାଇ ସ୍ଥାନୀୟ ଅଧିବାସୀଙ୍କୁ ନିଜର ମତାଧିକାର ସାବ୍ୟସ୍ତ କରିବା ପାଇଁ ଉତ୍ସାହିତ କରାଯାଇଛି।

ଏହି ମେଗା ସଚେତନତା ଅଭିଯାନ ମାଲକାନଗିରି ଉପଜିଲ୍ଲାପାଳ ତଥା ଜିଲ୍ଲା ସ୍ୱିପ ନୋଡାଲ ଅଫିସର ଦୁର୍ଯ୍ୟୋଧନ ଭୋଇଙ୍କ ପ୍ରତ୍ୟେକ୍ଷ ନେତୃତ୍ୱ ଓ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏହି ଫିଲ୍ଡ ଆଉଟରିଚ୍ କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ ସ୍ତରର ଅନେକ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁଦୂର ଆଦିବାସୀ ଅଞ୍ଚଳ ଗସ୍ତ କରି ସ୍ଥାନୀୟ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଇରପୁଟ ବ୍ଲକ ଉନ୍ନୟନ ଅଧିକାରୀ ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ଏବଂ କୁଡୁମୁଲୁଗୁମ୍ମା ତହସିଲଦାର ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ଯୋଗ ଦେଇ ଭୋଟର ତାଲିକା ପ୍ରସ୍ତୁତି ଏବଂ ସଂଶୋଧନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ତାଙ୍କ ସହିତ ପାଡ଼ିଆ ବ୍ଲକ ଉନ୍ନୟନ ଅଧିକାରୀ ତଥା ଏଇଆରଓ ଅଶ୍ୱିନୀ କୁମାର ମହାପାତ୍ର, ମାଲକାନଗିରି ସହକାରୀ ଜିଲ୍ଲାପାଳ ତଥା ଏଇଆରଓ କେ. ଅଶୋକ ଚକ୍ରବର୍ତ୍ତୀ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗୀ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି କିଭଳି ନିଜ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିପାରିବେ, ସେ ସମ୍ପର୍କରେ ସରଳ ଭାଷାରେ ବୁଝାଇଥିଲେ।

ବଣ୍ଡା ଜନଜାତିଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ମୁଦୁଲିପଡ଼ା ସ୍ଥିତ ବଣ୍ଡା ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ନିଜର ସମ୍ପୂର୍ଣ୍ଣ ଟିମ୍ ସହିତ ଏହି ଅଭିଯାନରେ ସାମିଲ ହୋଇଥିଲେ। ଆଦିମ ଜନଜାତିଙ୍କ ଭାଷା ଓ ସଂସ୍କୃତିକୁ ଧ୍ୟାନରେ ରଖି ସେମାନଙ୍କୁ ବୁଝାଯାଇଥିଲା ଯେ, ଗଣତନ୍ତ୍ରରେ ସେମାନଙ୍କର ଗୋଟିଏ ଗୋଟିଏ ଭୋଟର କେତେ ମୂଲ୍ୟ ରହିଛି। ଶିବିରରେ ଉପସ୍ଥିତ ଅଧିକାରୀମାନେ ନୂତନ ଭୋଟର ନାମ ପଞ୍ଜୀକରଣ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ଭୋଟର କାର୍ଡରେ ଥିବା ଭୁଲ୍ ସଂଶୋଧନ କରିବା ପ୍ରକ୍ରିୟା ଉପରେ ଡେମୋ ମାଧ୍ୟମରେ ସୂଚନା ଦେଇଥିଲେ।

SANCHAR
ସଂଚାର
ରବିବାର ୧୪ ଜୁନ୍ ୨୦୨୬
ସ୍ୱାସ୍ଥ୍ୟ




# ଭସ୍ତ୍ରିକା ପ୍ରାଣାୟମ୍ ଶରୀର ପାଇଁ ବହୁ ଉପକାରୀ

ଭସ୍ତ୍ରିକା ପ୍ରାଣାୟମ୍ ଅଭ୍ୟାସଦ୍ୱାରା ଶରୀରର ବିଷାକ୍ତ ଦ୍ରବ୍ୟଗୁଡ଼ିକ ଜଳିଯାଏ ଏବଂ ବାତ, ପିତ୍ତ, କଫ ରୋଗରୁ ଶରୀର ମୁକ୍ତ ହୁଏ। ଫୁସ୍‌ଫୁସ୍‌ରେ ବାୟୁ ଶୀଘ୍ର ବିନିମୟ ହେବାଦ୍ୱାରା ରକ୍ତ ସ୍ରୋତରେ ମଧ୍ୟ ଅମ୍ଳଜାନ ଓ ଅଙ୍ଗାରକାମ୍ଳ ବିନିମୟରେ ବୃଦ୍ଧି ହୁଏ। ସ୍ତ୍ରୀ ଲୋକମାନେ ସନ୍ତାନ ଜନ୍ମ ସମୟରେ ଏହାକୁ ବ୍ୟବହାର କରିପାରିବେ। ଶ୍ୱାସ ରୋଗୀଙ୍କ ପାଇଁ ବା ଫୁସ୍‌ଫୁସ୍‌ର ଅନ୍ୟ ସମସ୍ୟା ଥିଲେ ଏହା ଏକ ଉତ୍ତମ ଅଭ୍ୟାସ। ଗଳାଫୁଲା ବା କଫ ଜମାହେଲେ କମାଇ ଦିଏ। ସ୍ନାୟୁ ତନ୍ତ୍ରରେ ଭାରସାମ୍ୟ ଆଣେ ଏବଂ ଶକ୍ତିଶାଳୀ କରେ, ମନ ଶାନ୍ତ ଓ ସ୍ମରଣ ଶକ୍ତି ବଢ଼ାଇଥାଏ ବୋଲି ଯୋଗୁ ଗୁରୁ ଗଣେଶ୍ୱର ଗୋଚ୍ଛିକାର କହନ୍ତି।

- ଯେ କୌଣସି ଆରାମଦାୟକ ଧ୍ୟାନାସନରେ ବସ, ପଦ୍ମାସନ ବା ଅର୍ଦ୍ଧ ପଦ୍ମାସନ ହେଲେ ମଧ୍ୟ ଭଲ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରହିବ।
- ମୁଣ୍ଡ ଓ ମେରୁଦଣ୍ଡ ସିଧା ରଖନ୍ତୁ, ଆଖି ବନ୍ଦ କରନ୍ତୁ ଓ ପୂରା ଦେହ ଢ଼ିଲା କରନ୍ତୁ
- ଗଭୀର ନିଶ୍ୱାସ ନିଅନ୍ତୁ ଏବଂ ଜୋର୍‌ରେ ନାକବାଟେ ଛାଡ଼ନ୍ତୁ
- ତା'ପରେ ସଙ୍ଗେ ସଙ୍ଗେ ଜୋର୍‌ରେ ନିଶ୍ୱାସ ନିଅନ୍ତୁ
- ନିଶ୍ୱାସ ନେଲାବେଳେ ମଧ୍ୟଛେଦ ତଳକୁ ଖସିବ ଏବଂ ପେଟ ପଦାକୁ ବାହାରିବ
- ଏହି ସବୁ ଗତି ସାମାନ୍ୟ ବର୍ଦ୍ଧିତ ଆକାରରେ ହେବ
- ଏହିପରି ଭାବେ ୧୦ ଗଣିବା ପର୍ଯ୍ୟନ୍ତ ନିଶ୍ୱାସ ଜାରି ରଖନ୍ତୁ
- ଦଶଥର ନିଶ୍ୱାସ ପରେ ଗଭୀର ନିଶ୍ୱାସ ନିଅନ୍ତୁ ଓ ଧୀରେ ଛାଡ଼ନ୍ତୁ
- ପ୍ରଥମେ ବାମ ନାସାରନ୍ଧ୍ରକୁ ବୁଢ଼ା ଆଙ୍ଗୁଳିରେ ବନ୍ଦ କରି ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ
- ସେହିପରି ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ନେଇ ଜୋର୍‌ରେ ଛାଡ଼ନ୍ତୁ
- ସେହିପରି ଦୁଇ ନାସାରନ୍ଧ୍ର ବାଟେ ଜୋର୍‌ରେ ୧୦ ଥର ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ

ଏହିପରି ବାରମ୍ବାର ଏହି ଅଭ୍ୟାସକୁ ଜାରି ରଖନ୍ତୁ।

**ସାବଧାନତା:** ଅଚେତ ହେଲା ଭଳି ଅନୁଭବ କଲେ, ଖୁବ୍ ଝାଳ ବାହାରିଲେ କିମ୍ବା ବାନ୍ତି ହେଲେ ଭଳି ଲାଗିଲେ ଜଣାଯିବ ଯେ ଅଭ୍ୟାସ ଠିକ୍ ହେଉନାହିଁ। ଅତ୍ୟଧିକ ଜୋର୍‌ରେ ନିଶ୍ୱାସ ନେବ ନାହିଁ। ମୁଖ ବିକୃତ ବା ଅତ୍ୟଧିକ ଦେହ ଥରିବା ଇତ୍ୟାଦି ଯେପରି ନ ହୁଏ। ଏପରି କିଛି ଲକ୍ଷଣ ଦେଖାଗଲେ ଯୋଗ ଶିକ୍ଷକଙ୍କ ପରାମର୍ଶ ନିଅନ୍ତୁ। ଏହି ପ୍ରାଣାୟମ୍‌ଦ୍ୱାରା ରକ୍ତ ଶୁଦ୍ଧ ହୁଏ ଓ ମୁଖ ଉଜ୍ଜଳ ଦେଖାଯାଏ। ଭସ୍ତ୍ରିକା ଗୋଟିଏ ଅତି ଗତିଶୀଳ ଅଭ୍ୟାସ ଯେଉଁଥିରେ ବେଶ୍ ଦୈହିକ ଶକ୍ତି ଖର୍ଚ୍ଚ ହୁଏ।

**ବିପରୀତ ସୂଚନା:** ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ହାର୍ନିଆ, ଅପସ୍ମାର ବା ମୁଣ୍ଡ ଘୂରାରେ ଆକ୍ରାନ୍ତ ଥିଲେ ଏହି ଅଭ୍ୟାସ କରିବେ ନାହିଁ। ଶ୍ୱାସ ରୋଗ ଭଳି ଫୁସ୍‌ଫୁସ୍‌ର ରୋଗ, ବହୁକାଳିନ ବ୍ରୋଙ୍କାଇଟିସ୍ କିମ୍ବା ଯକ୍ଷ୍ମାରୁ ଆରୋଗ୍ୟ ଲାଭ କରିଥିବା ବ୍ୟକ୍ତି ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶରେ ଏହି ଅଭ୍ୟାସ କରିବେ।



# ଉତ୍ତପମ୍ ପ୍ରସ୍ତୁତ କରିବାର ସହଜ ଉପାୟ

ପ୍ରବଳ ଥଣ୍ଡା ପଡ଼ିଛି। ଏହି ଥଣ୍ଡା ପାଗରେ ସକାଳ ହେଉ ଅବା ସନ୍ଧ୍ୟା ଜଳଖିଆରେ କମ ସମୟରେ କିଛି ଗରମାଗରମ ଖାଦ୍ୟ ଖାଇବାକୁ ନଚେତ ଖୁଆଇବାକୁ ଚାହୁଁଥିଲେ ପ୍ରସ୍ତୁତ କରନ୍ତୁ ଆଳୁ ଉତ୍ତପମ। ଆଳୁ ଉତ୍ତପମ ତିଆରି କରିବା ପଦ୍ଧତି ଖୁବ ସହଜ ।

**ଆଳୁ ଉତ୍ତପମ୍ ତିଆରି କରିବା ପାଇଁ ଆବଶ୍ୟକ ସାମଗ୍ରୀ**

ସିଝା ଆଳୁ - ୪-୫ଟି, ପିଆଜ - ୧, କୋରା ହୋଇଥିବା ପନିର – ୨ରୁ ୩ ଚାମଚ, ମଇଦା - ୧ ଚାମଚ, ଚୁଡ଼ା - ୧ ଚାମଚ, ଅଦା-ରସୁଣ ପେଷ୍ଟ - ୧ ଚାମଚ, ସୋରିଷ - ୧/୨ ଚାମଚ, ଲାଲ ଲଙ୍କା ଗୁଣ୍ଡ - ୧ ଚାମଚ, କଟା ଧନିଆ ପତ୍ର - ୨ ଚାମଚ, ତେଲ - ୨ ଚାମଚ, ଲୁଣ - ସ୍ୱାଦ ଅନୁସାରେ

ଆଳୁ ଉତ୍ତପମ୍ ତିଆରି କରିବା ପାଇଁ ପ୍ରଥମେ ଆଳୁକୁ ଭଲ ଭାବରେ ସିଝାଇ ଚକଟି ଦିଅନ୍ତୁ। ପୂର୍ବରୁ ପାଣିରେ ଭିଜାଇ ରଖିଥିବା ଚୁଡ଼ାକୁ ଚିପୁଡ଼ି ସେଥିରେ ମିଶାଇ ଦିଅନ୍ତୁ। କଟା ପିଆଜ, ଅଦା-ରସୁଣ ପେଷ୍ଟ, କଟା ଧନିଆ ପତ୍ର, ସୋରିଷ, କର୍ଣ୍ଣଫ୍ଲୋର ଏବଂ ଅନ୍ୟାନ୍ୟ ମସଲା ପକାଇ ଭଲ ଭାବରେ ମିଶାନ୍ତୁ। ତାୱା ଗରମ କରି ତେଲ ପକାଇ ସେଥିରେ ଉକ୍ତ ପେଷ୍ଟକୁ ଛୋଟଛୋଟ ଚକୁଳି ଆକୃତିରେ କରନ୍ତୁ। ଗୋଟିଏ ପରେ ଏପରି କରି ଗରମାଗରମ ପ୍ରସ୍ତୁତ କରନ୍ତୁ ଆଳୁ ଉତ୍ତପମ୍।





# ଆଣ୍ଠୁଗଣ୍ଠି ସମସ୍ୟା ପୀଡ଼ିତ ଅଛନ୍ତି କି?

ଥଣ୍ଡା ପାଗର ସିଧାସଳଖ ପ୍ରଭାବ ମସ୍କୁଲୋସ୍କେଲିଟାଲ ସିଷ୍ଟମ ଉପରେ ପଡ଼ିଥାଏ। ତାପମାତ୍ରା ହ୍ରାସ ପାଇବା ସହିତ ଆମର ଶରୀର ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ରକ୍ତ ପ୍ରବାହ ନିର୍ଦ୍ଦେଶିତ କରି ତାପ ସଂରକ୍ଷଣ କରିବାକୁ ଚେଷ୍ଟା କରେ, ଯାହା ଫଳରେ ହାତ, ଆଣ୍ଠୁ ଓ ପାଦ ଭଳି ପ୍ରତ୍ୟଙ୍ଗରେ ରକ୍ତ ସଞ୍ଚାଳନ ହ୍ରାସ ପାଇଥାଏ। ହ୍ରାସ ପ୍ରାପ୍ତ ରକ୍ତ ପ୍ରବାହ ସନ୍ଧି କଠିନତା, ମାଂସପେଶୀ କଠିନତା ଏବଂ ହାଡ଼ ଯନ୍ତ୍ରଣାର କାରଣ ହୋଇଥାଏ।

ଶୀତ ଦିନରେ ଆଣ୍ଠୁଗଣ୍ଠି ଯନ୍ତ୍ରଣା, ଅଣ୍ଟା ଓ ପିଠି ବାତ ରୋଗ, ସକାଳ ସମୟରେ ପାଦ ଓ ଆଣ୍ଠୁ ଯନ୍ତ୍ରଣା ବଢ଼ିବା, କାନ୍ଧ ସନ୍ଧି ଚାରିପାଖରେ ମାଂସପେଶୀ ସଙ୍କୋଚନ, ବୟସ୍କ ବ୍ୟକ୍ତିଙ୍କ ହାଡ଼ର ଘନତ୍ୱ ଓ ମାଂସପେଶୀର ନମନୀୟତା ହ୍ରାସ ଭଳି ସମସ୍ୟା ଅଧିକ ଦେଖାଯାଏ। ହାଲୁକା ଷ୍ଟ୍ରେଚିଂ କିମ୍ବା ଯୋଗାଭ୍ୟାସ କରିବା, ନିଜକୁ ଉଷ୍ମ ରଖିବା, ମଜବୁତ ହାଡ଼ ପାଇଁ କ୍ୟାଲସିଅମ, ଭିଟାମିନ ଡି ଓ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବା ଏବଂ ପର୍ଯ୍ୟାପ୍ତ ପାଣି ପିଇବା ଭଳି ପଦକ୍ଷେପ ଦ୍ୱାରା ଏହିସବୁ ସମସ୍ୟାକୁ ଲାଘବ କରିହେବ।

ଆଧୁନିକ ଜୀବନ ଶୈଳୀ ଯୋଗୁଁ ହାଡ଼ ଜନିତ ସମସ୍ୟା ଅଧିକାଂଶଙ୍କ ଠାରେ ଦେଖିବାକୁ ମିଳୁଛି। ବୟସ ବଢ଼ିବା ସହ ଶରୀରରେ ହାଡ଼ ଦୁର୍ବଳ ହେବାକୁ ଲାଗିଥାଏ, ଯାହାକୁ ଚିକିତ୍ସା ବିଜ୍ଞାନ ଭାଷାରେ ଅଷ୍ଟିଓପୋରୋସିସ୍ କୁହାଯାଉଛି। ତେଣୁ କ୍ୟାଲସିଅମଯୁକ୍ତ ଖାଦ୍ୟ ସାମିଲ କରନ୍ତୁ, ପ୍ରାକୃତିକ ଆଣ୍ଟି-ଇନ୍‌ଫ୍ଲାମେଟରି ଖାଦ୍ୟ ଯୋଡ଼ନ୍ତୁ ଏବଂ ପହଁରିବା, ସାଇକେଲ ଚଲାଇବା ଓ ଘର ଭିତରେ ଚାଲିବା ଭଳି ବ୍ୟାୟାମ ଦ୍ୱାରା ସନ୍ଧିଗୁଡ଼ିକୁ ସକ୍ରିୟ ରଖନ୍ତୁ। ଘରେ ବସି ରହୁଥିବା ବୟସ୍କମାନଙ୍କ ଓଜନ ବଢ଼ିବା ଯୋଗୁଁ ଗଣ୍ଠି ଉପରେ ଚାପ ପଡ଼ିଥାଏ। ତେଣୁ ଏହି ଋତୁରେ ସେମାନଙ୍କ ଉଠିବା, ଚାଲିବା, ବସିବା ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ। ଏହି ଋତୁ ଆସିବା ପୂର୍ବରୁ ସେମାନଙ୍କ ଶରୀରରେ ଭିଟାମିନ୍-ଡି, ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଅଛି କି ନାହିଁ ପ୍ରଥମେ ପରୀକ୍ଷା କରିନେବା ଜରୁରି। ଫିଜିଓଥେରାପି କରିବା, କମୋଡ୍ ପାଇଖାନା ବ୍ୟବହାର କରିବା ଆଦି ଉପରେ ଅଧିକ ଧ୍ୟାନ ଦେବା ଦରକାର।

# ଗୁଡ଼ ରାଶି ଲଡୁ

## ସ୍ୱାସ୍ଥ୍ୟ ଉପରେ ଭଲ ପ୍ରଭାବ ପକାଏ



ଶୀତ ଋତୁରେ ଅନେକ ଲୋକ ବହୁତ ଉତ୍ସାହର ସହ ଗୁଡ଼ ରାଶି ଲଡୁ ଖାଆନ୍ତି। ହୁଏତ ଆପଣ ଜାଣିନଥିବେ ଗୁଡ଼ ରାଶି ଲଡୁ କେବଳ ସ୍ୱାଦିଷ୍ଟ ନୁହେଁ ବରଂ ସ୍ୱାସ୍ଥ୍ୟ ଉପରେ ମଧ୍ୟ ବହୁତ ସକରାତ୍ମକ ପ୍ରଭାବ ପକାଇଥାଏ। ଗୁଡ଼ ରାଶି ଲଡୁରେ କ୍ୟାଲସିୟମ୍, ଆଇରନ୍, ଫାଇବର, ଜିଙ୍କ ଏବଂ ପ୍ରୋଟିନ୍ ସମେତ ଅନେକ ପୋଷକତତ୍ତ୍ୱ ଭଲ ପରିମାଣରେ ରହିଥାଏ। ଯଦି ଆପଣ ପ୍ରତିଦିନ ତିଳର ଗୁଡ଼ ରାଶି ଲଡୁ ଖାଇବା ଆରମ୍ଭ କରନ୍ତି ତେବେ ଆପଣ କିଛି ସପ୍ତାହ ମଧ୍ୟରେ ହିଁ ନିଜ ସ୍ୱାସ୍ଥ୍ୟରେ ଉନ୍ନତି ଅନୁଭବ କରିପାରିବେ। ଥଣ୍ଡାକୁ ରୋକିବା- ଶୀତଦିନେ ଆପଣ ଥଣ୍ଡାକୁ ରୋକିବା ପାଇଁ ଅର୍ଥାତ୍ ଶରୀରକୁ ଭିତରୁ ଗରମ ରଖିବା ପାଇଁ ରାଶି ଲଡୁ ଖାଇପାରିବେ। କେବଳ ସେତିକି ନୁହେଁ, ରାଶି ଲଡୁ ଖାଇବା ଦ୍ୱାରା ଆପଣ ଦିନସାରା ଶକ୍ତିଶାଳୀ ଅନୁଭବ କରିବେ। ରାଶି ଏବଂ ଗୁଡ଼ ଲଡୁ ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଲାଭଦାୟକ ହୋଇଥାଏ ବୋଲି ବିବେଚନା କରାଯାଏ। କୋଷ୍ଠକାଠିନ୍ୟ ଏବଂ ଗ୍ୟାସ୍ ଭଳି ପେଟସମସ୍ୟାରୁମୁକ୍ତିପାଇବାପାଇଁଶୀତଦିନେଏହିଲଡୁଖାଇବାଆରମ୍ଭକରନ୍ତୁ।

**ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରନ୍ତୁ:** ଶୀତ ଋତୁରେ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ହେତୁ ଆପଣ ବାରମ୍ବାର ଅସୁସ୍ଥ ହେଉଛନ୍ତି? ଯଦି ହଁ, ତେବେ ଜାଣିରଖନ୍ତୁ ପୋଷକ ତତ୍ତ୍ୱ ଭରପୂର ଗୁଡ଼ ରାଶି ଲଡୁ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବାରେ ସହାୟକ ହୋଇପାରେ। ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ମଧ୍ୟ ଆପଣ ରାଶି ଏବଂ ଗୁଡ଼ ଲଡୁକୁ ନିଜ ଦୈନନ୍ଦିନ ଡାଏଟ୍ ପ୍ଲାନର ଏକ ଅଂଶ କରିପାରିବେ।

**ହାଡ ପାଇଁ ଲାଭଦାୟକ:** ଯେଉଁମାନେ ନିଜ ହାଡକୁ ଦୃଢ ଏବଂ ଶକ୍ତିଶାଳୀ ରଖିବାକୁ ଚାହାଁନ୍ତି, ସେମାନେ ଶୀତଦିନେ ରାଶି ଏବଂ ଗୁଡ଼ ଲଡୁ ଖାଇବା ନିହାତି ଜରୁରୀ। ଶୀତ ଋତୁରେ ଗଣ୍ଠି ଯନ୍ତ୍ରଣା ଭଳି ସମସ୍ୟାର ଆଶଙ୍କା ମଧ୍ୟ ଅନେକ ଗୁଣ ବଢ଼ି ଯାଇଥାଏ। ରାଶି ଏବଂ ଗୁଡ଼ ଲଡୁ ଗଣ୍ଠି ଯନ୍ତ୍ରଣା ସମସ୍ୟାକୁ ରୋକିପାରେ। ମୋଟାମୋଟି ଭାବେ କହିବାକୁ ଗଲେ, ରାଶି ଗୁଡ଼ ଲଡୁକୁ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ଖାଇବା ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ସାବ୍ୟସ୍ତ ହୋଇପାରେ।

# ସ୍ୱାସ୍ଥ୍ୟସେବାରେ ଏଆଇର ପ୍ରଭାବ

୨୦୨୫ ମସିହାରେ, ଏଆଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି, ଯାହା ଲୋକଙ୍କ ଜୀବନକୁ ପୂର୍ବ ଅପେକ୍ଷା ଅଧିକ ଆରାମଦାୟକ କରିଛି। ଆସନ୍ତୁ ଅନୁସନ୍ଧାନ କରିବା ଯେ ଏହା ଦ୍ୱାରା ସ୍ୱାସ୍ଥ୍ୟସେବା କିପରି ପ୍ରଭାବିତ ହୋଇଛି। କୃତ୍ରିମ ବୁଦ୍ଧିମତ୍ତା, ବା ଏଆଇ, ଅନ୍ୟାନ୍ୟ କ୍ଷେତ୍ର ପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗଭୀର ଭାବରେ ପ୍ରବେଶ କରିଛି। ଆଜି, ଏହି ପ୍ରଯୁକ୍ତିବିଦ୍ୟା ଆଉ କେବଳ ଏକ ସହାୟକ ଉପକରଣ ନୁହେଁ, ବରଂ ସମଗ୍ର ଚିକିତ୍ସା ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ରୋଗ ଚିହ୍ନଟ କରିବା ଠାରୁ ରୋଗୀଙ୍କ ଯତ୍ନ ଏବଂ ନୂତନ ଔଷଧ ଆବିଷ୍କାର ପର୍ଯ୍ୟନ୍ତ ଏଆଇ ଆମର କାର୍ଯ୍ୟ ପଦ୍ଧତିକୁ ପରିବର୍ତ୍ତନ କରିଛି।

**ପରୀକ୍ଷଣ ଦ୍ରୁତ ଏବଂ ଅଧିକ ନିର୍ଭରଯୋଗ୍ୟ**

ଏଆଇର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ବିପୁଳ ଏବଂ ଜଟିଳ ଚିକିତ୍ସା ତଥ୍ୟକୁ ଶୀଘ୍ର ପ୍ରକ୍ରିୟାକରଣ କରିବାର କ୍ଷମତା। ଏକ୍ସ-ରେ, CT ସ୍କାନ୍ ଏବଂ ଏମଆରଆଇ ପରି ରିପୋର୍ଟଗୁଡ଼ିକୁ ଏବେ କିଛି ସେକେଣ୍ଡ ମଧ୍ୟରେ ବିଶ୍ଳେଷଣ କରାଯାଏ, ଯାହା ଡାକ୍ତରମାନଙ୍କୁ ଏପରି ସୂଚନା ଚିହ୍ନଟ କରିବାରେ ସକ୍ଷମ କରିଥାଏ ଯାହା ପ୍ରାୟତଃ ମଣିଷ ଆଖି ଦ୍ୱାରା ହଜିଯାଏ। ଷ୍ଟ୍ରୋକ୍ ଭଳି ଜରୁରୀକାଳୀନ ପରିସ୍ଥିତିରେ, ଏଆଇ-ଆଧାରିତ ସିଷ୍ଟମଗୁଡ଼ିକ ସମୟୋଚିତ ଏବଂ ସଠିକ୍ ସୂଚନା ପ୍ରଦାନ କରି ଚିକିତ୍ସାକୁ ତ୍ୱରାନ୍ୱିତ କରୁଛି। କର୍କଟ ରୋଗ କ୍ଷେତ୍ରରେ, ଏଆଇ ଟିସୁ ନମୁନା ପରୀକ୍ଷା କରି ଏବଂ ପ୍ରାରମ୍ଭିକ, ଚିକିତ୍ସାଯୋଗ୍ୟ ପର୍ଯ୍ୟାୟରେ ରୋଗ ଚିହ୍ନଟ କରି ଟ୍ୟୁମରର ଗମ୍ଭୀରତା ମୂଲ୍ୟାଙ୍କନରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

**ପ୍ରତ୍ୟେକ ରୋଗୀଙ୍କ ପାଇଁ ଭିନ୍ନ ଭିନ୍ନ ଚିକିତ୍ସା**

ଏଆଇ ବ୍ୟକ୍ତିଗତ ଚିକିତ୍ସାକୁ ବାସ୍ତବତାରେ ପରିଣତ କରିଛି। ରୋଗୀଙ୍କ ଚିକିତ୍ସା ଇତିହାସ, ଜୀବନଶୈଳୀ ଏବଂ ଜେନେଟିକ୍ ସୂଚନା ଆଧାରରେ ଚିକିତ୍ସା ବର୍ତ୍ତମାନ ପ୍ରସ୍ତୁତ କରାଯାଉଛି। ବିଶେଷକରି ଜଟିଳ ଏବଂ ବିରଳ ରୋଗ ପାଇଁ, ଏଆଇ ଡାକ୍ତରମାନଙ୍କୁ ରୋଗର ମୂଳ କାରଣ ବୁଝିବାରେ ସାହାଯ୍ୟ କରେ। ଏହା ଚିକିତ୍ସାକୁ ଅଧିକ ସଠିକ କରିଥାଏ ଏବଂ ଅନାବଶ୍ୟକ ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିଥାଏ। ଏହା ବ୍ୟତୀତ, ଏଆଇ ଗବେଷକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ରୋଗ ପାଇଁ କେଉଁ ଯୌଗିକଗୁଡ଼ିକ ଅଧିକ ପ୍ରଭାବଶାଳୀ ହୋଇପାରେ ତାହା ଚିହ୍ନଟ କରିବାରେ ମଧ୍ୟ ସାହାଯ୍ୟ କରୁଛି, ଯାହା ନୂତନ ଔଷଧର ବିକାଶକୁ ପୂର୍ବ ଅପେକ୍ଷା ଦ୍ରୁତ କରିଛି।

**ହସ୍ପିଟାଲଗୁଡ଼ିକର ବ୍ୟବସ୍ଥା ମଧ୍ୟ ସ୍ମାର୍ଟ ହୋଇଗଲା**

ଚିକିତ୍ସା ବ୍ୟତୀତ, ଏଆଇ ଆଭ୍ୟନ୍ତରୀଣ ହସ୍ପିଟାଲ ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭାବରେ ସୁଗମ କରିଛି। ରୋଗୀ-ଡାକ୍ତରଙ୍କ କଥାବାର୍ତ୍ତାକୁ ସ୍ୱୟଂଚାଳିତ ଭାବରେ ରେକର୍ଡ କରିବା ଏବଂ ସେଗୁଡ଼ିକୁ ସ୍ୱାସ୍ଥ୍ୟ ରେକର୍ଡରେ ଅନ୍ତର୍ଭୁକ୍ତ କରିବା ସହଜ ହୋଇଛି। ପୂର୍ବାନୁମାନିକ ତଥ୍ୟ ହସ୍ପିଟାଲଗୁଡ଼ିକୁ ଜରୁରୀକାଳୀନ ଶଯ୍ୟା ଉପଲବ୍ଧତା, କର୍ମଚାରୀ ପରିଚାଳନା ଏବଂ ରୋଗୀଙ୍କ ଆବଶ୍ୟକତାକୁ ଭଲ ଭାବରେ ପରିଚାଳନା କରିବାକୁ ସକ୍ଷମ କରିଛି।

**ରୋଗୀଙ୍କ ଅଭିଜ୍ଞତା ମଧ୍ୟ ପରିବର୍ତ୍ତନ ହେଲା**

ଏଆଇ ରୋଗୀଙ୍କ ଅଭିଜ୍ଞତାରେ ମଧ୍ୟ ଯଥେଷ୍ଟ ଉନ୍ନତି ଆଣିଛି। ଦୂରବର୍ତ୍ତୀ ମନିଟରିଂ ଉପକରଣଗୁଡ଼ିକ ରୋଗୀମାନଙ୍କୁ ସେମାନଙ୍କ ଘରେ ବସି ସେମାନଙ୍କ ହୃଦସ୍ପନ୍ଦନ, ରକ୍ତ ଶର୍କରା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପାରାମିଟରଗୁଡ଼ିକୁ ମନିଟର କରିବାକୁ ଅନୁମତି ଦିଅନ୍ତି। କୌଣସି ଅସ୍ୱାଭାବିକତା ହେଲେ ଡାକ୍ତରମାନେ ତୁରନ୍ତ ସତର୍କତା ପାଆନ୍ତି। ଏହା ବ୍ୟତୀତ, ଏଆଇ ରୋଗୀଙ୍କ ମତାମତ ବିଶ୍ଳେଷଣ କରି ସ୍ୱାସ୍ଥ୍ୟସେବା ଉନ୍ନତ କରିବାରେ ମଧ୍ୟ ସାହାଯ୍ୟ କରୁଛି।



ସଂଚାର SANCHAR

## ଗଛରେ ପିଟି ହେଲା ବାଇକ୍: ଜଣେ ମୃତ

**ରାଇକିଆ, ୧୩।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ରାଇକିଆ ଥାନା ଅନ୍ତର୍ଗତ ଚାଞ୍ଜେଡ଼ ଛକରେ ଏକ ବାଇକ୍ ରାସ୍ତା କଡ଼ ଗଛରେ ପିଟି ହେବା ଫଳରେ ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ସେହିପରି ଏଥିରେ ଆଉ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇ ରାଇକିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ମୃତକ ଜଣଙ୍କ ଲେଟକିଙ୍ଗିଆ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ମିଳିଥିବା ସୂଚନାନୁଯାୟୀ, କ. ନୂଆଁଗାଁ ଥାନା ଅନ୍ତର୍ଗତ ଲେଟକିଙ୍ଗିଆ ଗ୍ରାମରୁ ଏଗାର ଜଣ ଯୁବକ ବାଇକରେ କ୍ରିକେଟ୍ ଖେଳି ସାରି ଫେରୁଥିଲେ। ସେମାନଙ୍କ ମଧ୍ୟରୁ ତିନି ଜଣ ଯୁବକ ଗୋଟିଏ ବାଇକ୍‌ରେ ନିଜ ଗ୍ରାମକୁ ଫେରୁଥିବା ସମୟରେ ଚାଞ୍ଜେଡ଼ି ଛକରେ ଥିବା ଏକ ଗଛରେ ସେମାନଙ୍କ ବାଇକ୍ ପିଟି ହୋଇଥିଲା। ଏଥଇରେ ଘଟଣାସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତର ଆହତମାନଙ୍କୁ ରାଇକିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବା ସହ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିବା ଜଣାପଡ଼ିଛି।

## ଖଲିଆକାନି ଗ୍ରାମରେ, ଛତା ଓ ଚପଲ ବଣ୍ଟନ



**ଭବାନୀପାଟଣା, ୧୩।୬ (ସଂଚାର ବ୍ୟୁରୋ):** ଖଲିଆକାନି ଗ୍ରାମ ପଞ୍ଚାୟତରେ ଆଜି 'ବିନ୍ଦୁ ମିନା ସେବା ଫାଉଣ୍ଡେସନ' ପକ୍ଷରୁ ଏକ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରାୟ ୪୫୧ ଜଣ ହିତାଧିକାରୀଙ୍କୁ ଛତା ଓ ଚପଲ ବଣ୍ଟନ କରାଯାଇଥିଲା।ଗ୍ରୀଷ୍ମ ଋତୁର ତୀବ୍ର ଖରା ଓ ବର୍ଷା ଋତୁକୁ ଦୃଷ୍ଟିରେ ରଖି ଗରିବ ଓ ଅସହାୟ ଲୋକଙ୍କ ସହାୟତା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଫାଉଣ୍ଡେସନର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାଖୁ କେତକୀ, ସାଧାରଣ ସମ୍ପାଦକ ହେମନ୍ତ ବାଗ, ସମାଜସେବୀ ଗଙ୍ଗାଧର ରାଉତ, ଭାଗ୍ୟବାନ ବାଗ, ତେଜରାଜ ମେହେର, ସାଲେବନ ମଙ୍ଗରାଜ, ମହେନ୍ଦ୍ର ମଙ୍ଗରାଜ, ପିଣ୍ଟୁ ମେହେର ଓ ଗ୍ରାମବାସୀମାନେ ଉପସ୍ଥିତ ରହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ। ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଖରେ ପହଞ୍ଚି ସହାୟତା ଯୋଗାଇବା ଫାଉଣ୍ଡେସନର ମୁଖ୍ୟ ଲକ୍ଷ୍ୟ ବୋଲି ଆୟୋଜକ ବିନ୍ଦୁ ମହାନନ୍ଦ ପ୍ରକାଶ କରିଥିଲେ।

## ଜଳ ପାଇଁ ହାହାକାର
# ମାତ୍ର ୨ ନଳକୂପ ଭରସାରେ ଗାଁ



**ମୁନିଗୁଡ଼ା, ୧୩।୬(ସଂଚାର ବ୍ୟୁରୋ):** ଗୋଟିଏ ପଟେ ସରକାରଙ୍କ ଘର ଘର ଜଳ ଯୋଜନା, ଆଉ ଅନ୍ୟପଟେ ବୁନ୍ଦାଏ ପାଣି ପାଇଁ ତହଳବିକଳ ଅନେକ ଗାଁ। ସରକାରୀ ଦାବି ଓ ବାସ୍ତବ ଚିତ୍ର ମଧ୍ୟରେ କେତେ ଫରକ, ତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରାୟଗଡ଼ାରେ। କୋଟି କୋଟି ଟଙ୍କାର ମେଗା ଜଳ ପ୍ରକଳ୍ପ କାମ ସରୁନି। ପାଣି ଟୋପାଏ ପାଇଁ ଘଣ୍ଟା ଘଣ୍ଟା ଲାଇନ୍‌ରେ ଠିଆ ହେଉଛନ୍ତି ମହିଳା। ମୁନିଗୁଡ଼ା ବ୍ଲକ ତେଲେଙ୍ଗାପଦର ପଞ୍ଚାୟତର ଢେ଼ପାଗୁଡ଼ି ଗାଁ। ଏଠାରେ ବସବାସ କରୁଥିବା ପ୍ରାୟ ୩୦ରୁ ଅଧିକ ପରିବାର ପାଇଁ ମାତ୍ର ଦୁଇଟି ନଳକୂପ ହିଁ ଭରସା। ନଳକୂପ ବି ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ରହିଛି। ସେଥିରେ ପୁଣି ଗୋଟିଏ ହାଣ୍ଡି ପାଣି ବାହାରିବା ପରେ ନଳକୂପ ହ୍ୟାଣ୍ଡେଲ୍ ଶକ୍ତ ହୋଇଯାଉଛି। ଫଳରେ ଜଣେ ପାଣି ନେବା ପରେ ଅନ୍ୟ ଜଣକୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ଇଏ ତ' ଗଲା ପିଇବା ପାଣିର ସଂଘର୍ଷ କଥା। ଗାଧୋଇବା ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ କାମ ପାଇଁ ଦୂରରେ ଥିବା ନାଳ ଉପରେ ନିର୍ଭର କରୁଛନ୍ତି ଗାଁ ଲୋକେ। ମୁନିଗୁଡ଼ା ଆର୍‌ଡବ୍ଲୁଏସ୍‌ଏସ୍ ଉପଖଣ୍ଡ ଅଧୀନରେ ୪ଟି ବ୍ଲକ୍ ପାଇଁ ଗୋଟିଏ ମେଗା ପ୍ରକଳ୍ପ ସହ ୧୪ଟି ମିନି ମେଗା ପ୍ରକଳ୍ପ କାମ ଆରମ୍ଭ ହୋଇଛି। ତେଲେଙ୍ଗାପଦର ପଞ୍ଚାୟତକୁ ପାଣି ଯୋଗାଇବାକୁ ଧୋବାଗୁଡ଼ି ଠାରେ ପ୍ରାୟ ୪୮.୪ କୋଟି ଟଙ୍କା ବ୍ୟୟରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଚାଲିଛି। ସାହିର ପ୍ରତିଟି ଘର ଆଗରେ ଷ୍ଟାଣ୍ଡ ପୋଷ୍ଟ ପୋତା ସରିଛି। ହେଲେ କୋଟିକୋଟି ଟଙ୍କାର ଏହି ମେଗା ପ୍ରକଳ୍ପ କାମ ଭୂଇଁରୁ ଉଠିପାରିନାହିଁ। ଆଉ ସରପଞ୍ଚ କହୁଛନ୍ତି, ମୁଁ ଏ ବିଷୟରେ ଖବର ପାଇନଥିଲି, ୨୪ ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ କରାଯିବ। ଖରାଦିନେ ପାଣି ପାଇଁ ଚାରିଆଡେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ, କୋଟିକୋଟି ଟଙ୍କାର ଏହି ଅଧପନ୍ତରିଆ ମେଗା ପ୍ରକଳ୍ପ କାମ ତୁରନ୍ତ ଶେଷ କରିବାକୁ ଦାବି ହୋଇଛି।

## ବଜ୍ରାଘାତରେ ମହିଳାଙ୍କ ମୃତ୍ୟୁ
## ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି



**ଲାଞ୍ଜିଗଡ଼, ୧୩।୬(ସଂଚାର ବ୍ୟୁରୋ):** ଶୁକ୍ରବାର ଅପରାହ୍ନରେ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରବଳ ଝଡ଼ ତୋଫାନ ଓ ବର୍ଷା ସହିତ ବଜ୍ରପାତ ହୋଇଥିବାବେଳେ ଏଥିରେ ଜଣେ ମହିଳା କନକ ବେହେରା (୪୯)ଙ୍କ ମୃତ୍ୟୁ ଘଟିଛି। କନକ ଶୁକ୍ରବାର ଅପରାହ୍ନରେ ଅନ୍ୟ ତିନିଜଣ ମହିଳାଙ୍କ ସହିତ ମିଶି ବିଶ୍ୱନାଥପୁରରୁ ନିଜ ଗାଁ ଦାରପଟାକୁ ଫେରୁଥିଲେ। ସେହି ସମୟରେ ବିଜୁଳି ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ଓ ଝଡ଼ ତୋଫାନ ହୋଇଥିଲା। ସେହି ସମୟରେ ହୋଇଥିବା ବଜ୍ରାଘାତରେ କନକଙ୍କ ପ୍ରାଣବାୟୁ ଉଡିଯାଇଥିଲା। ଏ ସମ୍ପର୍କରେ ଖବର ପାଇ ପରିବାର ଲୋକଙ୍କ ସହିତ ବିଶ୍ୱନାଥପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବିଶ୍ୱନାଥପୁର ଥାନାରେ ୦୩/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଲାଞ୍ଜିଗଡ଼ ସ୍ଥିତ ଶବ ବ୍ୟବଛେଦ ଗୃହରେ ବ୍ୟବଛେଦ ପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଗାଁରେ ଶବ ପହଞ୍ଚିବା ପରେ ଏକ ଶୋକାକୁଳ ପରିସ୍ଥିତିରେ ଦାହସଂସ୍କାର କରାଯାଇଛି। ମୃତ ମହିଳାଙ୍କ ପରିବାର ଅତ୍ୟନ୍ତ ଗରିବ ଓ ଅସହାୟ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ବିଳମ୍ବିତ ରାତିରେ ଜଳିଗଲା ୪ବଖରା ଘର



**ବାଲିପାଟଣା, ୧୩।୬(ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଅନ୍ତର୍ଗତ ଦେଉଳିଧରପୁର କାଣ୍ଡି ସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ ଜଣଙ୍କ ୪ ବଖରା ଘର ଏବଂ ବହୁ ମୂଲ୍ୟବାନ ସମ୍ପତ୍ତି ପୋଡି ପାଉଁଶ ହୋଇ ଯାଇଛି। ସୂଚନା ମୁତାବକ ରାତି ପ୍ରାୟ ସାଢେ ଗୋଟେରେ ଏହି ଗ୍ରାମର ବିପନ ଭଞ୍ଜଙ୍କ ଘରେ ନିଆଁ ଲାଗିଥିଲା। ପରିବାର ଲୋକେ ଶୋଇଥିବା ଅବସ୍ଥାରେ ନିଆଁ ଲାଗି ବ୍ୟପି ଯାଇଥିଲା। ନିଆଁ ତାତି ଅନୁଭବ ହେବାରୁ ବିପିନଙ୍କ ଘର ଲୋକେ ଉଠି ପଡ଼ିଥିଲେ। ସେତେବେଳକୁ ନିଆଁ ଉଗ୍ର ରୂପ ଧାରଣ କରି ସାରିଥିଲା। ବିପିନଙ୍କ ଘର ପରେ ପଡ଼ୋଶୀ ବିଶ୍ୱନାଥ କାଣ୍ଡିଙ୍କ ଘରକୁ ନିଆଁ ବ୍ୟାପି ଯାଇଥିଲା।ପାଟି ଶୁଣି ଗ୍ରାମବାସୀ ଏବଂ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ନିଆଁ ଲିଭାଇବାରେ ସାହାଯ୍ୟ କରିବା ସହିତ ଅଗ୍ନିଶମ ବିଭାଗ କୁ ଜଣେଇ ଥିଲେକ୍ଷ୍ଣଅଗ୍ନିଶମ ବିଭାଗ ଗାଡି ପହଞ୍ଚିବା ପୂର୍ବରୁ ବିପିନଙ୍କ ୩ବଖରା ଚାଳ ଘର, ନଗଦ ପ୍ରାୟ ୬ହଜାର ଟଙ୍କା, ଧାନ. ଚାଉଳ ବହୁ ଆସବାବପତ୍ର, ଲୁଗାପଟା, ଜରୁରୀ କାଗଜପତ୍ର ସବୁ ପୋଡି ପାଉଁଶ ହୋଇ ଯାଇଛି। ବିଶ୍ୱନାଥ କାଣ୍ଡିଙ୍କର ୫ ବସ୍ତା ଧାନ ମଧ୍ୟ ପୋଡି ପାଉଁଶ ହୋଇଯାଇଛି। ବିଦ୍ୟୁତ ସର୍ଟ ସର୍କିଟରୁ ନିଆଁ ଲାଗିଥିବା ଲୋକେ ଅନୁମାନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବୀ ହୋଇଛି।

## ୧୯୯୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ



**ବାଲିକୁଦା, ୧୩।୬(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଗରାମ ସ୍ଥିତ ଚମ୍ପାବାଲି ମଠ ପ୍ରାଙ୍ଗଣରେ ବେଲବଣ ବିଦ୍ୟାଳୟର ୧୯୯୫ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଭବ୍ୟ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ତିନି ଦଶନ୍ଧି ପରେ ସହପାଠୀମାନେ ଏକାଠି ହୋଇ ବିଦ୍ୟାଳୟ ଜୀବନର ସ୍ମୃତିଚାରଣ କରିଥିଲେ।ଉତ୍ସବରେ ପରସ୍ପରକୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ସହ ଗୁରୁଜନମାନଙ୍କୁ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ଶିକ୍ଷକମାନେ ଗୁରୁ-ଶିଷ୍ୟ ସମ୍ପର୍କର ମହତ୍ତ୍ୱ ଏବଂ ଚରିତ୍ର ଗଠନରେ ଶିକ୍ଷାର ଭୂମିକା ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍ମୃତିଚାରଣ, ସାଂସ୍କୃତିକ ପରିବେଶନ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପୁରାତନ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ବିଦ୍ୟାଳୟର ଶିକ୍ଷା ଓ ଭିତ୍ତିଭୂମି ବିକାଶରେ ସହଯୋଗ କରିବାକୁ ସଂକଳ୍ପ ନେଇଥିଲେ। ଏହି ବନ୍ଧୁ ମିଳନ ଉତ୍ସବ ସମସ୍ତଙ୍କ ପାଇଁ ଏକ ଚିରସ୍ମରଣୀୟ ଅନୁଭୂତି ପାଲଟିଥିଲା।

## ସିଲିଣ୍ଡର ଦରବୃଦ୍ଧି ନେଇ ଚିନ୍ତାରେ ଗ୍ରାହକ

**ଜୟପୁର, ୧୩।୬(ସଂଚାର ବ୍ୟୁରୋ):** ରନ୍ଧନ ଗ୍ୟାସ ଦର ଆକାଶଛୁଆଁ ହେବା ପରେ କେବଳ ରୋଷେଇ ଘର ନୁହେଁ, କୋରାପୁଟ ଜିଲାର ବଜାର ହେଉକି ଗ୍ରାମାଂଚଳରେ ଛୋଟ ଛୋଟ ଜଳଖିଆ ଦୋକାନ ସବୁରି ଉପରେ ପଡ଼ିଛି ସିଧା ପ୍ରଭାବ। କୋରାପୁଟ ଜିଲାର ଜୟପୁର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡ, ଲମତାପୁଟରେ ସାଧାରଣ ବର୍ଗର ଲୋକଙ୍କ ଉପରେ ଏହାର ସିଧା ପ୍ରଭାବ ପଡ଼ିଛି। ଗୋଟିଏ ପଟେ ତେଲ, ଡାଲି, ପିଆଜ ଠାରୁ ଆରମ୍ଭ କରି ପ୍ରତିଟି ସଉଦା ଦର ବୃଦ୍ଧି, ଅନ୍ୟ ପଟେ ଗ୍ୟାସ ସିଲିଣ୍ଡର ଦରରେ ଲଗାତାର ବୃଦ୍ଧି ମଧ୍ୟବିତ ପରିବାର ସହ ପେଟପାଟଣା ପାଇଁ ଛୋଟ ଜଳଖିଆ ଦୋକାନ କରି ଚଳୁଥିବା ଶହ ଶହ ପରିବାରଙ୍କ ଚିନ୍ତା ବଢ଼ାଇ ଦେଇଛି। ପ୍ରତ୍ୟେକ ଦିନ ପିଲାଙ୍କ ଟିଫିନ ସାମଗ୍ରୀ କମାଇବାକୁ ପଡୁଛି। ଯାହାକି ମଧ୍ୟବିତଙ୍କ ବଜେଟ ବିଗିଡି ଗଲାଣି। କିନ୍ତୁ ପୁନର୍ବାର ଦର ବୃଦ୍ଧି ଚିନ୍ତାରେ ପକାଇଛି। ତେଲ, ବେସନ, ଆଳୁ ଦର ବି ବଢ଼ିଛି।

## ଖାଦ୍ୟ ସାମଗ୍ରୀରେ ଭେଜାଲ, ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ ଦାବି

**ଜୟପୁର, ୧୩।୬(ସଂଚାର ବ୍ୟୁରୋ):** ପ୍ରତ୍ୟେକ ଖାଦ୍ୟ ସାମଗ୍ରୀରେ ଭେଜାଲ ହେଉଛି। ଏଣୁ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢଉ କରାଯିବା ପାଇଁ କୋରାପୁଟ ଜିଲାବାସୀ ଦାବି କରିଛନ୍ତି। ଚାଉଳ, ଡାଲି, ତେଲ, ମସଲାରେ ବି ଭେଜାଲ ହେଉଛି। କୋରାପୁଟ ଜିଲାର ଲମତାପୁଟ, କୋଟପାଡ, ସେମିଳିଗୁଡା, କୁନ୍ଦୁରା, ବୈପାରିଗୁଡା, ଲକ୍ଷ୍ମୀପୁର କୋରାପୁଟ, ଜୟପୁରରେ ଥିବା ଗ୍ରୋସରୀ ଦୋକାନରେ ନିର୍ଦ୍ଦିଷ୍ଟ ସ୍ଥାନରୁ ନିମ୍ନ ମାନର ସାମଗ୍ରୀ ଆଣି ଖୁଲମଖୁଲ୍ଲା ବିକ୍ରି ହେଉଛି ଭେଜାଲ ଓ ନିମ୍ନମାନର ରାସନ ସାମଗ୍ରୀ। ଏହି ବିଷ ଖାଇ ଲୋକେ ରୋଗରେ ପଡୁଥିବା ବେଳେ ଦୋକାନି ବ୍ୟବସାୟୀ ମାନେ ମାଲେ ମାଲ ହେଉଛନ୍ତି।

## ଡମ୍ଫର-ବାଇକ ଧକ୍କାରେ ୨ ମୃତ, ଜଣେ ଗୁରୁତର



**ବୈଶିଙ୍ଗା, ୧୩।୬(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡଦେଉଳିଆ ପଞ୍ଚାୟତର ବାଲକା ଗ୍ରାମ ଠାରେ ଅପରାହ୍ନ ୪.୩୦ ମିନିଟ ସମୟରେ ଏକ ବାଲି ବୋଝେଇ ଡମ୍ଫର ସହିତ ତିନିଜଣ ସବାର ଥିବ ଏକ ବାଇକ ଧକ୍କା ହେବା ଫଳରେ ଦୁଇ ବାଇକ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ଗୁରୁତରକୁ ବାଲେଶ୍ୱର ନିଆଯାଇଥିବାର ଜଣାଯାଇଛି। ଘଟଣାରୁ ପ୍ରକାଶ ଓଡି ୧୧ ଏଇ ୬୪୧୮ ନମ୍ବର ବିଶିଷ୍ଟ ଡମ୍ଫର ବାଲି ବୋଝେଇ କରି ଗଡ଼ଦେଉଳିଆ ଅଭିମୂଖେ ଯାଉଥିବା ବେଳେ ଓଡି ୦୧ ବି ଏ ୩୫୮୩ ନମ୍ବର ବାଇକ ରେ ବାଙ୍କତିରା ଗ୍ରାମର ସଦାନନ୍ଦ ଜେନା ଙ୍କ ପୁତ୍ର ମୁକ୍ତିକାନ୍ତ ଜେନା (୩୫), ସନ୍ତୋଷ ଜେନାଙ୍କ ପୁତ୍ର ଶଙ୍କର ଜେନା (୨୩), ମୋହନ ଦଳେଇଙ୍କ ପୁତ୍ର ରୁପକ (୨୫) ଦୃତ ଗତିରେ ଆସି ଡମ୍ଫର ସହିତ ଧକ୍କା ହୋଇଯାଇଥିଲେ, ଘଟଣା ସ୍ଥଳରେ ରୁପକ ଓ ଶଙ୍କର ଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ମୁକ୍ତି କାନ୍ତ କୁ ଗୁରୁତର ଭାବେ ବାଲେଶ୍ୱର ନେଇ ଯାଇଥିଲେ। ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଅଧିକ ତଦନ୍ତ ଜାରି ରଖିଛି।

## ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ଫିରିଙ୍ଗିଆ, ୧୩।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ସୁମେରବନ୍ଧ ପଞ୍ଚାୟତର ବିଭିନ୍ନ ଜନସମସ୍ୟାର ସମାଧାନ ଦାବି କରି ଗ୍ରାମବାସୀମାନେ ବିଧାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକ ପ୍ରତିନିଧି ଶ୍ରୀ ପ୍ରଶାନ୍ତ କୁମାର କମ୍ପ ଙ୍କ ଜରିଆରେ ଏହି ଦାବିପତ୍ର ହସ୍ତାନ୍ତର କରାଯାଇଥିଲା। ସୂଚନା ଅନୁଯାୟୀ, ସୁମେରବନ୍ଧ ପଞ୍ଚାୟତର ବଜଡି ଗ୍ରାମରେ ଦୀର୍ଘଦିନ ଧରି ଅନେକ ମୌଳିକ ସମସ୍ୟା ଲାଗି ରହିଛି। ବିଶେଷକରି ରବିଲାଦାରୁ ଡେମାଙ୍ଗି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଦାବି ଜୋର ଧରିଛି। ସେହିପରି ବଜଡି ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଯିବା ପରେ ନିକଟବର୍ତ୍ତୀ ଅଞ୍ଚଳରେ ଅନ୍ୟ କୌଣସି ବିଦ୍ୟାଳୟ ନଥିବାରୁ ଛାତ୍ରଛାତ୍ରୀମାନଙ୍କୁ ପ୍ରାୟ ୬ କିଲୋମିଟର ଦୂରକୁ ଯାଇ ପାଠପଢ଼ିବାକୁ ପଡୁଛି। ଫଳରେ ଶିକ୍ଷାଗ୍ରହଣରେ ବହୁ ଅସୁବିଧା ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ତ ସମସ୍ୟାର ଶୀଘ୍ର ସମାଧାନ ଦାବି କରି ଗ୍ରାମବାସୀମାନେ ବିଧାୟକ ପ୍ରତିନିଧି ଶ୍ରୀ ପ୍ରଶାନ୍ତ କୁମାର କମ୍ପ ଙ୍କୁ ଗ୍ରାମକୁ ଆମନ୍ତ୍ରଣ କରିଥିଲେ। ସେ ଗ୍ରାମ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣିବା ସହ ବିଧାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ଗ୍ରାମର ମୁଖିଆ ଚକ୍ର ପ୍ରଧାନ, ଚିତ୍ରସେନ ପ୍ରଧାନ, ରବିଦଳ ବେହେରା, ଇରାନ ପ୍ରଧାନ, ଯୁବ ସମାଜସେବୀ ଚିତ୍ରସେନ ଦଳବେହେରାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଦାବିପତ୍ରରେ ଉଲ୍ଲେଖିତ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ଓ ଜନପ୍ରତିନିଧିଙ୍କ ହସ୍ତକ୍ଷେପ ଦାବି କରାଯାଇଛି।

## ଗୋ ମାଫିଆ ଘରେ ଚୋରି ପୁଲିସର ମିଳିତ ଚଢ଼ାଉ



**ବୈଶିଙ୍ଗା, ୧୩।୬(ସଂଚାର ବ୍ୟୁରୋ):** ଇଦ୍ର ପୂର୍ବ ଦିନ ମୟୂରଭଞ୍ଜ ପୋଲିସକୁ ଏକ ବଡ ସଫଳତା ମିଳିଥିଲା। ପାହିବା ବେଳକୁ ହଠାତ୍ ମାଡି ଆସିଲେ ପ୍ଲାଟୁନ ପ୍ଲାଟୁନ ପୁଲିସ୍ ଫୋର୍ସ। କିଛି ନ ବୁଝିବା ପୂର୍ବରୁ ଘେରିଗଲେ ଗାଁ ଦାଣ୍ଡ। ଆଉ କିଛି ଲୋକଙ୍କ ଘର ଭିତରୁ ଗୋରୁ ଗାଈଙ୍କୁ ବାନ୍ଧି ଆଣି ଗାଁର ଗୋଟାଏ ଜାଗାରେ ରୁଣ୍ଡ କରିଦେଇଥିଲେ। ଏହିପରି ଘଟଣା ଦେଖିବାକୁ ମିଳିଥିଲା ମୟୂରଭଞ୍ଜ-ବାଲେଶ୍ୱର ଜିଲ୍ଲାର ସୀମାନ୍ତବର୍ତ୍ତୀ ଜଙ୍ଗରାଇ ଉପକଣ୍ଠ ବୈଶିଙ୍ଗା ଥାନା ଅଧିନ ଦାହିବାଡି, ଗୋବିନ୍ଦରାୟପୁର ଓ ତାଳପଦା ଗ୍ରାମରେ। ପ୍ରାପ୍ତ ସୂଚନା ମୁତାବକ ବେଆଇନ ଭାବେ ଇଦ୍‌ରେ କୁରବାନୀ ଦେବାପାଇଁ ଶାତାଧିକ ଗୋରାଗାଈଙ୍କୁ ରଖାଯାଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳ ଙ୍କୁ ଜଣାଇଥିଲେ। ତାଙ୍କ ନେତୃତ୍ୱରେ ବୈଶିଙ୍ଗା, ବେତନଟୀ, ମୋରଡା, ବଡ଼ସାହି ହ୍ୟ ରାସଗୋବିନ୍ଦପୁର ପୋଲିସକୁ ନେଇ ଏକ ଟିମ ଗଠନ କରି ମିଳିତ ଭାବେ ବଡ ଧରଣର ଚଢାଉ ଜାରି ରଖିଥିଲା ପୋଲିସ। ଏହି ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ସେତେବେଳେ ସୂଚନା ଦେଇଥିଲେ ପୋଲିସ ଉପଖଣ୍ଡ ଅଧିକାରିଣୀ ମିନତୀ ବିଶ୍ୱାଳ। ଏ ନେଇ ତାଳପଦା ଗ୍ରାମର ମଲ୍ଲିକ ଉସମାନ ର ପୁଅ ଡାକ୍ତର ଓରଫ୍ ମଲ୍ଲିକ ଉସ୍ତାର କୁ ଗିରଫ କରିଥିଲେ, ଏବଂ ଆଉ ଜଣେ ଗୋବିନ୍ଦରାୟପୁର ଗ୍ରାମର ସେକ ମହମ୍ମଦ ର ପୁଅ ଫକୀର ଓରଫ ଅସିକୁର ରେହେମାନ ଫେରାଇ ହୋଇଯାଇଥିଲା। ତେବେ ଆଜି ଶନିବାର ଏହି ଚଢାଉ ସମୟରେ ପୁଲିସ ଉପଖଣ୍ଡ ଅଧିକାରୀଙ୍କ ସମେତ ଦୁଇ ପ୍ଲାଟୁନ ଫୋର୍ସ ଓ ୪ ଗୋଟି ଥାନାର ଅଧିକାରୀ ବେତନଟୀ ଥାନାଧିକାରୀ କ୍ରୀଷ୍ଣା ପିଙ୍ଗୁଆ, ବୈଶିଙ୍ଗା ଥାନାଧିକାରୀ ବାରିଣି ଦାସ, ମୋରଡା ଥାନାଧିକାରୀ ସୁମିତ ସୋରେନ ଏବଂ ବଡ଼ସାହି ଥାନାଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ଉପସ୍ଥିତ ରହି ଚଢାଉ କରି ଥିବା ବେଳେ ପୂର୍ବ ଫେରାର ଆସାମୀ କୁ ପାଇନଥିଲେ। ବ୍ୟାଙ୍କ ପାସବୁକ ସହିତ କିଛି ବେଆଇନ କାଗଜ ପତ୍ର ସିଜ୍ କରିଥିବାର ଜଣାଯାଇଛି।

## ● ନବୋଦୟ ଛାତ୍ର ଗୋକୁଳ କହଁରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା
## ନିରପେକ୍ଷ ତଦନ୍ତ ଓ ୫୦ ଲକ୍ଷ କ୍ଷତିପୂରଣ ଦାବି ?



**ଫିରିଙ୍ଗିଆ, ୧୩।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫୁଲବାଣୀ ନିକଟସ୍ଥ ତୁଡ଼ିପାଜୁ ସ୍ଥିତ ନବୋଦୟ ବିଦ୍ୟାଳୟର +୨ ଦ୍ୱିତୀୟ ବର୍ଷ ଛାତ୍ର ଗୋକୁଳ କହଁରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ସହ ପୀଡ଼ିତ ପରିବାରକୁ ନ୍ୟାୟ ପ୍ରଦାନ କରିବା ଦାବିରେ ଜୁନ ୧୨ ତାରିଖ ଶୁକ୍ରବାର ଦିନ ଆଦିବାସୀ ମହାସଂଘ ଓଡ଼ିଶା (ଏଏମ୍‌ଓ) କନ୍ଧମାଳ ଶାଖା, କୁଇ ସମାଜ ସେବା ସମିତି ଫୁଲବାଣୀ ଓ କୁଇ ସମାଜ ଯୁବ ପରିଷଦର କର୍ମକର୍ତ୍ତାମାନେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ରାମେନ୍ଦ୍ର ପ୍ରସାଦଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ଅନ୍ତର୍ଗତ କୁଏରିମାଣ୍ଡି ଗ୍ରାମ ପଞ୍ଚାୟତର ତିତେରିପାଲା ଗ୍ରାମର ବାସିନ୍ଦା ସୁରେଶ କହଁର ଓ କୁମୁଦିନୀ କହଁରଙ୍କ ପୁଅ ଗୋକୁଳ କହଁର ଗତ ଏପ୍ରିଲ ୨୦ ତାରିଖରେ ନବୋଦୟ ବିଦ୍ୟାଳୟର ଏକ ହଷ୍ଟେଲ କୋଠରୀରେ ସନ୍ଦେହଜନକ ଅବସ୍ଥାରେ ମୃତ ଅବସ୍ଥାରେ ପାଇଥିଲେ। ଘଟଣାକୁ ନେଇ ପରିବାର ପକ୍ଷରୁ ଫୁଲବାଣୀ ସଦର ଥାନାରେ ହତ୍ୟା ଅଭିଯୋଗ ଆଧାରରେ ମାମଲା ରୁଜୁ କରିବାକୁ ଦାବି କରାଯାଇଥିଲେ ମଧ୍ୟ ଦୀର୍ଘ ୪୫ ଦିନ ବିତିଯାଇଥିବା ସତ୍ତ୍ୱେ ମାମଲା ରୁଜୁ ହୋଇନଥିବା ଅଭିଯୋଗ ହୋଇଛି।ଗତ ଜୁନ ୯ ତାରିଖରେ ପୀଡ଼ିତ ପରିବାର ସହ ଆଦିବାସୀ ମହାସଂଘ କନ୍ଧମାଳ ଓ କୁଇ ସମାଜ ସେବା ସମିତିର କର୍ମକର୍ତ୍ତାମାନେ ଥାନା ଅଧିକାରୀଙ୍କୁ ଭେଟି ଘଟଣାର ତଦନ୍ତ ଓ ମାମଲା ରୁଜୁ ପାଇଁ ଦାବି ଜଣାଇଥିଲେ। ତେବେ ଏହା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ସଂଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଥିଲା।

## ବେନିୟମ କରତକଳ ଉପରେ ଚଢ଼ାଉ



**ଭଞ୍ଜନଗର, ୧୩।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ ଖଇରପଟି ଗ୍ରାମ ନିକଟରେ ଖୋଲାରେ ଚାଲୁଥିବା ଏକ ବେନିୟମ କରତକଳ ଉପରେ ବନ ବିଭାଗ ପକ୍ଷରୁ ଶନିବାର ଚଢ଼ାଉ କରାଯାଇଥିଲା। ଏନେଇ ଅଭିଯୁକ୍ତ ଜଣଙ୍କ ଜାଣି ସେଠାରୁ ଖସି ପଳାଇଥିଲେ। ଏହାପରେ ସେଠାରେ ଟ୍ରାକ୍ଟରରେ ଲାଗିଥିବା କରତକଳ ମେଶିନ ଜବତ କରାଯାଇଥିଲା। ଏଥିସହ ୨ ସିଫ୍ଟ ଆକାଶିଆ କାଠ ଜବତ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତ ଜଣଙ୍କ ଟ୍ରାକ୍ଟର ଗାଡ଼ିରେ କରତକଳ ମେଶିନ ଲଗାଇ ବିଭିନ୍ନ ଆଡ଼େ ବୁଲିବୁଲି କାଠ କାଟନ୍ତି। ଏଥିସହ ଗ୍ରାମ ନିକଟରେ ମଧ୍ୟ କାଟନ୍ତି। ଅଭିଯୁକ୍ତ ଜଣକ ବେନିୟମ ଭାବେ ଏହିଭଳି କାର୍ଯ୍ୟ କରୁଥିବା ନେଇ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କ ପାଖରେ ପହଞ୍ଚିଥିଲା। ଏହାପରେ ରେଞ୍ଜର ପୃଥିବୀରାଜ ପ୍ରଧାନଙ୍କ ନେତୃତ୍ୱରେ ଉତ୍ତର ଘୁମୁସର ବନଖଣ୍ଡ କର୍ମଚାରୀ, ଦକ୍ଷିଣ ଘୁମୁସର ବନଖଣ୍ଡ କର୍ମଚାରୀ ଏବଂ ପୋଲିସ ମିଳିତ ଭାବେ ଅଚାନକ ଚଢ଼ାଉ କରିଥିଲେ। ଏଥିସହ ବନ ବିଭାଗ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

## ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ପାଇଁ ଦାବି
# ଖାଲଖମା ଓ ମାଟି ରାସ୍ତା ଉପରେ ନିର୍ଭର



**ଫିରିଙ୍ଗିଆ, ୧୩।୬(ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଗାଁକୁ ଗାଁ ରାସ୍ତା ସଂଯୋଗ କରୁଥିବା ବେଳେ ଆଜି ମଧ୍ୟ କିଛି ଗାଁ ପକ୍କା ରାସ୍ତା ସୁବିଧାରୁ ବଞ୍ଚିତ ରହିଛି। ବିଭାଗୀୟ ଅବହେଳା ଯୋଗୁଁ ଅନେକ ଦୁର୍ଗମ ଅଞ୍ଚଳକୁ ଏପର୍ଯ୍ୟନ୍ତ ରାସ୍ତା ପହଞ୍ଚି ପାରିନଥିବାରୁ ସେଠାକାର ଲୋକେ ଖାଲଖମା ଓ ମାଟି ରାସ୍ତା ଉପରେ ନିର୍ଭର କରି ଜୀବନଯାପନ କରୁଛନ୍ତି। ଏଭଳି ସମସ୍ୟା କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଭୃଙ୍ଗିଯୋଡି ପଞ୍ଚାୟତର କଡୁରାହା ଛକରୁ କରୁକଜା ଓ ଗାଜୁରୁଘାଟି ପର୍ଯ୍ୟନ୍ତ ରାସ୍ତାରେ ଦେଖିବାକୁ ମିଳିଛି। କଡୁରାହା ଛକରୁ ପ୍ରାୟ ୪ କିଲୋମିଟର ଦୂର ଏହି ରାସ୍ତା ଉପରେ ଡହିଙ୍ଗିଆ, ଡାଡିଲାଇ, ମହଲିଙ୍ଗିଆ, କରୁକଜା, ଗଣିବାଲି ଓ ଗାଜୁରୁଘାଟି ଭଳି ଗାଁ ଓ ସାହିର ଲୋକେ ବର୍ଷସାରା ଯାତାୟାତ କରିଥାନ୍ତି।ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଭତ୍ତା, ରାସନ ସାମଗ୍ରୀ ଆଣିବା, ପଞ୍ଚାୟତ କିମ୍ବା ବ୍ଲକ କାର୍ଯ୍ୟାଳୟକୁ ଯିବା ସହ ଅନ୍ୟାନ୍ୟ ଜରୁରୀ କାମ ପାଇଁ ଏହି ରାସ୍ତା ହିଁ ଏକମାତ୍ର ଭରସା। ବିଶେଷକରି ବର୍ଷା ଦିନେ ରାସ୍ତା କାଦୁଅ ଓ ପଚପଚ ହୋଇଯାଉଥିବାରୁ ଯାତାୟାତ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼େ। ଅନେକ ସମୟରେ ବାଇକ୍ ଚଳାଚଳ ତ ଦୂରର କଥା, ପାଦରେ ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡୁଛି। ଫଳରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ସମେତ ଅନ୍ୟାନ୍ୟ ସରକାରୀ ସୁବିଧା ଗ୍ରାମଗୁଡ଼ିକରେ ଠିକ୍ ସମୟରେ ପହଞ୍ଚି ପାରୁନାହିଁ। ଏହି ପରିପ୍ରେକ୍ଷୀରେ କଡୁରାହା ଛକରୁ କରୁକଜା ଓ ଗାଜୁରୁଘାଟି ପର୍ଯ୍ୟନ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ସାମିଲ କରି ପକ୍କା ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି। ତେବେ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ ହୋଇଛି। ତେଣୁ ପ୍ରଶାସନ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।